

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୯ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 29 APRIL 2024
Vol.No. 35 ■ No.115 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଓଡ଼ିଆ ଅସ୍ମିତା ଏବେ ସଙ୍କଟରେ: ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ, ୨୮/୪ : ଦେଶ ଓ ରାଜ୍ୟରେ ଏବେ ନିର୍ବାଚନ ଋତୁ ଚାଲିଛି। ୨୦୨୪ ମହାସଂଗ୍ରାମ ଭିତରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ସମ୍ପର୍କରେ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଆ ଅସ୍ମିତା ଏବେ ସଙ୍କଟରେ ରହିଛି। ରାଜ୍ୟ ବିଜେପି କ୍ଷମତାସୀନ ବିଜେଡି ବିରୋଧରେ ଲଢ଼ିବାକୁ ଓଡ଼ିଆ ଅସ୍ମିତାକୁ ମୁଖ୍ୟ ପ୍ରସଙ୍ଗ କରିଛି। ସେହିପରି ଆଜି ମଧ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ବିଜେଡିକୁ ଟାର୍ଗେଟ କରିବା ବେଳେ ବାହାର ଲୋକଙ୍କୁ ଓଡ଼ିଶା ସରକାର ପ୍ରଶ୍ରୟ ଦେଉଛନ୍ତି ବୋଲି କହିଥିଲେ। ଏହାକୁ ନେଇ ବିଜେଡି ବ୍ୟାକଫୁଟରେ ଥିବା ବେଳେ ଆଜି ମୋଦି ଓଡ଼ିଆ ଅସ୍ମିତା ପ୍ରସଙ୍ଗକୁ ଆହୁରି ତୀବ୍ର କରିଛନ୍ତି। ଗୋଟିଏ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଓଡ଼ିଶା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି ବଡ଼ ମନ୍ତବ୍ୟ ଦେଇଛନ୍ତି। ଓଡ଼ିଶା ସଂକ୍ରାନ୍ତ ପ୍ରଶ୍ନରେ ମୋଦି କହିଛନ୍ତି, " ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା ଏବେ ବିପଦରେ ଅଛି। ବିଜୁ ଜନତା ଦଳ ଆମକୁ ପ୍ରସଙ୍ଗ ଭିତ୍ତିରେ ସମର୍ଥନ ଦେଉଥିଲା। ଏଭଳି ଅନେକ ଦଳ ଆମକୁ ପ୍ରସଙ୍ଗ ଭିତ୍ତିକ ସମର୍ଥନ କରଛନ୍ତି। ବିଜେଡି ସହ ଆମର ସଂପର୍କ ରାଜ୍ୟରେ ପୂରା ଅଲଗା। ଓଡ଼ିଶାର ପୂରା ଅସ୍ମିତା ଏବେ ଶେଷ ହେବାକୁ ବସିଛି। ଓଡ଼ିଆ ଭାଷା ଓ ଅସ୍ମିତା ଏବେ ସଂକଟରେ ରହିଛି। ଓଡ଼ିଶାବାସୀ ଏହାକୁ ଆଉ ବରଦାସ୍ତ କରିବେ ବୋଲି ଭାବୁନି। ପ୍ରାକୃତିକ ସଂପଦରେ ଭରପୂର ରହିଛି ଓଡ଼ିଶା। ଏତେ ସଂପଦରେ ପରିପୂର୍ଣ୍ଣ ଓଡ଼ିଶା ୧ ନମ୍ବର ଧନୀ ରାଜ୍ୟ ହେବା କଥା। କିନ୍ତୁ ଓଡ଼ିଶାର ସ୍ଥିତି ଏବେ କଣ ଆପଣ ଦେଖୁଥିବେ। ଏଭଳି ସ୍ଥିତିରେ ଆମକୁ ଓଡ଼ିଶାର ସେବା ପାଇଁ ସୁଯୋଗ ମିଳିବା ଦରକାର। ଆମକୁ ସୁଯୋଗ ମିଳିଲେ, ଆମେ ଓଡ଼ିଶାକୁ ନୂଆ ଶିଖରକୁ ନେବୁ।" ଏହାବାଦ ମୋଦି ଉକ୍ତ ସାକ୍ଷାତକାରରେ କଂଗ୍ରେସ ସମ୍ପର୍କରେ ମଧ ରଖି ଦଳକୁ ତୀବ୍ର ସମାଲୋଚନା କରିଛନ୍ତି। ଏଥିସହ ୨୦୪୭ ବିକଶିତ ଭାରତ କଥା ଦୋହରାଇଛନ୍ତି।

## କଳବଲ କରୁଛି ତାତି: ୪୩ ଡିଗ୍ରୀ ଉପରେ ୧୨ ସହରର ତାପମାତ୍ରା



ଭୁବନେଶ୍ୱର, ୨୮/୦୪ (ନି.ପ୍ର): ଅସହ୍ୟ ତାତିରୁ ମିଳୁନି ନିସ୍ତାର। ସୂର୍ଯ୍ୟକୋପରେ ଜଳୁଛି ସାରା ଓଡ଼ିଶା। ଉପକୂଳରୁ ଠାରୁ ଆରମ୍ଭ କରି ଉପାନ୍ତ ଯାଏ ସବୁଠି ହେଉଛି ଅଗ୍ନିବର୍ଷା। ସକାଳ ୮ଟାରୁ ଘରୁ ବାହାରିବା ମୁସ୍କିଲ। ଏହିକ୍ରମରେ ଆଜି ୧୨ଟି ସହରରେ ଦିନ ତାପମାତ୍ରା ୪୩ ଡିଗ୍ରୀ ବା ତା' ଠାରୁ ଉପରେ ରେକର୍ଡ କରାଯାଇଛି। ସେହିପରି ୨୭ ସହରର ତାପାମତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଜି ସବୁଠୁ ଉତ୍ତପ୍ତ ସ୍ଥାନ ପାଲଟିଛି ଅନୁଗୋଳ। ଏଠାରେ ପାରଦ ୪୪.୩ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ବୌଦ୍ଧରେ ଆଜି ତାପମାତ୍ରା ୪୪.୧ ଡିଗ୍ରୀ, ବାରିପଦାରେ ୪୪, ନୟାଗଡ଼ ଓ କଟକରେ ୪୩.୭, ଢେଙ୍କାନାଳରେ ୪୩.୬, ତାଳଚେର, ଟିଟିଲାଗଡ଼ ଏବଂ ମାଲକାନଗିରିରେ ୪୩.୫, ବଲାଙ୍ଗିରରେ ୪୩.୩, ରାଜଧାନୀ ଭୁବନେଶ୍ୱରରେ ୪୩.୨, ଭବାନୀପାଟଣାରେ ୪୩ ଡିଗ୍ରୀ ରେକର୍ଡ କରାଯାଇଛି। ▶▶ପୃଷ୍ଠା ୭

## ବାଇକ୍‌କୁ ପିଟିଲା ଟ୍ରକ୍: ଯୁବକ ମୃତ

ବୌଦ୍ଧ, ୨୮/୪ (ନି.ପ୍ର): ବୌଦ୍ଧ ଫୁଲବାଣୀ ରାଣୀପଥର ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ବାଇକ ଉପରେ ଚଢ଼ିଗଲା ଟ୍ରକ। ଘଟଣା ସ୍ଥଳରେ ଜଣେ ମୃତ ଅନ୍ୟଜଣେ ଗୁରୁତର। ମୃତକର ପରିଚୟ ମିଳିପାରି ନଥିବା ବେଳେ ଗୁରୁତର ଜଣ ହେଲେ ରାହୁଲ ଡାକଚି। ଆଜି ସକାଳେ ଗୋଟିଏ ବାଇକ୍‌ରେ ଜଣେ ଯୁବକ ବୌଦ୍ଧରୁ-ଫୁଲବାଣୀ ଯାଉଥିଲେ। ଚାରିଛକ ପାଖରେ ରାହୁଲ ତାଙ୍କୁ ଲିଫ୍ଟ ମାଗିଥିଲେ। ଆଉ ତାଙ୍କୁ ଲିଫ୍ଟ ଦେଥିଲେ ବାଇକ୍ ଚାଳକ। ଉଭୟ ଫୁଲବାଣୀ ଅଭିମୁଖେ ଚାଲିଥିଲେ। କିଛି ବାଟ ଗଲାପରେ ଆଗରେ ଗୋଟିଏ ଘାଟି ପଡ଼ିଲା। ସେଇ ଘାଟିରେ ଯାଉଥିବା ବେଳେ ଫୁଲବାଣୀ ପଟୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ ସାମ୍ନାରୁ ବାଇକ୍‌କୁ ଧକ୍କା ଦେଥିଲା। ଫଳରେ ପଛରେ ବସିଥିବା ଯୁବକ ଜଣକ ଛିଟିକିକି ହୋଇ ପଡ଼ିଥିଲେ। ଆଉ ବାଇକ୍ ଚାଳକଙ୍କ ମଣ୍ଡ ଉପରେ ଟ୍ରକ୍‌ଟି ଚଢିଯାଇଥିଲା। ଘଟଣା ସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିଲା। ଆଉ ପଛରେ ବସିଥିବା ଯୁବକ ଜଣଙ୍କ ଗୁରୁତ ଭାବେ ଆହାତ ହୋଇଥିଲେ। ଘଟଣା ସସ୍ଥଳରେ ସ୍ଥାନୀୟ ଲୋକ ପହଞ୍ଚି ଚାରିଛକ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ▶▶ପୃଷ୍ଠା ୭

## ଓଡ଼ିଶାରେ ସରକାର ପରିବର୍ତ୍ତନ ପାଇଁ ଆହ୍ୱାନ ଦେଲେ ଜେପି ନଡ୍ଡା



ବ୍ରହ୍ମପୁର, ୨୮/୪ (ନି.ପ୍ର): ବ୍ରହ୍ମପୁରର ଆମ୍ବପୁଆରେ ଆୟୋଜିତ ବିଜେପିର ବିଜୟ ସଂକଳ୍ପରେ ଆଜି ଦଳୀୟ କର୍ମୀ ଓ ନେତାଙ୍କୁ ସମ୍ବୋଧନ କରିଛନ୍ତି ଦଳର ଅଧକ୍ଷ ଜେପି ନଡ୍ଡା। ସେ ଜୟଜଗନ୍ନାଥ କହି ନିଜର ଭାଷଣ ଆରମ୍ଭ କରିବା ସହ ମଧୁ ବାବୁ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହାପରେ ଜେପି ନଡ୍ଡା ଓଡ଼ିଶାରେ ଶାସନ ପରିବର୍ତ୍ତନ କରିବାକୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାକୁ ଆଗକୁ ଏ ନିର୍ବାଚନ। ଏହା ସମସ୍ତଙ୍କୁ ମନ ରଖିବାକୁ ହେବ ବୋଲି ନଡ୍ଡା କହିଛନ୍ତି। ସେ କହିଛନ୍ତି, "ଏ ସରକାର ବଦଳିବା ଦରକାର। ଆୟୁଷ୍ମାନ ଭାରତ ଯୋଜନାରୁ ଓଡ଼ିଶା ଲୋକ ବଞ୍ଚିତ ରହିଛନ୍ତି। ଏଭଳି ସରକାର ରହିବା ଅନୁଚିତ। ସରକାର ବଦଳିବା ଦରକାର। ବିପକ୍ଷ ସରକାର ଥିବା ସତ୍ତ୍ୱେ ମୋଦି ସର୍ବାଧିକ ଅନୁଦାନ ଦେଇଛନ୍ତି। ରେଲୱେରେ ଓଡ଼ିଶା ପାଇଁ ୧୨ ଗୁଣା ବଜେଟ ବଢ଼ାଯାଇଛି। ୫୫୦ କୋଟି ଟଙ୍କାରେ ୨୫ ରେଳ ଷ୍ଟେସନ କାମ ଚାଲିଛି।"ସେ କହିଛନ୍ତି, ବ୍ରହ୍ମପୁରରେ ପ୍ରଦୀପ ପାଣିଗ୍ରାହୀ ଓ ଅନ୍ୟ ୫ ବିଧାୟକ ପ୍ରାର୍ଥୀଙ୍କୁ ସମସ୍ତେ ଜିତାଇବା। ଭାରତର ରାଜନୀତିର ସଂସ୍କୃତି ଓ ପରିଭାଷାକୁ ବଦଳାଇ ଦେଇଛନ୍ତି ମୋଦି ସରକାର। ଲୋକମାନେ ୧୦ ବର୍ଷ ତଳେ ଭାବି ନେଇଥିଲେ ଯେ ଏଠାରେ କିଛି ବି ବଦଳିବ ନାହିଁ। ରାଜନୀତି ଭ୍ରଷ୍ଟାଚାରୀଙ୍କ ହାତରେ ରହିବ ବୋଲି ଲୋକମାନେ ଭାବୁଥିଲେ। ହେଲେ ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଦୁନିଆ କହୁଛି ଭାରତ ବଦଳି ଯାଇଛି। ଏବେ ବିକଶିତ ଭାରତ ଆଭିମୁଖ୍ୟକୁ ନେଇ ▶▶ପୃଷ୍ଠା ୭

## ଚେକିଂ ବେଳେ ରାଜଧାନୀରୁ ଜବତ ହେଲା ୩ ଲକ୍ଷରୁ ଅଧିକ ଟଙ୍କା

ଭୁବନେଶ୍ୱର, ୨୮/୦୪ (ନି.ପ୍ର): ଏବେ ନିର୍ବାଚନ ଆଚରଣ ବିଧି ଲାଗୁ ସେଥି ପାଇଁ ସବୁଠି ବ୍ଲକିଂ ଆଉ ଚେକିଂ ଚାଲିଛି। ରାଜଧାନୀରୁ ଚେକିଂ ବେଳେ ମିଳିଲା ପୂଳାପୂଳା ଟଙ୍କା। କାରରୁ ମିଳିଲା ୩ ଲକ୍ଷ ୬୦ ହଜାର ଟଙ୍କା। ଟଙ୍କା ନେଉଥିବା ବ୍ୟକ୍ତି ଜଣକ ହେଉଛନ୍ତି ଅମ୍ଲାନ ଯୋତି ପ୍ରକାଶ ସିଂ। ସେ ଏକ ପାଣି ପାଉଚ କମ୍ପାନୀର ମାଲିକ। ତାଙ୍କ ଘର ହେଉଛି ଚନ୍ଦକା। ପୁଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ସୂଚନା ଅନୁସାରେ, ଶନିବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଓମ୍ଫେଡ଼ ଛକ ନିକଟରେ ଚେକିଂ ଚାଲିଥିବା ବେଳେ ଗାଡ଼ିରୁ ଜବତ ହୋଇଛି ୩ ଲକ୍ଷ ୬୦ ହଜାର ଟଙ୍କା। ଚନ୍ଦ୍ରଶେଖରପୁର ଥାନା ପୁଲିସ ଏହି ଟଙ୍କା ସହ ଗାଡ଼ିକୁ ଜବତ କରିଛି। ପ୍ରକୃତରେ କାହାର ଏହି ଟଙ୍କା ? କୁଆଡ଼େ ଯାଉଥିଲା ? ଟଙ୍କାର ଉତ୍ସ କ'ଣ ? କ'ଣ ପାଇଁ କାରରେ ଏତେ ପରିମାଣର ଟଙ୍କା ନିଆଯାଉଥିଲା ? ଟଙ୍କା ନେଇ ଯାଇଥିବା ବ୍ୟକ୍ତି ଏହାର କୌଣସି ସନ୍ତୋଷଜନକ ଉତ୍ତର ପୁଲିସକୁ ଦେଇ ପାରି ନଥିଲେ। ସେଥି ପାଇଁ ପୁଲିସ ଏ ଟଙ୍କାଙ୍କୁ ଜବତ କରି ଚନ୍ଦ୍ରଶେଖରପୁର ଥାନାରେ ରଖିଛି। ଅମ୍ଲାନ ଯୋତି ପ୍ରକାଶ ସିଂ ପୁଲିସକୁ କହିଛନ୍ତି ତାଙ୍କ ଗୋଟିଏ ପାଣି କମ୍ପାନି ଅଛି ସାତଶଙ୍ଖ ପୁରୀରେ। ସେ ତାଙ୍କ କମ୍ପାନିର କର୍ମଚାରୀ ମାନଙ୍କୁ ଟଙ୍କା ଦେବା ପାଇଁ ନେଉଥିଲେ। ହେଲେ ଏହା ପ୍ରକୃତରେ କେତେ ସତ ତାହା ପୁଲିସ ତଦନ୍ତ କରୁଛି।

## ପୁଅକୁ ଛୁରୀ ଭୁଷିଦେଲା ବାପା

ତେନ୍ତୁଳିଖୁଣ୍ଟି/ନନ୍ଦାହାଣ୍ଡି, ୨୮/୪ (ନି.ପ୍ର): ମଦ୍ୟପ ବାପାର ଉନ୍ମତ କାଣ୍ଡ। ମଦ୍ୟପାନ କରି ନିଜ ପୁଅକୁ ଛୁରି ଭୁସି ହତ୍ୟା କରିଛି। ଏହି ସମୟରେ ଦାଦା ଛଡ଼େଇବାକୁ ଆସିବାରୁ ତାଙ୍କୁ ମଧ ଛୁରି ମାଡ଼ କରିଛି। ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ତଥା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ଧଣ୍ଡରା ଗ୍ରାମରେ ଏଭଳି ଘଟଣା ଘଟିଛି। ମୃତ ଯୁବକ ହେଲେ ଦେବ ନାୟକ(୨୨) ଓ ଗୁରୁତର ବ୍ୟକ୍ତି ଅଭିମନ୍ୟୁ ନାୟକ। ପୁଲିସ ସୂଚନା ମୁତାବକ ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଧଣ୍ଡରା ଗ୍ରାମର ଜଗେଶ୍ୱର ନାୟକ ଶନିବାର ରାତି ୮ଟାରେ ମଦ୍ୟପାନ କରି ନିଜ ଘର ସମ୍ମୁଖରେ ପାଟିତୁଣ୍ଡ କରୁଥିଲେ। ଏହି ସମୟରେ ବଡ଼ ପୁଅ ଦେବ ନାୟକ(୨୨) ନିଜ ବାପାଙ୍କୁ ବାହାରେ କାହିଁକି ପାଟିତୁଣ୍ଡ କରୁଛୁ ବୋଲି ଆକଟ କରିଥିଲେ। ଏହାକୁ ନେଇଁ ଉଭୟ ବାପା ଓ ପୁଅଙ୍କ ମଧରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ▶▶ପୃଷ୍ଠା ୭

## ଜଳିଗଲା ୩୬ ବଖରା: ଗାଈଗୋରୁ ଜୀବନ୍ତ ଦଗ୍ଧ



ଭଦ୍ରକ, ୨୮/୪ (ନି.ପ୍ର): ଭୟାବହ ଅଗ୍ନିକାଣ୍ଡ ୨୩ପରିବାର ୩୬ ବଖରା ଘର ଭସ୍ମିଭୂତ ହୋଇଯାଇଛି। ଗାଈ,ଛେଳି ଜୀବନ୍ତ ଦଗ୍ଧ, ହେବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆନ୍ଦୋଳା ପଞ୍ଚାୟତର କାଶୀପୁର ଗାଁ ଓ କାଳୀଗଦି ଗ୍ରାମରେ। ଆଜି ସଂନ୍ଧ୍ୟାରେ କାଳବୈଶାଖି ହୋଇଥିଲା। ସେଇ ସମୟରେ କାଶୀପୁର ଗାଁର ଦିନବନ୍ଧୁ ପରିଡ଼ା ବିଲରେ ଥିଲେ। ବିଲ କାମ ସାରି ଘରକୁ ଫେରିଥିଲେ। ଘରେ ପହଞ୍ଚି ଦେଖିଲେ ଘର ସମ୍ପୂର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇଯାଇଛି। ୧୬ ବଖରା ଘର ସହିତ ସମସ୍ତ ଜିନିଶ ପତ୍ର ସବୁ ପୋଡ଼ି ଯାଇଛି। ସେଭଳି କାଳୀଗଦି ଗାଁର ଜଣେ ଚାଷୀ ବିଲରେ ଥିଲାବେଳେ ତାଙ୍କରବି ଘର ପୋଡ଼ି ଯାଇଛି। ତାଙ୍କ ୨୦ ବଖରା ଘର ସହ ଏକାଧିକ ଗାଈଗୋରୁ ଜୀବନ୍ତ ଦଗ୍ଧ ହୋଇଛନ୍ତି। ବଜ୍ରାଘାତ ଯୋଗୁଁ ୨ଟି ▶▶ପୃଷ୍ଠା ୭

## ରାହୁଲଙ୍କ ସିଧା ହାମଲା: ଓଡ଼ିଶାକୁ ନବୀନ ନୁହେଁ ଚଳାଉଛନ୍ତି ପାଣ୍ଡିଆନ



କଟକ, ୨୮/୪ (ନି.ପ୍ର): ଓଡ଼ିଶା କଂଗ୍ରେସ ପାଇଁ ନିର୍ବାଚନୀ ପ୍ରଚାରର ଆଜି ବିଗୁଲ୍ ଫୁଙ୍କିଛନ୍ତି ସାଂସଦ ରାହୁଲ ଗାନ୍ଧି। ସାଲେପୁର ସଭାରେ ନିଜ ଅଭିଭାଷଣ ଆରମ୍ଭରୁ ନବୀନଙ୍କୁ କରିଛନ୍ତି ସିଧା ହାମଲା। ଓଡ଼ିଶାକୁ ନବୀନ ନୁହେଁ ପାଣ୍ଡିଆନ ଚଳାଉଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ନବୀନ ଏଠାରେ କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ନେଇ ସରକାର ଚଳାଉଛନ୍ତି। ଅଳ୍ପ କିଛି ଲୋକ ହିଁ ଏସବୁର ଫାଇଦା ଉଠାଉଛନ୍ତି। କଂଗ୍ରେସ ତେଲେଙ୍ଗାନାରେ ବିଜେପି-ବିଆରଏସ୍ ମେଣ୍ଟ ପଦାକୁ ଆଣିଥିଲା। ନିର୍ବାଚନ ହେଲା, ସେଠାରେ ବିଆରଏସ୍ ପୂରା ଉଡ଼ିଗଲା। ଏଠାରେ ବିଜେପି-ବିଜେଡିର ବାହାଘର ହୋଇଯାଇଛି। ଅଙ୍କନ ଓ ନବୀନ ବାବୁ ମିଶି ଓଡ଼ିଶାବାସୀଙ୍କୁ ପାନ ଧରାଇ ଦେଇଛନ୍ତି। ଏହା ବହୁତ ହୋଇଗଲା। ଓଡ଼ିଶାବାସୀ ବହୁତ ପାନ ଖାଇ ▶▶ପୃଷ୍ଠା ୭

## ଟ୍ରକକୁ ପିଟିଲା ଯାତ୍ରୀବାହୀ ବସ୍: ୨ ମୃତ

ଭାରସାମ୍ୟ ହରାଇ ଟ୍ରକକୁ ପିଟିଲା ଯାତ୍ରୀବାହୀ ବସ୍। ସୁବର୍ଣ୍ଣପୁର ଜିଲ୍ଲା ଜାତୀୟ ରାଜପଥ-୫୭ର ହରିଡ଼ଖୋଲ ନିକଟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଡ୍ରାଇଭର ଓ ହେଲପରଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଡ୍ରାଇଭର ଦମ୍ବରୁଧର ସ୍ୱାଇଁ ଓ ହେଲପର ଶିବ୍ରମ ଗୌଡ଼। ଆଜି ସକାଳେ ଯାତ୍ରୀବାହୀ ବସ୍‌ଟି ଜୟପୁରରୁ କଟକ ଅଭିମୁଖେ ଯାଉଥିଲା। ହରିଡ଼ଖୋଲ ନିକଟରେ ବସ୍‌ଟି ଟ୍ରକକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସ୍ ଡ୍ରାଇଭର ଓ ହେଲପରଙ୍କର ମୃତ୍ୟୁ ଘଟିଛି। ଏତେ ବଡ଼ ଦୁର୍ଘଟଣାରେ ୪୦ଜଣ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ସୋନପୁର ପୁଲିସ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି। ଏହାସହ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## କଂଗ୍ରେସ ଘୋଷଣା କଲା ପ୍ରାର୍ଥୀ: କଟକ ବାରବାଟୀରୁ ଲଢ଼ିବେ ସୋଫିଆ, ସମ୍ବଲପୁରରୁ ନଗେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୨୮/୦୪ (ନି.ପ୍ର): ଦେଶର ସର୍ବପୁରାତନ ରାଜନୀତିକ ଦଳ କଂଗ୍ରେସ ଆଜି ଓଡ଼ିଶାର ୨ଟି ଲୋକସଭା ଓ ୮ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଦଳ ୨ ବିଧାନସଭା ଆସନ ଓ ଗୋଟିଏ ଲୋକସଭା ଆସନରେ ପ୍ରାର୍ଥୀ ବଦଳାଇଛି। ବାରିପଦା ଓ ଖଣ୍ଡପଡ଼ା ବିଧାନସଭା ଆସନ ପାଇଁ ପ୍ରାର୍ଥୀ ବଦଳାଇଛି କଂଗ୍ରେସ। ବାରିପଦାରେ ବାଦଲ ହେମ୍ବ୍ରମଙ୍କ ସ୍ଥାନରେ ପ୍ରମୋଦ ହେମ୍ବ୍ରମ ଦଳର ଟିକେଟ ପାଇଛନ୍ତି। ସେହିପରି ଖଣ୍ଡପଡ଼ାରେ ମନୋଜ ପ୍ରଧାନଙ୍କ ସ୍ଥାନରେ ବୈଜୟନ୍ତୀମାଳା ମହାନ୍ତି କଂଗ୍ରେସ ଟିକେଟରୁ ନିର୍ବାଚନ ଲଢ଼ିବେ। ସମ୍ବଲପୁର ଲୋକସଭା ଆସନରେ ବିଜେଡିରୁ ଆସିଥିବା ନଗେନ୍ଦ୍ର ପ୍ରଧାନଙ୍କୁ ଦଳ ଟିକେଟ ଦେଇଛି। ପୂର୍ବରୁ ଏଠାରେ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଅନ୍ୟପକ୍ଷରେ କଟକ ବାରବାଟୀରୁ ସୋଫିଆ ଫିର୍ଦ୍ଦୋସ ପ୍ରାର୍ଥୀ ହୋଇଛନ୍ତି। ସୋଫିଆ ହେଉଛନ୍ତି ବର୍ତ୍ତମାନର ବିଧାୟକ ମହମ୍ମଦ ମୋକିମଙ୍କ ଝିଅ। ଆଇନଗତ କାରଣରୁ ମୋକିମ ନିର୍ବାଚନ ଲଢ଼ିବାରୁ ବଞ୍ଚିତ ହୋଇଥିବାରୁ ରାଜ୍ୟ କଂଗ୍ରେସ ପକ୍ଷରୁ ସୋଫିଆଙ୍କ ନାଁ ଏଆଇସିସିକୁ ସୁପାରିସ କରାଯାଇଥିଲା। ଏଆଇସିସି ମଧ ସୋଫିଆଙ୍କ ନାଁ ଉପରେ ମୋହର ମାରିଛି। ଏଠାରେ ବିଜେଡି ପ୍ରକାଶ ବେହେରାଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେପି ଏଯାଏ କାହାକୁ ବି ଟିକେଟ ଦେଇନାହିଁ। ଏହାବାଦ ଜଳେଶ୍ୱରରୁ ଦେବୀ ପ୍ରସନ୍ନ ଚାନ୍ଦ, ବାଲେଶ୍ୱରରୁ ମୋନାଲିସା ଲେଙ୍କା, ବଡ଼ଚଣାରୁ ଅଜୟ ସାମଲ, ପାଲଲହଡ଼ାରୁ ଫକୀର ସାମଲ, ଜଗତସିଂହପୁର ଆସନରୁ ପ୍ରତିମା ମଲ୍ଲିକଙ୍କୁ ଦଳ ଟିକେଟ ଦେଇଛି। ଦଳ ଆଜି ଆଉ ୨ଟି ଲୋକସଭା ଆସନ ପାଇଁ ମଧ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। କଟକରୁ ଦଳ ସୁରେଶ ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି। ▶▶ପୃଷ୍ଠା ୭

## କାଳବୈଶାଖୀର ତାଣ୍ଡବ: ବଜ୍ରପାତରେ ୧ ମୃତ, ୨ ଗୁରୁତର

ଆଳି, ୨୮/୪ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳରେ ଆଜି କାଳବୈଶାଖୀ ତାଣ୍ଡବ ରଚିଛି। ବଜ୍ରପାତରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସଡକ ଦୁର୍ଘଟଣାରେ ଜଣେ ଯୁବକ ସମେତ ଗଛପଡ଼ି ଆଉଜଣେ ମହିଳା ଗୁରୁତର ଆହତ ଅବସ୍ଥାରେ ଚିକିତ୍ସାଧିନ ଅଛନ୍ତି। ମୃତ ବ୍ୟକ୍ତି ହେଲେ ଲକ୍ଷ୍ମୀଧର ଦାସ(୪୮)। ଆଜି ଅପରାହ୍ନ ଆଜି ଅପରାହ୍ନ ୫ଟା ସମୟରେ ହଠାତ୍ ଧୂଳିଝଡ ଆରମ୍ଭ ହୋଇଯାଇଥିଲା। ପରେପରେ ବର୍ଷା, କୁଆପଥର ମାଡ଼ ଓ ଘନଘନ ବଜ୍ରପାତ ଘଟିଥିଲା।ମୁଗବିଲରେ କାମ କରୁଥିବା ଆଳିଥାନା କଳସପୁର ପଞ୍ଚାୟତ ଜେନାଭଳି ଗ୍ରାମର ୩ ଜଣ ଚାଷୀ ବର୍ଷା, ପବନ, ବଜ୍ରପାତ ଓ କୁଆପଥର ମାଡରୁ ରକ୍ଷା ପାଇବା ପାଇଁ ନିକଟସ୍ଥ ଏକ ପଲାରେ ଆଶ୍ରୟ ନେଇଥିଲେ। ପଲାରେ ବଜ୍ରପାତ ଘଟିବାରୁ ଲକ୍ଷ୍ମୀଧର ଦାସଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଚାଷୀ ପିତାମ୍ବର ଦାସ ଓ କାର୍ତ୍ତିକ ଦାସ ▶▶ପୃଷ୍ଠା ୭

# ବେତନଟୀରେ ସ୍ୱାଭିମାନ ଦିବସ ପାଳିତ




ବେତନଟୀ , ୨୮/୪ (ନି.ପ୍ର): ବେତନଟୀ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ରେ ଆଜି ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି । ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର ଅନୁପ କୁମାର ଦଣ୍ଡପାଟ ଙ୍କ ସଂଯୋଜନା ରେ ଅନୁଷ୍ଠିତ ସଭା ରେ ବିଦ୍ୟାଳୟ ର ପରିଚାଳନା ସଭାପତି ଗୌତମ ଚନ୍ଦ୍ର ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବେତନଟୀ ବ୍ଲକ ର ଅତିରିକ୍ତ ଶିକ୍ଷା ଅଧୀକାରୀ ରମାକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବେ ଶିକ୍ଷୟତ୍ରୀ ମନ୍ଦାକିନୀ ସାହୁ , ଶିକ୍ଷୟତ୍ରୀ ସବିତା ମହାନ୍ତି, ଶ୍ରୀ ଅରବିନ୍ଦ ସ୍କୁଲ ର ଅଧକ୍ଷା ଜୟଶ୍ରୀ ଉପାଧ୍ୟାୟ ପ୍ରମୁଖ ମଞ୍ଚାସୀନ ରହି ମଧୁବାବୁ ଙ୍କ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଓକିଲ ସଂଘ ର ସମ୍ପାଦକ ପ୍ରବୀର କୁମାର ବାରିକ ମଞ୍ଚ ପରିଚାଳନା କରିଥିଲେ। ସର୍ବପ୍ରଥମେ ମଧୁବାବୁ ଙ୍କ ଫୋଟ ରେ ପୁଷ୍ପଗୁଚ୍ଛ ଦେଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କବି ପର୍ଶୁରାମ ସାହୁ, ଶିକ୍ଷକ କିଶୋର କୁମାର ଆଚାର୍ଯ୍ୟ , ସୂର୍ଯ୍ୟାନନ୍ଦ ନାୟକ, ରବିନ୍ଦ୍ର ନାଥ ଖଟୁଆ, ଜତିନ୍ଦ୍ର ନାଥ ସାହୁ, ନିରୋଜ ସୁନ୍ଦର ଜେନା , ପଦ୍ମାମଳୀ ମହିଳା ସଂଗଠନ ର ସମ୍ପାଦିକା ପ୍ରଭାତି ମହାନ୍ତି, ଉପସଭାପତି ଗୀତାଞ୍ଜଳି ଭୁୟାଁ, ମନିଲତା ବଳା, କୁମୁଦିନୀ ମହାନ୍ତ, ମନୋରମା ସାହୁ, ସାମ୍ବାଦିକ ସଂଘ ର ସର୍ବେଶ୍ୱର ମହାନ୍ତ, ଉଦିତ କୁମାର ପରିଡ଼ା କେଶବ ନାଥ, କମଳ ଲୋଚନ କର , ଶିକ୍ଷକ ସଞ୍ଜୟ ମଦୁଆଳ, ରାଧା ଗୋବିନ୍ଦ ସଦୁଆଳ ,ନରୋତ୍ତମ ମହାନ୍ତ , ଅନୁପମା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଙ୍ଗୀର ଜିଲ୍ଲା ଓକିଲ ସଂଘ ଓ ଯୁଧିଷ୍ଠିର ଆଇନ ମହାବିଦ୍ୟାଳୟ ତରଫରୁ ଲୟରର୍ସ ଡେ ପାଳିତ

ବଲାଙ୍ଗିର, ୨୮/୪ (ନି.ପ୍ର): ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଦିବସକୁ ସାରା ରାଜ୍ୟରେ ଓକିଲ ଦିବସ(ଲୟରସ୍ ଡେ') ଭାବରେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲ୍ଲା ଓକିଲ ସଂଘ ତରଫରୁ ସ୍ଥାନୀୟ ସିଭିଲ କୋର୍ଟ ଠାରେ ଲୟରସ ଡେ' ପାଳନ କରାଯାଇଥିଲା । ପ୍ରଥମେ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଥିଲା । ସଂଘର ସଭାପତି ଅମରେଶ ତ୍ରିପାଠଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସଂପାଦକ ପ୍ରମୋଦ ବହିଦାର ଓ ଅନ୍ୟ ମାନେ ଉପସ୍ଥିତ ରହି ଜଣେ ସଫଳ ଆଇନଜୀବୀ, ସ୍ୱାଧୀନଚେତା ସ୍ୱାଭିମାନୀ ମଣିଷ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମୁଖ୍ୟ ଭୂମିକା ରହିଥିବା ମଧୁସୂଦନ ଦାସଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ପରେ ସ୍ଥାନୀୟ ଭଗବତୀ ମନ୍ଦିର ପରିସରରେ ଜିଲ୍ଲା ଓକିଲ ସଂଘ ତରଫରୁ ଅନୁଷ୍ଠିତ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଅତିଥି ଭାବରେ ବଲାଙ୍ଗୀରର ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ଲୟରସ ଡେ' ଅବସରରେ ସମସ୍ତ ଓକିଲ ଭାଇ ଭଉଣୀଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ବଲାଙ୍ଗୀରକୁ ଏକ ବିକଶିତ ତଥା ଯୋଜନାବଦ୍ଧ ସହର କରି ଗଢ଼ି ତୋଳିବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଆଗକୁ ବଲାଙ୍ଗୀରରେ ଇଂଜିନିୟରିଂ, ମେଡିକାଲ, ଆଇଏଏସ୍ ପରୀକ୍ଷା ଓ ଜୁଡିସିଆଲ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଶିକ୍ଷାର୍ଥୀ ମାନଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ଇନ୍‌ଷ୍ଟିଚ୍ୟୁଟ୍ ଖୋଲାଯିବାକୁ ପ୍ରତିଶୃତି ଦେଇଥିଲେ । ବିଗତ ୧୦ ବର୍ଷ ଭିତରେ ବଲାଙ୍ଗୀରରେ କୌଣସି ଆଖିଦୃଶିଆ ବିକାଶ ହୋଇପାରି ନାହିଁ । ବିରୋଧୀ ଦଳ ମାନେ କେବଳ ନିଜର ପରିବାରକୁ ଠିକା ବାଂଟିବା, ଚେକ୍ ଡେମ ନିର୍ମାଣ କରିବା ଆଦି କାମରେ ୧୦ ବର୍ଷ ବିତାଇ ଦେଇଛନ୍ତି । ମେଡିକାଲ କଲେଜର କଥା ହେଉ କି ଲୋୟର ସୁକତେଲ ପ୍ରକଳ୍ପ କି ବଲାଙ୍ଗୀର ବସ ଟର୍ମିନାଲ, ଜିଲ୍ଲାର ବିବିଧ ବିକାଶନ୍ମୋମୁଖୀ ପ୍ରକଳ୍ପ ବିଜେଡି ସରକାରର ଦୃଢ଼ ନେତୃତ୍ୱ ଯୋଗୁଁ ସଫଳ ହୋଇ ପାରିଛି ବୋଲି ଶ୍ରୀ ସିଂଦେଓ କହିଥିଲେ । ଆମେ କଥାରେ ନୁହେଁ କାମ କରି ଦେଖାଉଁ ବୋଲି ଶ୍ରୀ ସିଂଦେଓ କହିଥିଲେ । ବଲାଙ୍ଗୀରର ତୁଷୁରା ଠାରେ ଏକ ଅତ୍ୟାଧୁନିକ ଏୟାରପୋର୍ଟ ନିର୍ମାଣ କାର୍ଯ୍ୟକୁ ସଂପୂର୍ଣ୍ଣ କରାଯିବା ଉପରେ ଶ୍ରୀ ସିଂଦେଓ ଗୁରୁତ୍ୱ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଅଶୋକ ମହାନ୍ତି ଓ ଜିଲ୍ଲା ଓକିଲ ସଂଘର ସଭାପତି ଅମରେଶ ତ୍ରିପାଠୀ ନିଜ ଅଭିଭାଷଣରେ ବଲାଙ୍ଗୀର ବାର୍ ଏସୋସିଏସନ୍ର ଭିତିଭୂମିର ବିକାଶ ଦିଗରେ କଳିକେଶଙ୍କ ପିତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ଅବଦାନ ଓ ବଳିଷ୍ଠ ପଦକ୍ଷେପକୁ ପ୍ରଶଂସା କରିଥିଲେ । ଏହି ସଭାରେ ଜିଲ୍ଲା ଓକିଲ ସଂଘର ବହୁ ସଭ୍ୟ ସଭ୍ୟା ଯୋଗ ଦେଇଥିଲେ ।

ସେହିପରି ବଲାଙ୍ଗୀର ଯୁଧିଷ୍ଠିର ଆଇନ ମହାବିଦ୍ୟାଳୟ ଠାରେ ମଧ ଆଇନ ଛାତ୍ରଛାତ୍ରୀ ମାନଙ୍କ ତରଫରୁ ଲୟରସ ଡେ' ପାଳିତ ହୋଇଯାଇଛି । ମଧୁସୂଦନ ଦାସଙ୍କ ଚିନ୍ତା, ଚେତନା, ଓଡ଼ିଆ ଅସ୍ମିତା କୁ ଏକ ବୃହତର ଦୃଷ୍ଟିକୋଣରେ ଦେଖିବାର ଆବଶ୍ୟକତା ରହିଛି । ମଧୁସୂଦନଙ୍କ ଏକ ସଫଳ ଦାୟାଦ ଭାବେ ଆମେ ତାଙ୍କର ଆଦର୍ଶକୁ ଅନୁକରଣ କରିବାର ସମୟ ଆସିଛି ବୋଲି ମତପ୍ରକାଶ ପାଇଥିଲା।

# ସାଧାରଣ ନିର୍ବାଚନ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଯୁକ୍ତ

ଝାରସୁଗୁଡ଼ା, ୨୮/୪ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବରେ ଭାରତୀୟ ରାଜସ୍ୱ ସେବାର ଦୁଇ ବରିଷ୍ଠ ଅଧିକାରୀ ଶଶିକାନ୍ତ ସିଂହ ଓ କ୍ରିଷ୍ଣମୂର୍ତି ଏଟି ଝାରସୁଗୁଡ଼ାରେ ପହଂଚିଛନ୍ତି। ୨୦୧୦ ବ୍ୟାଚର ଭାରତୀୟ ରାଜସ୍ୱ ସେବା ଅଧିକାରୀ ଶଶିକାନ୍ତ ସିଂ ବରଗଡ଼ ସଂସଦୀୟ ନିର୍ବାଚନ ମଣ୍ଡଳୀ ପାଇଁ ଏବଂ ୨୦୧୪ ବ୍ୟାଚର ଭାରତୀୟ ରାଜସ୍ୱ ସେବା ଅଧିକାରୀ କ୍ରିଷ୍ଣମୂର୍ତି ଏଟି ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ଉଭୟ ପର୍ଯ୍ୟବେକ୍ଷକ ଆଜି ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ନିର୍ବାଚନ ପରିଚାଳନା ସକାଶେ ଗଠିତ ବିଭିନ୍ନ ଟିମ୍ ର ଅଧିକାରୀମାନଙ୍କ ସହ ଏକ ଆଲୋଚନା ବୈଠକ କରିଥିଲେ। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିକା ଅନୁସାରେ ଆଗାମୀ ନିର୍ବାଚନ ଯେପରି ମୁକ୍ତ ଅବାଧ ଓ ସ୍ୱଛତାର ସହ ପରିଚାଳନା କରାଯିବ ସେଥି ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳ ଅବୋଲି ସୁନୀଲ ନରଓ୍ୱଣେ ଓ ଆରକ୍ଷୀ ଅଧିକ୍ଷକ ସ୍ମିଥ ପି. ପରମାର ଜିଲ୍ଲାରେ ନିର୍ବାଚନ ପରିଚାଳନା ନେଇ ପ୍ରସ୍ତୁତି ସମ୍ପର୍କରେ ଉଭୟ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଓ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ପ୍ରଶାସନିକ ଓ ପୁଲିସ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।

# କବି ସଙ୍ଗମର ପ୍ରତିନିଧି ମାନଙ୍କର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଏନ୍ତୁଡ଼ି ଶାଳ ପରିଦର୍ଶନ



ବେତନଟୀ, ୨୮/୪ (ନି.ପ୍ର): ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ପରିଷଦ କବି ସଙ୍ଗମ ବେତନଟୀ ଏବଂ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଥିବା ମଧୁସୂଦନ ସାଂସ୍କୃତିକ ପରିଷଦ, ମିଳିତ ଉଦ୍ୟମରେ ଉତ୍କଳ ଗୌରବ ମଧୁସୂଦନ ଦାସ ଙ୍କର ୧୭୬ ତମ ଜନ୍ମ ଦିବସ ପାଳନ ଉତ୍ସବ କବି ସଙ୍ଗମର ସଭାପତି ବାସୁଦେବ ନାପିତଙ୍କର ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧୁସୂଦନ ସାଂସ୍କୃତିକ ପରିଷଦ, ସଭାପତି ପ୍ରଶାନ୍ତ ରାଉତଙ୍କ ସମେତ ସରୋଜ କୁମାର ମହାନ୍ତି, ବନୋଜ କୁମାର ନାୟକ, ଅଭିମନ୍ୟୁ ରାଉତ, ପ୍ରଦୀପ କୁମାର ସାମଲ, ଦିଲ୍ଲୀପ କୁମାର ସାମଲ ଏବଂ କବି ସଙ୍ଗମର ସାଧାରଣ ସମ୍ପାଦକ ଡ଼କ୍ଟର ରମାକାନ୍ତ ମହାନ୍ତ, କବି ମନୋଜ କୁମାର ମହାନ୍ତ, ଶିକ୍ଷକ ଦୀପକ କୁମାର ପାତ୍ର, ସମାଜ ସ୍ୱେବୀ ଉମାକାନ୍ତ କାନ୍ତ ମହାନ୍ତ ଆଲୋଚନାରେ ଅଂଶ ଗ୍ରହଣ କରି ମଧୁ ବାବୁଙ୍କ ଜୀବନୀ ଏବଂ କର୍ମମୟ ଜୀବନର ଇତିହାସ ପ୍ରସଙ୍ଗରେ ଆଲୋକ ପାତ କରିଥିଲେ। ଆଗାମୀ ବର୍ଷ କବି ସଙ୍ଗମ ଏବଂ ମଧୁସୂଦନ ସାଂସ୍କୃତିକ ପରିଷଦ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନଙ୍କ ଜୀବନୀ ଏବଂ କାର୍ଯ୍ୟାବଳି ଉପରେ ଏକ ଆଲୋଚନା ଚକ୍ର ଏବଂ ବହୁ ଭାଷୀ କବିତା ପାଠ ଉତ୍ସବ ମଧୁ ବାବୁଙ୍କ ଏନ୍ତୁଡ଼ି ଶାଳ ସତ୍ୟ ଭାମା ପୂର ଠାରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ବାସୁଦେବ ନାପିତ ଏବଂ ମଧୁସୁଦନ ସାଂସ୍କୃତିକ ପରିଷଦର ସଭାପତି ପ୍ରଶାନ୍ତ ରାଉତ ପ୍ରକାଶ କରିଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ ଏହି କାର୍ଯ୍ୟକ୍ରମରେ ଓଡିଶାର ସବୁ ଜିଲ୍ଲାର ସବୁ ଭାଷା ଭାଷୀର କବି ଲେଖକମାନଙ୍କୁ ନିମନ୍ତ୍ରଣ କରାଯିବ ।

# ଜାତୀୟ ଚରିତ୍ର ଗଠନର ଆବଶ୍ୟକତା ରହିଛି

ପଟ୍ଟାମୁଣ୍ଡାଇ , ୨୮/୪ (ନି.ପ୍ର): ସମ୍ବାଦ ସାହିତ୍ୟଘର ପଟ୍ଟାମୁଣ୍ଡାଇ ଶାଖା ତରଫରୁ ଉତ୍କଳ ଗୌର୍ବ ମଧୁସୂଦନଙ୍କ ପବିତ୍ର ଜନ୍ମ ତିଥିକୁ ସ୍ୱାଭିମାନ ଦିବସ ଭାବରେ ପାଳନ କରିଅଛି। ସ୍ଥାନୀୟ ଶ୍ରୀରାଧାରମଣ ମଠ ପରିସରରେ ସମ୍ବାଦ ସାହିତ୍ୟ ଘରର ସଭାପତି କଥାକାର ପ୍ରଦୀପ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ସନ୍ଥ ସଂରକ୍ଷକ ସାଧୁ ଶ୍ରୀ ଅସୀମାନନ୍ଦ ଦାସ ମହାରାଜ, ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ପଟ୍ଟାମୁଣ୍ଡାଇ ବାର ଆସୋସିଏସନ୍ ର ସଭାପତି ତପନ କୁମାର ମିଶ୍ର, ସମ୍ମାନିତ ଅତିଥି ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିରର ଅଧକ୍ଷ ନାରାୟଣ ଚନ୍ଦ୍ର ସାହୁ ଯୋଗଦେଇଥିଲେ।

# କ୍ଷୁଦ୍ର ଓ ଉଠା ଦୋକାନୀଙ୍କ ସହ ଆଲୋଚନା କଲେ ସମରେନ୍ଦ୍ର

ବଲାଙ୍ଗୀର, ୨୮/୪ (ନି.ପ୍ର): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେବଳ ଭୋଟ୍ ହାତେଇବା ରାଜନୀତି ଯୋଗୁଁ ବେକାରୀ ସମସ୍ୟା ଆମ ଅଂଚଳରେ ହୁ ହୁ ହୋଇ ବଢ଼ିଚାଲିଛି। ଆମର ଯୁବକମାନେ ବାଧ ହୋଇ ଛୋଟ ଦୋକାନ କରି ବ୍ୟବସାୟ କରୁଛନ୍ତି ସତ କିନ୍ତୁ ସରକାରଙ୍କ ଭୁଲ୍ ନୀତି ଦ୍ୱାରା କ୍ଷୁଦ୍ର ଓ ଉଠା ଦୋକାନୀଙ୍କ ବ୍ୟବସାୟରେ କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ ବୋଲି ସ୍ଥାନୀୟ ହୋଟେଲ ସେଲିବ୍ରେସନ ପାଖ ପଡିଆରେ ଅନୁଷ୍ଠିତ ସମରେନ୍ଦ୍ରଙ୍କ ସହ ସମ୍ବାଦ କାର୍ଯ୍ୟକ୍ରମରେ ବଲାଙ୍ଗୀର ବିଧାନସଭା କଂଗ୍ରେସ ଦଳ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି। ସହରର ହଜାର ହଜାର ସଂଖ୍ୟାରେ ଉପସ୍ଥିତ ଛୋଟ ବ୍ୟବସାୟୀଙ୍କ ଏହି ସମ୍ବାଦ କାର୍ଯ୍ୟକ୍ରମରେ ସମରେନ୍ଦ୍ର ଏହା ମଧ କହିଛନ୍ତି ଯେ ବଲାଙ୍ଗୀର ଧିରେ ଧିରେ ଯୁବକଶୁନ୍ୟ ହେବାକୁ ଲାଗିଛି। କାରଣ ପଢ଼ିସାରିଲା ପରେ ଚାକିରି ନାହିଁ। ରୋଜଗାର ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ବାଧ ହେଉଛନ୍ତି। ମୁଁ ତ କହିବି ଉଦ୍ୟମତା ଓ ଦକ୍ଷତା ବିକାଶର ଡିଣ୍ଡିମ ପିଟୁଥିବା ରାଜ୍ୟ ଓ କେନ୍ଦ୍ର ସରକାର ଆମର ଯୁବକମାନଙ୍କୁ ନିଜର ମାଟିରେ କୁଶଳି କିମ୍ବା ଦକ୍ଷତା ବଢାଇବା ପାଇଁ କୌଣସି ଯୋଜନାର ବ୍ୟବସ୍ଥା ନାହିଁ। ଏ ଦିଗରେ ଉଭୟ ସରକାରମାନେ ସମ୍ପୁର୍ଣ୍ଣ ଫେଲ ମାରିଛନ୍ତି। ଏପରି କି ବଲାଙ୍ଗୀରରୁ ନିରବଛିନ୍ନ ଭାବେ ପ୍ରତିନିଧିତ୍ୱ କରି ମନ୍ତ୍ରୀ ପଦ ପାଇଥିବା ସରକାରୀ ଦଳର ନେତା ବଲାଙ୍ଗୀରର ଯୁବକ ଯୁବତୀମାନଙ୍କୁ ଧୋକା ଦେଇଛନ୍ତି। ସେମାନେ ଆମ ପିଲାମାନେ କିଭଳି ପାଠ ପଢ଼ିସାରି ରୋଜଗାରକ୍ଷମ ହେବେ ସେ ଦିଗରେ ସରକାରଙ୍କ ଆଗରେ ତିଳେ ବି ଚାପ ପକାଇ ପାରିନାହାନ୍ତି। ଯାହା ଫଳରେ ବ୍ୟବସାୟ ହେଉ କି ବିଭିନ୍ନ ବିଭାଗର କୁଶଳି କାରିଗର ସବୁଥିରେ ରାଜ୍ୟ ବାହାରୁ ଲୋକେ କାମ ପାଉଛନ୍ତି ବୋଲି ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି। ପୁଞ୍ଜିପତି ଯେପରି ଅଧିକ ମୁନାଫା କମାଇ ପାରିବେ ସେ ଦିଗରେ କେନ୍ଦ୍ର ସରକାର ରିଲାଏନ୍ସ ବିଗ୍ ବାସ୍କେଟ ଭଳି କଂପାନୀକୁ ପରିବା ତଥା ଗ୍ରୋସରି ବ୍ୟବସାୟରେ ପ୍ରବେଶ କରାଇ ଖୁଚୁରା ବ୍ୟବସାୟରେ କ୍ଷୁଦ୍ର ଓ ଛୋଟ ବ୍ୟବସାୟୀଙ୍କ ପେଟ ପାଟଣା ବନ୍ଦ କରିଦେଇଛି ବୋଲି ସମରେନ୍ଦ୍ର ଆରୋପ କରିଥିଲେ। ସଭାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ବିଭିନ୍ନ ଜାଗାରେ ଭେଣ୍ଡିଂଜୋନ ତିଆରି କରାଯାଇଥିବା ସୂଚନା ଦେଇଥିଲେ। ତା'ସହ କହିଥିଲେ ଯେଉଁ ଉଠା ଦୋକାନି ତଥା ଗରିବ ଲୋକେ ସରକାରୀ ଜାଗାରେ ଘର କରି ରହୁଛନ୍ତି ସେମାନଙ୍କୁ ରହୁଥିବା ଜାଗାରେ ପଟ୍ଟା ପ୍ରଦାନ ନିଶ୍ଚିତ କରାଯିବ ବୋଲି କହିଥିଲେ।

# ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କଲେ ବିଜେପି ପ୍ରାର୍ଥୀ ଗୀତାଞ୍ଜଳି

କେନ୍ଦ୍ରାପଡ଼ା, ୨୮/୪ (ନି.ପ୍ର): ଜିଲ୍ଲାର ଜଣାଶୁଣା ନାରୀନେତ୍ରୀ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ତଥା ବର୍ତମାନର ବିଜେପି ବିଧାନସଭା ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀ ଆଜି ଶ୍ରୀ ବଳଦେବଜୀଉ ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହ ପ୍ରଚାର ଅଭିଯାନର ଶୁଭାରମ୍ଭ କରିଛନ୍ତି । ବିଜେଡି ଟିକେଟ ରେ ୧୩ନଂ ଜୋନରୁ ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହେବା ସହ ଜିଲ୍ଲା ପରିଷଦ ଅଧକ୍ଷା ହୋଇଥିଲେ । ତେବେ ଅଧକ୍ଷ ପଦରୁ ଓ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେବା ସହ ଆଗାମୀ ନିର୍ବାଚନରେ କେନ୍ଦ୍ରାପଡା ବିଧାନସଭା ପ୍ରାର୍ଥୀ ଭାବେ ଦଳୀୟ ଟିକେଟ ହାସଲ କରିଛନ୍ତି। ଏନେଇ ଶ୍ରୀମତୀ ସେଠୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ ଓ ଜିଲ୍ଲା ସଭାପତି କୀଶୋର କୁମାର ପଣ୍ଡା ପ୍ରମୁଖଙ୍କୁ କୃତଜ୍ଞତା ଜଣାଇବା ସହ ଲଛମନଜୀଉଙ୍କ ଦର୍ଶନ କରି ଅଶୀର୍ବାଦ ଭିକ୍ଷା କରିଥିଲେ ।

# ଆନ୍ତର୍ଜାତୀୟ ନେଭାଲ ଏନସିସି ପ୍ରଶିକ୍ଷଣ ଶିବିରରେ ଭାଗନେଇ ଫେରିଲେ ବାଲିଆପାଳର କିଶୋର

ବାଲିଆପାଳ , ୨୮/୪ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ଭାରତ ସରକାରଙ୍କ ଦ୍ୱାରା ନେଭାଲ୍ ଏନ୍ ସି ସି ର ପ୍ରଶିକ୍ଷଣ ଶିବିର ପାଇଁ ସ୍ଥାନୀୟ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଛାତ୍ର କିଶୋର କୁମାର ପାଣିଗ୍ରାହୀ ଚୟନ ହୋଇ ଆଫ୍ରିକା ମହାଦେଶର ଚାରୋଟି ଦେଶ ମରିଶସ, ତାଞ୍ଜାନିଆ, ମୋଜାମ୍ବିକ୍,ସିଚେଲସ୍ ରେ ଭାରତ ମହାସାଗରରୁ ତାଲିମ ନେଇ ଫେରିଛନ୍ତି । ନେଭାଲ ଏନ୍ ସି ସି



ର ଛାତ୍ର ମାନଙ୍କୁ ୪୫ ଦିନ ଧରି ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ , ସେନେଇ ପ୍ରଶିକ୍ଷଣ ଦିଆଯାଇଛି। ଏହି ପ୍ରଶିକ୍ଷଣ ପାଇଁ ଓଡ଼ିଶାରୁ ଏକମାତ୍ର ଛାତ୍ର ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଖଗଡାପାଳ ଗ୍ରାମର କମଳଲୋଚନ ପାଣିଗ୍ରାହୀ ଙ୍କ ପୁଅ କିଶୋର କୁମାର ପାଣିଗ୍ରାହୀ ଓଡ଼ିଶା ନେଭାଲ ଭଦ୍ରକ ୟୁନିଟ ୨ ଅଧିନରେ ମୌଖିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ଚୟନ ହୋଇଥିଲେ। ପ୍ରଶିକ୍ଷଣରେ ଭାରତ ରୁ ୯ ଜଣ ଛାତ୍ର ସାମିଲ ହୋଇଥିଲେ । ଏହି ସଫଳତା ପାଇଥିବାରୁ କିଶୋରକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସଫଳତା ପାଇବା ପଛରେ ବାପା କମଳଲୋଚନ ପାଣିଗ୍ରାହୀ , ମାଆ ସ୍ନେହଲତା ପାଣିଗ୍ରାହୀ, କଲେଜ ଅଧକ୍ଷ ଗୌରାଙ୍ଗ ରାଉତ, ଏବଂ ଏ .ନ୍ .ଓ .ଦେବାଶିଷ ସାମଲଙ୍କୁ ଶ୍ରେୟ ଦେଇଛନ୍ତି କିଶୋର । କିଶୋର ଭାରତ ମାତୃକାର ସେବା କରିବା ପାଇଁ ନୌସେନାରେ ଯୋଗଦେବାପାଇଁ ତାର ଇଚ୍ଛା ପ୍ରକାଶ କରିଛି।

# ସାନ ଭାଇ ବାହାଘର ପାଇଁ ଆସି ନିଜେ ଶବ ପାଲଟିଲେ ବଡ ଭାଇ

ଲଙ୍ଗଳେଶ୍ୱର , ୨୮/୪ (ନି.ପ୍ର): ବାଲିଆପାଳ ଥାନା ବଡାଶ ଗ୍ରାମରେ ଏକ ଅଘଟଣ ଘଟିଯାଇଛି । ବେକରେ ଗାମଛା ଲଗେଇ ଘର ପଛପଟେ ଥିବା ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଜନୈକ ବ୍ୟକ୍ତିଙ୍କ ମୃତ ଶରୀର କୁ ଉଦ୍ଧାର କରିଛି ବାଲିଆପାଳ ପୋଲିସ ।ସୂଚନାରୁ ପ୍ରକାଶ ବଡାଶ ଗ୍ରାମର ପ୍ରଫୁଲ ଜେନା ତାଙ୍କର ତିନି ପୁତ୍ର ଗୁଜୁରାଟ ରେ ରହି ଏକ କମ୍ପାନୀ ରେ କାମକରି ନିଜର ଗୁଜୁରାଣ ମେଣ୍ଟାଉ ଥିବା ବେଳେ ଶ୍ରୀ ଜେନାଙ୍କ ମଝିଆ ପୁଅର ବାହାଘର ପାଇଁ ତିନି ପୁତ୍ର ଘରକୁ ଆସିଥିଲେ ।ତେବେ ପାରିବାରିକ କଳହ ପାଇଁ ଶନିବାର ସନ୍ଧ୍ୟା ସମୟରେ ଶ୍ରୀ ଜେନାଙ୍କ ବଡ଼ ପୁତ୍ର ରାଧାକୃଷ୍ଣହ ପାତ୍ର (୨୭)ନିଜ ଘର ପଛପଟେ ଥିବା ଗଛରେ ବେକରେ ଗାମୁଛା ଲଗେଇ ଆତ୍ମହତ୍ୟା କରିଛନ୍ତି ।ବାଲିଆପାଳ ପୋଲିସ ଘଟଣା ସ୍ଥଳେ ପହଞ୍ଚି ଶବ ଜବଦ କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ର କୁ ଆଣି ପୋଷ୍ଟମୋର୍ଟମ କରିଥିବା ଜଣା ପଡ଼ିଛି ।ଏନେଇ ବାଲିଆପାଳ ପୋଲିସ ୧୮/୨୪ ଏକ ଅପମୃତୁ ମାମଲା ରୁଜୁକରି ଅଧିକ ତଦନ୍ତ କରୁଛି , ରାଧାକୃଷ୍ଣ ଙ୍କର ମୃତୁ ପରେ ଗ୍ରାମର ଶୋକର ଛାୟା ଖେଳିଯାଇଛି ।

# ଭୁବନରେ ହିଙ୍ଗୁଳା ଯାତ୍ରା ଶେଷ

ଭୁବନ, ୨୮/୪ (ନି.ପ୍ର): ଭୁବନ ର ପ୍ରସିଦ୍ଧ ଶକ୍ତି ପୀଠ ହିଙ୍ଗୁଳା ଠାକୁରାଣୀ ଙ୍କ ପବିତ୍ର ପୀଠ ରେ ଗତ ୨୨ ତାରିଖ ସୋମବାର ଠାରୁ ୨୬ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ୬୬ ତମ ହିଙ୍ଗୁଳା ଯାତ୍ରା ଓ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋମବାର ଅପରାହ୍ନରେ ଶତାଧିକ ପୁରୁଷ ,ମହିଳା କଳସ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ମା ହିଙ୍ଗୁଳାଙ୍କ ନିକଟରେ ଘଟ ସ୍ଥାପନ କରିଥିଲେ । ମଙ୍ଗଳ ବାର ପୂର୍ଣ୍ଣମୀ ଦିନ ଅପରାହ୍ନରେ ମାନସିକ ବ୍ରତ ଧାରୀ ପାଟୁଆ ମାନସିକ ପୂରଣ ନିମନ୍ତେ ନିଆଁରେ ଚାଲିଥିଲେ । ମଙ୍ଗଳ ବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପୂଜାର୍ଚ୍ଚନା,ହୋମ ଯଜ୍ଞ ଓ ନାମ ସଙ୍କୀର୍ତନ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ରାତି ସହସ୍ରାଧିକ ଭକ୍ତ ଙ୍କ ଉପସ୍ଥିତିରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ୨୬ ତାରିଖ ପୂର୍ଣ୍ଣାହୁତି କାର୍ଯ୍ୟ ଶେଷ ହେବା ପରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଦ୍ୱାରା ହିଙ୍ଗୁଳା ଉତ୍ସବ ଉଦଘାଟନ କରାଯାଇଥିଲା । ଗୁରୁ ପ୍ରସାଦ ମିଶ୍ର ଙ୍କ ନିର୍ଦ୍ଦେଶନାରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାମାଜିକ ନାଟକ ' ଆଖି ଅବୁଝା କୁ ଲୁହ ଅବୁଝା' ଏବଂ ୨୭ ତାରିଖ ଶନିବାର ରାତି ସତ୍ୟବାଦୀ ସେନାପତିଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ' କଉଡ଼ି ଖେଳ' ମଂଚସ୍ଥ ହୋଇଥିଲା । ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ସତ୍ୟବାଦୀ ସେନାପତି ଙ୍କୁ ନାଟ୍ୟ କଳା ଭୂଷଣ ପିତାମ୍ବର ମିଶ୍ର ସମ୍ମାନ ରେ ସମ୍ମାନିତ କରାଯାଇଥିଲା। ସମାଜ ସେବା ନିମନ୍ତେ ଆନନ୍ଦ -୧୯୬୯ ବ୍ୟାଚ,ଖୁସି ବାଂଟିବା ସେବା ଫାଉଣ୍ଡେସନ ଓ ଗୋପବନ୍ଧୁ ସେବା ସଂଗଠନ କୁ ହିଙ୍ଗୁଳା ସମ୍ମାନ ପ୍ରଦାନ କରାଯାଇଥିଲା । ହିଙ୍ଗୁଳା ଦେବୀ ଠାକୁରାଣୀ ଚାରିଟେବୁଲ ଟ୍ରଷ୍ଟ ସଭାପତି ଶଶି ଭୂଷଣ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ସମ୍ପାଦକ କୁଞ୍ଜ ବିହାରୀ ଚିନରା, ମୁଖ୍ୟ ଉପଦେଷ୍ଟା ଦିଲ୍ଲୀପ ଦାସ,ନିରଞ୍ଜନ ଗୁରୁ,ଖଗେଶ୍ୱର ନାୟକ,ଧନେଶ୍ୱର ସାହୁ, ଅମ୍ବୁଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜଶ୍ରୀ କଳା ଓ ସାହିତ୍ୟ ସଂସଦର ୩୫ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୮/୪ (ନି.ପ୍ର): ରାଜ୍ୟର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦର ୩୫ତମ ବାର୍ଷିକ ଉତ୍ସବ ମାଷ୍ଟରକ୍ୟାଂଟିନ ଛକସ୍ଥିତ ବୁଲନ ଭାଇ ସେବାଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, କବି ପୂଜନ ପର୍ବ, ଆଲୋଚନା ଚକ୍ର, ଆନୁଷ୍ଠାନିକ ସମ୍ବର୍ଦ୍ଧନା ଏବଂ ପୁସ୍ତକ ଲୋକାର୍ପଣ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମ ଅଧିବେଶନ ଉଦ୍‌ଘାଟନୀ ଉତ୍ସବ କବି ଭକ୍ତଚରଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ପ୍ରାବନ୍ଧିକ ତଥା ବିଧାନସଭା ସଚିବ ଦାଶରଥି ଶତପଥୀ ଆନୁଷ୍ଠାନିକ ଭାବେ ଉତ୍ସବ ଉଦ୍‌ଘାଟନ କରି ଭାରତୀୟ ସାହିତ୍ୟରେ ପାରିବେଶିକ ଚିତ୍ର ଓ ଏଥିରେ କବିର ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ସାହିତ୍ୟକାର କବି ଦାଶ ବେନହୂର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ରାଜଭବନର ଲୋକସମ୍ପର୍କ ଅଧିକାରୀ କବି ରକ୍ଷକ ନାୟକ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ମିରର ଅଫ୍ ଦି ସୋସାଇଟିର ସମ୍ପାଦକ କବି ଇଂ. ସୁଶାନ୍ତ କୁମାର ବଳ, ଭାଷ୍ୟକାର ଅନାଦି ଚରଣ ମାହାଳି, ବ୍ୟାସକବି ସାହିତ୍ୟ ସଂସଦ ସଭାପତି କବି ବିପିନ ବିହାରୀ ବାରିକ, ମୌସୁମୀ ସମ୍ପାଦକ କବି ଡଃ ଶ୍ରୀଧର ସାମଲ, ଶାରଳା ସାହିତ୍ୟ ସଂସଦ ସଭାପତି ଇଂ ଭରତ ଚରଣ ବେହେରା, ନାଟ୍ୟକାର ଡଃ ଅଲେଖ ପ୍ରସାଦ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଷା ସାହିତ୍ୟ ବିକାଶରେ ରାଜଶ୍ରୀର ନାନାବିଧ କାର୍ଯ୍ୟକ୍ରମ ଉପରେ ଭୂୟଂସୀ ପ୍ରଶଂସା କରିଥିଲେ। ଇତ୍ୟବସରରେ ଆୟୋଜିତ ରାଜ୍ୟସ୍ତରୀୟ କବି ସମ୍ମିଳନୀରେ କବି ସୁଶୀଲ ସିଂହ, ଲଳିତ କବି ଚାରୁଲତା ଭୂୟାଁ, କବି ଶକୁନ୍ତଳା ଓଝା, କବି ସ୍ୱାଗତିକା ସାହୁ ଏବଂ କବି ଅଶୋକ କୁମାର ସାହୁ ଆଦି କବିତା ପାଠ ସଂଯୋଜନା କରିଥିଲେ। ସର୍ବଶ୍ରୀ କବି ବେଣୁଧର ସୂତାର, ସୁରେଶ ଚନ୍ଦ୍ର ରଥ, ଆଦିତ୍ୟ ଆଚାର୍ଯ୍ୟ, ରଞ୍ଜିତା କୁମାରୀ ପତି, ଅମର ପ୍ରସାଦ ରାଉତ, ବ୍ରଜସୁନ୍ଦର ସାହୁ, ବ୍ୟଙ୍ଗକବି ଅପର୍ତିଚରଣ ସେଠୀ, ନିରଞ୍ଜନ ଓଝା, ସୁଜିତ କୁମାର ପଣ୍ଡା, ମୋନାଲିସା ସିଂହ, କୁମୁଦିନୀ ବେହେରା, ରଶ୍ମିତା ନାୟକ, ଶୋଭାମୟୀ ପତ୍ରୀ, ନମିତା ଦାଶ, ସ୍ୱର୍ଣ୍ଣଲତା ଲେଙ୍କା, ଲକ୍ଷ୍ମୀ ଆମ୍ମା, କୁଳମଣି ବାରିକ, ରଞ୍ଜନ କୁମାର ଦଳାଇ, ଗୋଲାପ ନନ୍ଦ, ଗଣପତି ସ୍ୱାଇଁ, ଦିଲ୍ଲୀପ କୁମାର ନନ୍ଦୀ, ଅଜୟ କୁମାର ପାତ୍ର, ସୁରେଶ ଚନ୍ଦ୍ର ବାଇ, ପ୍ରେମାନନ୍ଦ ଜେନା, ପ୍ରଜ୍ଞାଲୀନା ସାହୁ, ସସ୍ମିତା ପାଣିଗ୍ରାହୀ, ଶଙ୍କର୍ଷଣ ସାହୁ, ରାଜକିଶୋର ମୁଣ୍ଡି ଆଦି ଶହେରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ରାଜଶ୍ରୀର ହାର୍ଦ୍ଦିକ ସଂଭାବନ ମଧ୍ୟରେ ସମସ୍ତ କବିଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସଭାପତି ତଥା ବିଶିଷ୍ଟ ପରିବେଶବିତ୍ କାଶୀନାଥ ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସମାବେଶର




ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ସାହିତ୍ୟିକ ତଥା ରାଜନୈତିକ ବିଶ୍ଳେଷକ ଶ୍ରୀରାମ ଦାଶ ଉଦ୍‌ଘାଟକ ଭାବେ ଯୋଗଦେଇ ପ୍ରାଚୀନ ସାହିତ୍ୟ ଏବଂ ବର୍ତମାନର ସାହିତ୍ୟ ଉପରେ ଏକ ତୁଳନାତ୍ମକ ସନ୍ଦର୍ଭ ରେଖାପାତ କରିଥିଲେ। ମୁଖ୍ୟଅତିଥି ବରିଷ୍ଠ ସାମ୍ବାଦିକ ତଥା ଗାନ୍ଧୀସ୍ମାରକ ନିଧିର ରାଜ୍ୟ ସମ୍ପାଦକ ଜୟନ୍ତ କୁମାର ଦାସ, ମୁଖ୍ୟବକ୍ତା କୈବଲ୍ୟ ସାହିତ୍ୟ ସଂସଦ ପ୍ରତିଷ୍ଠାତା ଡଃ ସଂଗ୍ରାମ କେଶରୀ ସାମନ୍ତରାୟ, ବିଶିଷ୍ଟ ଅତିଥି କବି ସଞ୍ଜୟ କୁମାର ରଥ, ରକ ପେବ୍ଲସ ସମ୍ପାଦକ ଡଃ ଉଦୟ ମାଝି, କୁଞ୍ଜକବି ଗୌରୀଶଙ୍କର ଦାଶ, ସତୀର୍ଥର ସମ୍ପାଦକ କବି ମନ୍ମଥନାଥ ବରାଳ, ସମାଜସେବୀ ଫକୀର ଚରଣ ଖଟୁଆ ପ୍ରମୁଖ ଯୋଗଦେଇ ସଂସଦର ମୁଖପତ୍ର "ରାଜଶ୍ରୀ" ସହିତ କବିମଞ୍ଜୁଳ ମଞ୍ଜୁଶ୍ରୀ ବରାଳ, କବି ଅନାଦି ଚରଣ ମାହାଳି, କବି ଜ୍ୟୋସ୍ନା ରାଣୀ ସୂତାରଙ୍କ କବିତା ସଂକଳନ ଲୋକାର୍ପିତ କରିଥିଲେ। ଇତ୍ୟବସରରେ ସଂସଦ ତରଫରୁ କବି ସଞ୍ଜୟ କୁମାର ରଥ, କବି ଅନାଦି ଚରଣ ମାହାଳି, କବି ପ୍ରମୋଦ କୁମାର ତ୍ରିପାଠୀ, ଡଃ ଉଦୟନାଥ ମାଝି, ବ୍ୟଙ୍ଗକବି ସରୋଜ କୁମାର ଶତପଥୀ, ବ୍ରହ୍ମଚାରିଣୀ ମାଆ ଅରୁନ୍ଧତୀ, ନାଟ୍ୟକାର ରମାକାନ୍ତ ନାୟକ, ପ୍ରକାଶକ ମନୋରଞ୍ଜନ ଦାଶ, କବି ପ୍ରକାଶ କୁମାର ମିଶ୍ର, କଥାକାର ଅବନ୍ତୀ ବେହେରା, ଗବେଷକ ନିରଞ୍ଜନ ମେକାପ, କବି ବିପିନ ବିହାରୀ ବାରିକ, କଥାକାର ଅଭିରାମ ମଣ୍ଡଳ, କବି ପ୍ରେମଲତା ଗିରି, କବି ଗୀତାଞ୍ଜଳି ସାହୁ, କବି ସଚ୍ଚିତ୍ର କୁମାର ବେହୁରା, କବି ନିରୂପମା ପାଣି, କବି ମୋନାଲିସା ସିଂହ ଆଦିଙ୍କୁ ସଂସଦ ତରଫରୁ ଆନୁଷ୍ଠାନିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉଭୟ ଅଧିବେଶନରେ କବି ରତିନାରାୟଣ ରାଉତ ବେଦପାଠ, ସମ୍ପାଦକ ହେମନ୍ତ ଜେନା ଅତିଥି ପରିଚୟ, ଉପସଭାପତି ମଞ୍ଜୁଶ୍ରୀ ବରାଳ ସ୍ୱାଗତ ଭାଷଣ, କବି ପ୍ରତାପ ରାଉତ ସ୍ୱାଗତ ସଂଗୀତ ପରିବେଷଣ କରିଥିବାବେଳେ ସହସମ୍ପାଦକ ବ୍ୟଙ୍ଗକବି ଅପର୍ତି ଚରଣ ସେଠୀ ଏବଂ କବି ଶିଶିର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଦୂଷଣରେ ଶକ୍ତି ଯୋଗାଇବ ଏସବୁ ପରିବା ଓ ଫଳ



କେବଳ ଯେ ଜୀନରେ ବାୟୁ ପ୍ରଦୂଷଣ ସର୍ବାଧିକ ସ୍ତରରେ, ତା ନୁହେଁ । ଆମ ରାଜଧାନୀ ଦିଲ୍ଲୀ ମଧ୍ୟ ସେ ତାଲିକାରେ ସାମିଲ ହୋଇଛି । ଭାରତର ପ୍ରତ୍ୟେକ ପ୍ରାନ୍ତରେ ଲୋକେ ବେଳହୁଁ ସଚେତନ ହୋଇଯିବା ଦରକା। ବିଶେଷଜ୍ଞ ମତରେ, ଏକମାତ୍ର ମାଧ୍ୟମ ହେଲା ଖାଦ୍ୟ ଓ ପାନୀୟ। ଉତ୍ତମ ଖାଦ୍ୟ ଖାଇଲେ ହିଁ ପ୍ରଦୂଷଣ ସହ ଲଢ଼ିବା ନିମନ୍ତେ ଶରୀରକୁ ଶକ୍ତି ମିଳିବ ।

ବ୍ରୋକୋଲି: ଆଣ୍ଟିଅକ୍ସିଡାଣ୍ଟ ଓ ପୋଷକତତ୍ତ୍ୱ ଭରପୂର ବ୍ରୋକୋଲି ପ୍ରତ୍ୟହ ଖାଇବା ଉଚିତ । ସାଲଶଡ୍ ଭାବେ ନଚେତ ହାଲକା ସିଝାଇ ବ୍ରୋକୋଲି ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ । ଏଇ ପରିବାରେ ଭିଟାମିନ୍ ଏ, ବି-୬, ସି, ମ୍ୟାଗ୍ନେସିୟମ, ସୋଡିୟମ, ଲୌହଥିବାରୁ ତାହା ବିଭିନ୍ନ ରୋଗ ପ୍ରତିରୋଧକ ଭାବେ ଶରୀରକୁ ଶକ୍ତି ଯୋଗାଇଥାଏ । ଭିଟାମିନ୍ ସି'ଯୁକ୍ତ ଫଳ ଓ ପରିବା ଖଶଇବା ମଧ୍ୟ ପ୍ରଦୂଷଣ ସହ ଲଢ଼ିବା ନିମନ୍ତେ ଶକ୍ତି ଯୋଗାଇଥାଏ । କମଳା, ଷ୍ଟ୍ରବେରୀ, ତରଭୁଜ ଇତ୍ୟାଦି ଫଳ ନିୟମିତ ଖାଇଲେ କିମ୍ବା ସେମାନଙ୍କ ରସ ପିଇବା ଉଚିତ । ବାୟୁ ପ୍ରଦୂଷଣର ହାନିକାରକ ପ୍ରାଭାବରୁ ହିଁ ଏହି ଭିଟାମିନ୍ ସି' ଶରୀରକୁ ରକ୍ଷା କରେ । ଏଣୁ ଦୈନିକ ଟମାଟୋ ସାଲାଡ୍ ଖାଇବା ମଧ୍ୟ ଭଲ । ପ୍ରାଚୀନ କାଳରେ ଆମ ଭାରତୀୟମାନେ ଦୀର୍ଘାୟୁ ହେବାର ମୁଖ୍ୟ କାରଣ ଥିଲା ସେମାନେ କଞ୍ଚା ହଳଦୀ ଖାଦ୍ୟରେ ବ୍ୟବହାର କରିବା ସହ ଏହାକୁ ତ୍ୱଚାରେ ମଧ୍ୟ ପ୍ରୟୋଗ କରୁଥିଲେ । ଏବେ କିନ୍ତୁ ବଜାରରେ ଅପମିଶ୍ରିତ ହଳଦୀ ବିଭିନ୍ନ ବ୍ୟଞ୍ଜନରେ ଉପଯୋଗ କଲେ ତାହା ମଧ୍ୟ ଶରୀରର ଶକ୍ତି ବୃଦ୍ଧି କରୁଥିବାର ବିଶେଷଜ୍ଞଙ୍କ ମତ ।

ଡ୍ରାଏଫ୍ରୁଟସ୍, ଏଗୁଡ଼ିକ ସାମାନ୍ୟ ମହଙ୍ଗା, କିନ୍ତୁ ଶରୀର ପାଇଁ ଖୁବ୍ ହିତକର। ସକାଳବେଳା ଅଳ୍ପଅଳ୍ପ ଡ୍ରାଏଫ୍ରୁଟସ୍ ସପରିବାର ଖାଇବା ଉଚିତ ।

# ବ୍ୟବସାୟୀଙ୍କ ନିମନ୍ତେ ଉତ୍ତମ ଦିଗ

ବ୍ୟବସାୟୀଙ୍କ ସଫଳତା ପାଇବାକୁ ହେଲେ ବ୍ୟସ୍ତୁ ଟିପ୍ସକୁ ପାଳନ କଲେ ଅନେକାଂଶରେ ସମସ୍ୟାର ସମାଧାନ, ହୋଇଥାଏ ବୋଲି ବାସ୍ତୁବିତ୍‌ଙ୍କ ମତ । ଯେ କୌଣସି ବ୍ୟବସାୟ କରନ୍ତୁ, ନିମ୍ନଲିଖିତ ନିୟମକୁ ପାଳନ କରିବା ଦ୍ୱାରା ବ୍ୟବସାୟୀ ଲାଭବାନ୍ ହୋଇଥାନ୍ତି ବୋଲି ମୁମ୍ବାଇର ବାସ୍ତୁବିତ୍ ପ୍ରଫୁଲ୍ଲ ଦେ'ଙ୍କ ମତ ।

ବ୍ୟବସାୟୀଙ୍କ ପ୍ରତିଷ୍ଠାନ ଯେଉଁଠାରେ କରନ୍ତୁ ନା କାହିଁକି, ମୁଖ୍ୟ ଦୁଆର ସବୁବେଳେ ଭିତର ପାର୍ଶ୍ୱକୁ ଖୋଲୁଥିବା ଶୁଭଫଳ ପ୍ରଦାନ କରେ । ବାହାର ପାଖକୁ ଖୋଲୁଥିବା ଦୁଆର କାରଣରୁ ଅଯଥା କ୍ଷତି ଓ ବ୍ୟୟ ବଢ଼ଇଥାଏ ବୋଲି ବାସ୍ତୁବିତ୍‌ଙ୍କ ପରାମର୍ଶ ।

ନିଜ ବ୍ୟବସାୟ ନିମନ୍ତେ ଋଣ ନେବାକୁ ଚାହୁଁଥିଲେ, ଉତ୍ତର-ପଶ୍ଚିମ ଦିଗରେ ଦୁଇଟି ଧଳା ଘୋଡ଼ାଙ୍କ ଚିତ୍ର ଦିଗକୁ କେବେହେଲେ ଅପରିଷ୍କାର କରନ୍ତୁ ନାହିଁ । ଏହା ସହ ମାଲିକ ବ୍ୟବସାୟିକ ପ୍ରତିଷ୍ଠାନର ପରିଷ୍କାର-ପରିଚ୍ଛନ୍ନତା ଉପରେ ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ ।

ଅନ୍ୟମାନଙ୍କ ସମ୍ମୁଖରେ ଆଲମାରିର ଟଙ୍କାଥାକକୁ ଖୋଲିବା ମଧ୍ୟ ଉଚିତ୍ ନୁହେଁ ।

# ଅଧିକ କାମ ମଧୁମେହର କାରଣ

ସରକାରୀ ଏବଂ ଘରୋଇ କାର୍ଯ୍ୟାଳୟଗୁଡ଼ିକରେ ମହିଳା କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କେତେକ ସଂସ୍ଥାରେ କାର୍ଯ୍ୟଚାପ ଯୋଗୁ ମହିଳାଙ୍କୁ ଅଧିକ ସମୟ ଅଫିସରେ ରହିବାକୁ ପଡ଼େ । ସେହିପରି କେତେକ ଘରେ ମଧ୍ୟ ମହିଳାମାନେ ବହୁ ସମୟ କାମ କରନ୍ତି । କିନ୍ତୁ ଏହା ସେମାନଙ୍କ ପାଇଁ କ୍ଷତିକାରକ ହୋଇପାରେ । ସପ୍ତାହକୁ ୪୫ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରୁଥିବା ମହିଳାମାନେ ଡାଇବେଟିସ୍ ଅର୍ଥାତ୍ ମଧୁମେହ ରୋଗରେ ପୀଡ଼ିତ ହୋଇପାରନ୍ତି । ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏ ନେଇ ୭୦ ପ୍ରତିଶତ ଆଶଙ୍କା ରହିଛି । କାର୍ଯ୍ୟକ୍ଷେତ୍ର ଉପରେ ପର୍ଯ୍ୟବେକ୍ଷଣ କରି ହୋଇଥିବା ଏକ ସର୍ଭେରୁ





ଜଣାପଡ଼ିଛି ଯେ, ଘରର ଦାୟିତ୍ୱ ସାଙ୍ଗକୁ ଅଫିସ କାମକୁ ମିଶାଇଲେ କର୍ମଜୀବୀ ମହିଳାମାନେ ଅନେକ ପରିଶ୍ରମ କରନ୍ତି । ସକାଳୁ ଶଯ୍ୟାତ୍ୟାଗ ଠାରୁ ରାତି ପର୍ଯ୍ୟନ୍ତ ସବୁତକ କର୍ତ୍ତବ୍ୟ ନିର୍ବାହ କରନ୍ତି । ତେଣୁ ଅତ୍ୟଧିକ କାର୍ଯ୍ୟଚାପ ମହିଳାଙ୍କ ଶରୀର ଉପରେ କୁପ୍ରଭାବ ପକାଏ । ହରମୋନ କ୍ଷରଣ ଅସ୍ୱାଭାବିକ ହେବା ସହ ଇନ୍‌ସୁଲିନ୍ ମାତ୍ରା କମିଯାଏ । କିନ୍ତୁ ସପ୍ତାହକୁ ୪୫ଘଣ୍ଟା କାର୍ଯ୍ୟ କରୁଥିବା ପୁରୁଷଙ୍କ ସ୍ୱାସ୍ଥ୍ୟ ଉପରେ ସେତେଟା ପ୍ରଭାବ ପଡ଼େନାହିଁ । କାନାଡ଼ାର କ୍ୟୁବେକ୍ ୟୁନିଭର୍ସିଟି ହସ୍ପିଟାଲ ପକ୍ଷରୁ ହୋଇଥିବା ସର୍ବେକ୍ଷଣରୁ ଏହା ଜଣାପଡ଼ିଛି । ସର୍ଭେ କରିଥିବା ଟିମ୍ ସଦସ୍ୟ କହିଛନ୍ତି ଯେ, ବିଶ୍ୱବ୍ୟାପୀ ଏବେ ମଧୁମେହ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଦୀର୍ଘ ସମୟ କାର୍ଯ୍ୟସ୍ଥଳରେ ରହିବା ଏବଂ ବର୍ଷୀୟା ୭,୦୬୫ କର୍ମଜୀବୀ ମହିଳାଙ୍କ ଉପରେ ୧୨ବର୍ଷ ଏହି ସର୍ଭେ ହୋଇଛି । କାର୍ଯ୍ୟ ସମୟକୁ ୧୫-୩୪, ୩୫-୪୦, ୪୧-୪୪ ଘଣ୍ଟା ଏବଂ ୪୫ଘଣ୍ଟାରୁ ଊର୍ଦ୍ଧ୍ୱ ଆଦି ଚାରିଭାଗ କରି ଅନୁଧ୍ୟାନ କରାଯାଇଥିଲା । ୪୫ଘଣ୍ଟାରୁ ଅଧିକ କାମ କରୁଥିବା ମହିଳାଙ୍କ ଠାରେ ମଧୁମେହ ଆଶଙ୍କା ଅଧିକ ଦେଖିବାକୁ ମିଳିଲା । ବିଶ୍ୱ ସ୍ତରରେ ଏକ ଆକଳନ ଅନୁଯାୟୀ ୨୦୩୦ ସୁଦ୍ଧା ୪୩୯ ନିୟୁତ ପ୍ରାପ୍ତବୟସ୍କ ଲୋକ ମଧୁମେହର ଶିକାର ହେବେ ।

# ମେକଅପ୍ ନଷ୍ଟ ହେବନି

ମେକଅପ୍ ନେବା ପୂର୍ବରୁ ପ୍ରାଇମର ଆପ୍ଲାଏ କରିବାକୁ ଯେମିତି ନଭୁଲନ୍ତି । କାରଣ ଏହି ଉପାୟରେ ହିଁ ଆପଣଙ୍କ ମେକଅପ୍ ମେଲ୍ଟ କରିବନି । ପ୍ରାଇମର ଆପ୍ଲାଏ କରିବା ଦ୍ୱାରା ଏହା ତ୍ୱଚାରେ ଏକ ଏକ୍ସଟ୍ରା ଲେୟର ଆଡ୍ କରେ ଯାହା ତ୍ୱଚାକୁ ୱାଟରପ୍ରୁଫ୍ ଷ୍ଟେବଲ ବେସ୍ ପ୍ରଦାନ କରିଥାଏ । ତେଣୁ ଏ କ୍ଷେତ୍ରରେ ଆପଣ ଏକ ଭଲ ୱାଟରପ୍ରୁଫ୍ ପ୍ରାଇମର ଆପ୍ଲାଏ କରିପାରିବେ ଏବଂ ଏଥି ସହ ବିବି ଓ ସିସି କ୍ରିମ୍ ମଧ୍ୟ ଆପ୍ଲାଏ କରିପାରିବେ ।

**ଖରାଦିନେ ମେକ୍‌ଅପ୍ ଚିନ୍ତା ଭରିଦିଏ । କାରଣ ଅତି ସହଜରେ ଖରାରେ ମେକଅପ୍ ରହିଯାଏ । ଏହା ସୌନ୍ଦର୍ଯ୍ୟକୁ ପୂରା ବିଗାଡ଼ି ଦିଏ । ତେବେ ଜାଣନ୍ତୁ ଆପଣଙ୍କ ମେକଅପ୍ କେମିତି ନଷ୍ଟ ହେବନି ।**



ସନସ୍କ୍ରିନ୍ ବ୍ୟବହାର କରନ୍ତୁ । ଏହା ତ୍ୱଚାରେ ମେକ୍‌ଅପ ରଖିବା ସହ ମେଲ୍ଟ ହେବାକୁ ଦିଏନା। ଅଏଲ ଫ୍ରୀ ସନସ୍କ୍ରିନ୍ ବ୍ୟବହାର କରିବାର ଏକ ଲାଭ ହେଉଛି ଏହା ତ୍ୱଚାକୁ ଏକ୍ସଟ୍ରା ଅଏଲ କାଢ଼ିବାକୁ ଦିଏନାହିଁ । ଅଏଲ ଫ୍ରି ସନସ୍କ୍ରିନ୍ ତ୍ୱଚାକୁ ସୂର୍ଯ୍ୟଙ୍କ କ୍ଷତିକାରକ ଅତି ବାଇଗଣି ରଶ୍ମି କବଳରୁ ସୁରକ୍ଷା ଦେବା ସହ ତ୍ୱଚା ଏଜିଙ୍ଗ ହେବାକୁ ଦିଏନା ।

ଅଏଲ କଣ୍ଟ୍ରୋଲ ଫେଶୱାସ ବ୍ୟବହାର କରନ୍ତୁ । ସମରରେ ଅଏଲ କଣ୍ଟ୍ରୋଲ ଫେଶୱାସ ବ୍ୟବହାର କରିବା ନିହାତି ଦରକାର କାରଣ ଏହାଦ୍ୱାରା ଆପଣ ତ୍ୱଚାକୁ ଅତ୍ୟଧିକ ଅଏଲ କଣ୍ଟ୍ରୋଲ କରିପାରିବେ । ଏହା ତ୍ୱଚାକୁ ଏକ୍ସଟ୍ରା ଅଏଲ ହଟାଇ ଦେବା ସହ ତ୍ୱଚାକୁ ଏକ ଫ୍ରେଶ ଏବଂ ଟୋନ୍‌ଡ ଲୁକ୍ ପ୍ରଦାନ କରିଥାଏ ।

ତ୍ୱଚାରେ ବରଫ ଲଗାଇବା ଦ୍ୱାରା ଏହା କେବଳ ମେକ୍‌ଅପକୁ ଲାଷ୍ଟ୍ ଲଙ୍ଗର କରିନଥାଏ ବରଂ ଏଥିସହ ଏହା ସଠିକ୍ ଭାବେ ମେକ୍‌ଅପ ରଖିବାରେ ସାହାଯ୍ୟ କରିଥାଏ । କିଛି ବରଫ ନେଇ ଏହାକୁ ତ୍ୱଚାରେ ଭଲଭାବେ ମସାଜ୍ କରନ୍ତୁ ଏବଂ ଆଖି ଚାରି ପାଖରେ ବି ମସାଜ କରନ୍ତୁ । ଅତି ହାଲୁକା ଭାବେ କରନ୍ତୁ । କିଛି ସମୟ ମସାଜ୍ କରିବାପରେ ଏହାକୁ ପ୍ରାକୃତିକ ଭାବେ ଶୁଖିବାକୁ ଦିଅନ୍ତୁ ।

ସମରରେ ମେକଅପ ମେଲ୍ଟ ନହେବା ପାଇଁ ଫିନିଶିଙ୍ଗ ସ୍ପ୍ରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ମୁହଁରେ ଫାଉଣ୍ଡେସନ ଏବଂ କନସିଲର ଆପ୍ଲାଏ କରିବାପରେ ଫିନିଶିଙ୍ଗ ସ୍ପ୍ରେ ଆପ୍ଲାଏ କରନ୍ତୁ ଯାହା ଦ୍ୱାରା ଫାଉଣ୍ଡେସନ ମେଲ୍ଟ କରିବନି ।

ଲାଇଟୱେଟ୍ ଫାଉଣ୍ଡେସନ୍ ବ୍ୟବହାର କରନ୍ତୁ କାରଣ ଏହା ଅଧିକ ସମୟ ପର୍ଯ୍ୟନ୍ତ ତ୍ୱଚାରେ ରହିବ । ତେବେ ହିଁ ସମରରେ ସବୁବେଳେ ଅଏଲ ଫ୍ରି ସନସ୍କ୍ରିନ୍...

ସବୁବେଳେ ୱାଟରପ୍ରୁଫ୍ ଉପକରଣ ବ୍ୟବହାର କରନ୍ତୁ । ଅଧିକ ୱାଟରପ୍ରୁଫ୍ କସମେଟିକ ବ୍ୟବହାର କରିବା ଦ୍ୱାରା ଏହା ଝାଳ ବାହାରିବାକୁ ଦେବନି ଏବଂ ଏହା ଫଳରେ ମେକଅପ୍ ଆଦୌ ନଷ୍ଟ ହେବନି ।

ଫେସିଆଲ ଅଏଲ ଏକ ମଏଷ୍ଟରାଇଜର ଏବଂ ୱାଟରପ୍ରୁଫ୍ ଫର୍ମୁଲା ଭାବେ କାର୍ଯ୍ୟ କରେ । ଏହାଦ୍ୱାରା ତ୍ୱଚା ମଏଷ୍ଟରାଇଜ ରହେ । ତ୍ୱଚାରେ ଏସେନିଆଲ ଅଏଲ ବ୍ୟବହାର କରିବାଦ୍ୱାରା ତ୍ୱଚା ସୂକ୍ଷ୍ମ ରହେ ଏବଂ ଏଥିସହ ତ୍ୱଚା ଅଧିକ ସମୟ ପର୍ଯ୍ୟନ୍ତ ହାଇଡ୍ରେଟ୍ ରହିବ ।

# ବିଦେଶୀ ପାଠପଢ଼ାକୁ ଭାରତରେ ଉପଯୋଗ କଲେ ଯୁବପିଢ଼ି

କେବଳ ବିଦେଶରେ ଚାକିରି କରି କିମ୍ବା ବ୍ୟବସାୟ କଲେ ହିଁ ଆଗାମୀ ପିଢ଼ି ଲାଭବାନ୍ ହେବା ସହ ନିଜକୁ ପ୍ରତିଷ୍ଠିତ କରାଇପାରିବ, ଏହି ଚିନ୍ତାଧାରାକୁ ଭୁଲ ପ୍ରମାଣିତ କରିଛନ୍ତି ମୁମ୍ବାଇ ନିବାସୀ ଅନୁଜା ଯାଦବ ଓ ଚିରାଗ ଅଗ୍ରୱାଲ । ବିଦ୍ୟାଳୟରେ ଏକା ସାଥିରେ ପାଠ ପଢିଥିବା ଏଇ ଦୁଇ ବନ୍ଧୁ ଆଜି ଭାରତୀୟ ପିଢ଼ିଙ୍କ ନିମନ୍ତେ ଏକ ଉତ୍ତମ ଉଦାହରଣ ହୋଇପାରିଛନ୍ତି । ଲଣ୍ଡନରୁ ଏମବିଏ ପାଠ୍ୟକ୍ରମ ଶେଷ କରିଥିବା ଅନୁଜା ବିଦେଶୀ ଚାକିରିରେ ଆତ୍ମସନ୍ତୋଷ ପାଇପାରୁନଥିଲେ । ଶେଷରେ ଆଗପଛ ନ ଭାବି ଉଚ୍ଚପଦର ଚାକିରି ତ୍ୟାଗ କରି ମୁମ୍ବାଇ ଫେରିଆସି କୌଣସି ବ୍ୟବସାୟ ଆରମ୍ଭ କରିବାକୁ ଯୋଜନା କଲେ । ୩୦ ବର୍ଷ ପରେ ପିଲାଦିନର ସାଙ୍ଗ ଚିରାଗଙ୍କୁ ସେ ଭେଟିଲେ । ଏକ ମସଲା କମ୍ପାନୀ ଦୁହେଁ ଆରମ୍ଭ କରିବାକୁ ଯୋଜନା କଲେ। ବିଭିନ୍ନ ବର୍ଗର ଲୋକଙ୍କ ପରାମର୍ଶ ନେବା ପରେ ଶେଷରେ ଦୁହେଁ 'କୋକୋଜ୍ ନ୍ୟାଚୁରାଲ' କମ୍ପାନୀ ପ୍ରତିଷ୍ଠା କଲେ । ଭାରତୀୟ ଲୋକଙ୍କୁ ଉତ୍ତମ ମାନର ଜୈବିକ ଉତ୍ପାଦ ସୁଲଭ ମୂଲ୍ୟରେ ଯୋଗାଇବା ସେମାନଙ୍କ ଲକ୍ଷ୍ୟ ଥିଲା । ଗତ ୨ବର୍ଷ ମଧ୍ୟରେ ପ୍ରଥମେ ଭାରତୀୟ ସଫି ମଲର ଫୁଡ୍ ଷ୍ଟୋରରେ ତାଙ୍କ ଉତ୍ପାଦର



ଆଦର ବଢ଼ିଲା । ଏବେ ବିଦେଶୀ ମଲରେ ତାଙ୍କ ଉତ୍ପାଦ ସ୍ଥାନ ପାଇଛି । ଲଣ୍ଡନ ୱାଲମାର୍ଟରେ ଏଇ କୋକୋଜ୍ ଉତ୍ପାଦ ବିକ୍ରି ବଢ଼ିବାରେ ଲାଗିଛି ବୋଲି ତଥ୍ୟରୁ ପ୍ରକାଶିତ । ଅନୁଜାଙ୍କ ମତରେ ଏହା ଆଦୌ ଅସମ୍ଭବ ନୁହେଁ ଯେ ନିଜ ଦେଶରେ ଜଣେ ପ୍ରତିଷ୍ଠିତ ହୋଇପାରିବ ନାହିଁ । ପ୍ରଚୁର ପରିଶ୍ରମ ଓ ଆତ୍ମବିଶ୍ୱାସ ବଳରେ ସବୁକିଛି ସମ୍ଭବ ବୋଲି ଦୁଇ ବନ୍ଧୁଙ୍କ ମତ ।

# ଶିଶୁର କିଛି ପ୍ରଶ୍ନ....

ଶିଶୁର କିଛି ପ୍ରଶ୍ନକୁ ଅଣଦେଖା କରନ୍ତୁନି । ସବୁ ପ୍ରଶ୍ନର ଉତ୍ତର ନଦେଇ ପାରିଲେ ବି ତା'ର କିଛି ପ୍ରଶ୍ନର ଉତ୍ତର ଆପଣ ଦେବା ଦରକାର । ସେହି ପ୍ରଶ୍ନ ଗୁଡ଼କ ହେଉଛି -

କାହିଁକି ତୁମେ ପାପାଙ୍କ ସହ ଝଗଡ଼ା କରୁଛ ? ତୁମେ କ'ଣ ତାଙ୍କୁ ଭଲପାଅନି ? : ଯେତେବେଳେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥାଏ ସେ ସମୟରେ ପିଲାମାନେ ମାନସିକ ସ୍ତରରେ ପ୍ରଭାବିତ ହୁଅନ୍ତି । ସେମାନେ ମଧ୍ୟ ବେଳେବେଳେ ଏଥିପାଇଁ ଦୋଷୀ ଅନୁଭବ କରିଥାନ୍ତି । ତେଣୁ ସେମାନଙ୍କୁ ବୁଝାଇଦେବା ଦରକାର ଯେ, ଏହା ତାଙ୍କ ଭୁଲ ନୁହେଁ । ତାଙ୍କୁ କୁହନ୍ତୁ ଯେ, ଭୁଲ ବୁଝାମଣା ପାଇଁ ଲୋକମାନଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥାଏ । କିନ୍ତୁ କିଛି ସମୟ ରାଗ ପରେ ସବୁ ଠିକ୍ ହୋଇଯାଏ ।

ଲୋକମାନେ କାହିଁକି ? ମରିଯାଆନ୍ତି ?

- ମୃତ୍ୟୁ ବିଷୟରେ ମିଛ କୁହନ୍ତୁନି । ସେମାନଙ୍କୁ କୁହନ୍ତୁ ଯେ, ପ୍ରତ୍ୟେକ ବ୍ୟକ୍ତି ଦିନେ ନା ଦିନେ ମରିବେ । ମଣିଷ ଅପେକ୍ଷା କୁକୁର ଖୁବ୍ ଶୀଘ୍ର ମରିଯାଏ । ସମସ୍ତେ ଏକ ନିର୍ଦ୍ଦିଷ୍ଟ ସମୟରେ ମରିଯାନ୍ତି। ତେଣୁ ମଣିଷ ବି ବୃଦ୍ଧ ହୋଇଗଲେ ମରିଯାଏ ।

- କାହିଁକି ତୁମେ ମୋତେ ଘରେ ଛାଡ଼ି ଅଫିସକୁ ଯାଉଛ ?

ଶିଶୁକୁ ଭଲ ଭାବେ ବୁଝାଇ ଦିଅନ୍ତୁ ଯେ, ଚାକିରି ଗୁରୁତ୍ୱପୂର୍ଣ୍ଣ । ତାକୁ ତାକୁ ଏକଥା ବି କୁହନ୍ତୁ, ତାକୁ ଘରେ ଛାଡ଼ି ଯିବା ପାଇଁ ଆପଣଙ୍କୁ ବି ଭଲ ଲାଗୁନି । କିନ୍ତୁ କାମ ହିଁ ଗୁରୁତ୍ୱପୂର୍ଣ୍ଣ । ବୁଝାଇଦିଅନ୍ତୁ, ଅଫିସରୁ ଫେରିଲେ ଦୁହେଁ ଏକାଠି ମିଶି ଅନେକ ସମୟ ଅତିବାହିତ କରିବେ ।

- ମୋତେ ଭୂତକୁ ଭୟ ଲାଗୁଛି !

ଶିଶୁର ଭୟକୁ ଅଣଦେଖା କରନ୍ତୁନି। ଜାଣିବାକୁ ଚେଷ୍ଟା କରନ୍ତୁ କ'ଣ ପାଇଁ ତାକୁ ଭୟ ଲାଗୁଛି । କୌଣସି ଛାଇ କିମ୍ବା ଶବ୍ଦକୁ ଶୁଣି ଯଦି ସେ ଭୟ କରୁଥାଏ ତେବେ ତାକୁ ଏ ବିଷୟରେ ଭଲରେ ବୁଝାଇ ଦିଅନ୍ତୁ।

ମୁଁ ଚିକିତ୍ସକଙ୍କ ପାଖକୁ ଯିବାକୁ ଚାହେଁନା:

ଆପଣଙ୍କ ଶିଶୁ ଜାଣିବା ଉଚିତ ଯେ, ସେ ଚିକିତ୍ସକଙ୍କୁ ଭୟ କରିବା ଠିକ୍ ନୁହେଁ । ଯେତେବେଳେ ସେ ଅସୁସ୍ଥ ହୋଇ ପଡୁଛି ସେ ସମୟରେ ସେ ଚିକିତ୍ସାରେ ରହିଲେ ତାକୁ କଷ୍ଟରୁ ମୁକ୍ତି ମିଳିବ ଏବଂ ସେ ବହୁତ ଆରାମ ଅନୁଭବ କରିବ ବୋଲି ଜାଣିବା ଦରକାର।

କାହିଁକି ସେ ଲୋକଟି ଏତେ ମୋଟା:-

ଆପଣଙ୍କ ଶିଶୁ ପବ୍ଲିକ୍ ସ୍ଥାନରେ କୌଣସି ବ୍ୟକ୍ତିଙ୍କୁ ଅଙ୍ଗୁଳି ଦେଖାଇ କିଛି କହିବା ଠିକ୍ ନୁହେଁ । ତାକୁ କୁହନ୍ତୁ ଯେ, ସମସ୍ତେ ଭିନ୍ନ ଭାବେ ଗଢ଼ା ହୋଇଛନ୍ତି । ସମସ୍ତଙ୍କ ଶରୀରର ଆକାର ଏବଂ ତ୍ୱଚାର ରଙ୍ଗ ଭିନ୍ନ । କୌଣସି ବ୍ୟକ୍ତିକୁ ଅଙ୍ଗୁଳି ଦେଖାଇ କିଛି କହିଲେ ଏହା ତାଙ୍କୁ ଆଘାତ ଦେବ। ତୁମେ ମୋତେ ତାଙ୍କ ଅନୁପସ୍ଥିତିରେ କିଛି କହିପାରିବ କିନ୍ତୁ ସମ୍ମୁଖରେ କିଛି କହିବନି।

ତୁମେ କ'ଣ ଭାଇକୁ ମୋ ଅପେକ୍ଷା ଅଧିକ ଭଲପାଅ:-

ଭାଇ ଭଉଣୀ ଝଗଡ଼ା ହେବା ସାଧାରଣ କଥା । ତେଣୁ ସେମାନଙ୍କ ଭିତରେ କେବେ ତୁଳନା କରନ୍ତୁନି । ଅପଣଙ୍କ ପିଲାକୁ ଜଣାଇ ଦିଅନ୍ତୁ ଯେ, ଆପଣ ଉଭୟଙ୍କୁ ବହୁତ ଭଲପାଆନ୍ତି ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୯ ଏପ୍ରିଲ ୨୦୨୪, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପର ଲୁଗାରେ ପରିଚୟ....

ଓଡ଼ିଆରେ କଥାଟିଏ ଅଛି- 'ପର ଲୁଗା ପିନ୍ଧି ହାଟକୁ ଯାଏ, ପଡାରିଲେ ମୁଣ୍ଡ ଟୁଙ୍ଗାରୁ ଥାଏ।' ଅର୍ଥ- ନିଜର ସ୍ଥିତି କଥା ନ ଭାବି ଦେଖାଇ ହେବା ପାଇଁ ଅନ୍ୟଠାରୁ ଧାର୍ କରି ଆଣିଥିବା ସାମଗ୍ରୀ ବା ସମ୍ପଦ ଯେ କେତେ ଅପଦସ୍ତକାରୀ ସାବ୍ୟସ୍ତ ହୋଇଥାଏ, ତାହା କେବଳ ଭୋଗିବା ଲୋକ ହିଁ ଜାଣେ । ପ୍ରତି ନିର୍ବାଚନରେ ଶାସକ ଓ ବିରୋଧୀ ଦଳ ଭୋଟରମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ବେଶ୍ କିଛି ନୂଆ ନୂଆ କଥା କହିଥାନ୍ତି ; ପ୍ରତିଶ୍ରୁତି ଦେଇଥାନ୍ତି । ତେବେ ସେସବୁ ଯଦି ନିଜ ଦେଶର ପରିସ୍ଥିତି ଓ ପରିବେଶକୁ ସୁହାଇବା ଭଳି ହୋଇଥାଏ, ତା'ହେଲେ ତ ଭଲ; ଅନ୍ୟଥା ଏହା ବିବାଦର କେନ୍ଦ୍ରବିନ୍ଦୁ ପାଲଟିବା ହିଁ ସାର ହୋଇଥାଏ, ଯେମିତି ହୋଇଛି କଂଗ୍ରେସର ଅଷ୍ଟାଦଶ ଲୋକସଭା ନିର୍ବାଚନ କାଳରେ ଉତ୍ତରାଧିକାର ଟିକସକୁ ନେଇ। କଂଗ୍ରେସ ଶିବିରରୁ ଆସିଥିବା ଏଭଳି ଅଣଆନୁଷ୍ଠାନିକ ପ୍ରସ୍ତାବରୁ ଯଦିଓ ଏବେ ଦଳ ନିଜକୁ ଦୂରେଇ ନେଇଛି, ତେବେ ଏହାର ମୂଳ କଥାଟି ହୁସିଯାଇଛି ଭାରତର ବିଦେଶୀ କଂଗ୍ରେସ ଅଧ୍ୟକ୍ଷ ସାମ୍ ପିତ୍ରୋଡାଙ୍କ ଦ୍ୱାରା । ତେଣୁ ନିଜ ଗୋଡ଼ରେ କୁରାଢ଼ି ମାରିବା ସଦୃଶ କଂଗ୍ରେସ ଏବେ ବିଜେପିକୁ ବାଡ଼ିଟିଏ ଧରାଇ ଦେଇଛି ସେଥିରେ ତାକୁ ବାଡ଼େଇବା ପାଇଁ କହିଲେ ଚଳେ । ସାମ୍ ପିତ୍ରୋଡା ତ ଏବେ ରହୁଛନ୍ତି ଆମେରିକାରେ ; ତେଣୁ ତାଙ୍କ ମୁଣ୍ଡରେ ପଶି ଯାଇଛି ସେଠାକାର ଏଭଳି ଟିକସ ବ୍ୟବସ୍ଥା, ଆଉ ସିଏ ଭାବୁଛନ୍ତି ଭାରତକୁ ଆମେରିକା କରିଦେବେ କଂଗ୍ରେସ କ୍ଷମତାକୁ ଆସିଲେ। ସେଥିପାଇଁ ତାଙ୍କ ମୁହଁରୁ ବାହାରି ଯାଇଛି ପ୍ରସ୍ତାବଟି। ପରନ୍ତୁ, ଏଭଳି ପ୍ରସଙ୍ଗଟି ଯେ ଭାରତ ପରିପ୍ରେକ୍ଷୀରେ ଏକ ଗଭୀର ଘାରିର ସାଗର ଆଉ ତା' ଭିତରେ ବୁଡ଼ିବାର ଅର୍ଥ ଭାରତର ଅର୍ଥନୀତିକ, ସାମାଜିକ ଏବଂ ରାଜନୀତିକ ଉପାଦାନ ସମେତ ଆହୁରି ଅନେକ ଉପାଦାନର ବ୍ୟାପକ ପରୀକ୍ଷା ନିରୀକ୍ଷା କରିବାକୁ ହେବ, ତାହା ସେ ଭୁଲି ଯାଇଛନ୍ତି । ଅନ୍ୟଥା ଦୀର୍ଘ କାଳ ଧରି ଏଭଳି ଉତ୍ତରାଧିକାର ଟିକସର ଅବଧାରଣାକୁ ଆପଣେଇ ଆସିଥିବା ଆମେରିକା କିପରି ଜଟିଳତା ଓ ବିବାଦ ଭିତରେ ପଶିଛି, ତାହା ସେ କହିବା ପୂର୍ବରୁ ଅନେକ ଥର ଅବଶ୍ୟ ଚିନ୍ତା କରିଥାନ୍ତେ। ଉତ୍ତରାଧିକାର ଟିକସ ପକ୍ଷରେ ରହିଥିବା ଯୁକ୍ତିଯୁକ୍ତତାଗୁଡ଼ିକ ହେଉଛି ବହୁସଂଖ୍ୟକ। ପ୍ରଥମଟି ହେଉଛି, ଅର୍ଜିତ ସମ୍ପତ୍ତି କିପରି ସର୍ବସାଧାରଣଙ୍କ ମଙ୍ଗଳ ନିମନ୍ତେ କୌଣସି ଅବଦାନ ନ ରଖି ନିରନ୍ତର ଭାବରେ ପିଢ଼ି ପରେ ପିଢ଼ି ହସ୍ତାନ୍ତରିତ ହେବ, ତାକୁ ସୁନିଶ୍ଚିତ କରିବା ନିମନ୍ତେ ସମ୍ପଦର ଅସମାନତାକୁ ଦୂର କରିବା। ଦ୍ୱିତୀୟରେ, ଏହା ଜନ ସେବା ଏବଂ ସେଥି ନିମନ୍ତେ ଉଦ୍ଦିଷ୍ଟ ପଦକ୍ଷେପଗୁଡ଼ିକୁ ପାଣ୍ଠି ସହାୟତା ଯୋଗାଇବାକୁ ସରକାରଙ୍କ ନିମନ୍ତେ ରାଜସ୍ୱ ଅର୍ଜନର ଏକ ଉତ୍ସ ହୋଇଥାଏ । ତେବେ ଭାରତରେ ଏକ ଉତ୍ତରାଧିକାର ଟିକସକୁ କାର୍ଯ୍ୟରେ ଲଗାଇବା ସ୍ୱତନ୍ତ୍ର ଧରଣର ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବ। ଯେପରିକି- ପ୍ରଥମ ଚିନ୍ତାର କାରଣ ପାଲଟିବ ଅସଂଗଠିତ ଅର୍ଥନୀତି ଏବଂ ନଥିଭୁକ୍ତ ହୋଇ ନଥିବା ସମ୍ପଦର ଚିରନ୍ତନତା ଯାହା ଟିକସ ଫାଙ୍କିର ସମ୍ଭାବନାକୁ ବହନ କରିପାରେ। ଅତିରିକ୍ତ ଭାବରେ ଭାରତର ସାଂସ୍କୃତିକ ଏବଂ ସାମାଜିକ ବ୍ୟବସ୍ଥା ପାରିବାରିକ ବନ୍ଧନ ଏବଂ ଉତ୍ତରାଧିକାର ପ୍ରଥା ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରିଥାଏ ଯାହା ଏଭଳି ଟିକସକୁ ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ପରିଣତ କରିଥାଏ। ସର୍ବୋପରି, ଭାରତୀୟ ଟିକସ ବ୍ୟବସ୍ଥାରେ ଆୟକର, ପୁଞ୍ଜି ଲାଭ ଟିକସ, ସମ୍ପଦ ଟିକସ (ଯଦିଓ ୨୦୧୫ରେ ପ୍ରତ୍ୟାହୃତ ହୋଇଥିଲା) ଭଳି ଅନେକଗୁଡ଼ିଏ ଟିକସ ଲାଗୁ ହେଉଛି, ଯେଉଁଗୁଡ଼ିକ ସହିତ ଉତ୍ତରାଧିକାର ଟିକସ ଯୋଗ ହେଲେ ଅଧିକ ଜଟିଳ ହୋଇ ପଡ଼ିବ । ଏହା ବାଦ୍ ସମ୍ପତ୍ତି ଓ ପ୍ରଚଳିତ ଉତ୍ତରାଧିକାର ବ୍ୟବସ୍ଥାର ସ୍ୱଭାବ ଦୃଷ୍ଟିରୁ ରହିଛି ଏଭଳି ଏକ ଟିକସର ବାସ୍ତବ କ୍ଷେତ୍ରରେ କାର୍ଯ୍ୟାନ୍ୱୟନର ସମସ୍ୟା । ଏସବୁ ସତ୍ତ୍ୱେ ଯେଉଁମାନେ ଉତ୍ତରାଧିକାର ଟିକସ ଲାଗୁ କରିବା ସମ୍ପର୍କରେ ପ୍ରସ୍ତାବ ଦିଅନ୍ତି, ସେମାନେ ଯୁକ୍ତି ଦର୍ଶାଇଥାନ୍ତି ଯେ ଏହା ଅର୍ଥନୀତିକ ଗତିଶୀଳତାକୁ ପ୍ରୋତ୍ସାହନ ଦେବ ଏବଂ ଅଳ୍ପ କିଛି ଲୋକଙ୍କ ନିକଟରେ ସମ୍ପଦ ଠୁଳ ହୋଇ ରହିବାର ପ୍ରଥାକୁ ହ୍ରାସ କରିବ । ସେମାନେ ଆହୁରି କୁହନ୍ତି ଯେ ବିଶାଳ ସମ୍ପତ୍ତିର ଉତ୍ତରାଧାକାରୀମାନଙ୍କ ଉପରେ ଟିକସ ଧାର୍ଯ୍ୟ କରି ସରକାର ସମ୍ପଦକୁ ଅଧିକ ନିଷ୍ପକ୍ଷ ଭାବରେ ପୁନର୍ବଣ୍ଟନ କରିବା ସହିତ ବିଭିନ୍ନ ପ୍ରକାରର ସାମାଜିକ ଜନକଲ୍ୟାଣମୂଳକ କାର୍ଯ୍ୟ ନିମନ୍ତେ ରାଜସ୍ୱ ସୃଷ୍ଟି କରି ପାରିବେ । ତେବେ ଏଥିପାଇଁ ନୀତି ନିର୍ଦ୍ଧାରକମାନଙ୍କୁ ଯେ ଅନେକ କସରତ କରିବାକୁ ପଡ଼ିବ, ଏହା ସେମାନେ ପାସୋରି ଯିବା ଉଚିତ ନୁହେଁ, ଯାହା ଭାରତ ପରିପେକ୍ଷୀରେ ଢେର୍ କଷ୍ଟସାଧ୍ୟ, କାରଣ ଉପରବର୍ଣ୍ଣିତମତେ ଭାରତୀୟ ସମାଜ ବ୍ୟବସ୍ଥା ଅନ୍ୟ ସବୁ ଦେଶମାନଙ୍କଠାରୁ ଭିନ୍ନ। ଏବେ ଆସିବା କଂଗ୍ରେସ ଓ ବିଜେପିର ପ୍ରମୁଖ ନେତାଦ୍ୱୟଙ୍କ ନିକଟକୁ, ଅର୍ଥାତ୍ ରାହୁଲ ଗାନ୍ଧୀ ଏବଂ ନରେନ୍ଦ୍ର ମୋଦୀଙ୍କ କ୍ଷେତ୍ରରେ ଏହି ପ୍ରସ୍ତାବନାର ବାସ୍ତବ ପ୍ରୟୋଗ କରି ଦେଖିବାକୁ। ଉତ୍ତରାଧିକାର ଟିକସ ଲାଗୁ କରିବା ସପକ୍ଷରେ ପ୍ରକୃତରେ ଏ ଦୁଇ ଜଣଙ୍କ ମଧ୍ୟରୁ କାହାର ଅଧିକ ମତ ରହିବ। ନିଶ୍ଚିତ ଭାବରେ ନରେନ୍ଦ୍ର ମୋଦୀଙ୍କର, କାରଣ ସେ ଆସିଛନ୍ତି ଏକ ଅତ୍ୟନ୍ତ ସାଧାରଣ ପରିବାରରୁ, ଆପାତତଃ ଧନଶୂନ୍ୟ ପରିବାରରୁ। ବିପରୀତ ପକ୍ଷରେ ରାହୁଲ ହେଉଛନ୍ତି ଗାନ୍ଧୀ ପରିବାରର ଉତ୍ତରାଧିକାରୀ, ଯେଉଁ ପରିବାର ଅଜସ୍ର ସମ୍ପତ୍ତିର ମାଲିକ ଏବଂ ଯାହାଙ୍କ ନିକଟକୁ ଉତ୍ତରାଧିକାର ସୂତ୍ରରେ କେବଳ ରାଜନୀତି ନୁହେଁ, ବିପୁଳ ପରିମାଣର ଧନ ସମ୍ପତ୍ତି ମଧ୍ୟ ଆସିବ । ତେଣୁ ବାସ୍ତବ କ୍ଷେତ୍ରରେ ରାଜନୀତିରେ ନଥିଲେ ରାହୁଲ ହିଁ ଏଭଳି ପ୍ରସ୍ତାବର ବିରୋଧ କରିଥାନ୍ତେ। ଅତଏବ, ଏଭଳି ପ୍ରସ୍ତାବ ଦେବା ସାମ୍ ପିତ୍ରୋଡାଙ୍କ ପାଇଁ ବୁମେରାଂ ସଦୃଶ, ଏବଂ ବିବାଦୀୟ ମନ୍ତବ୍ୟ ଦେବାରେ ତ ସେ ଓସ୍ତାଦ୍ ବୋଲି ସମସ୍ତେ ଜାଣନ୍ତି; କିମଧିକଂ ! ଶେଷରେ ଏତିକି କୁହାଯାଇପାରେ ଯେ ପିତ୍ରୋଡାଙ୍କ ବିବୃତି ଏବଂ ପରବର୍ତ୍ତୀ ସମୟରେ ତାକୁ ନେଇ ବିବାଦ ସୃଷ୍ଟି ହେବା ହେଉଛି କଂଗ୍ରେସ ପାଇଁ ଏକ ଉତ୍ତରାଧୁକାର ସୂତ୍ରରେ ମିଳିଥିବା ସମସ୍ୟା, ଆଉ ଏଭଳି ଏକ ବଡ଼ ଧରଣର ତ୍ରୁଟି ପାଇଁ ନିର୍ବାଚନରେ କଂଗ୍ରେସକୁ ଅଧିକ ପରିମାଣର ଲୋକପ୍ରିୟିତା ହାନି ରୂପକ ଟିକସ ଦେବାକୁ ପଡ଼ିପାରେ।

## ସ୍ୱାଭିମାନର କଥା

**ବୈଷ୍ଣବ ମେହେର**

ହୁଏତ ଆଉ କିଛି ଦିନ ପରେ ସ୍ୱାଭିମାନର ପ୍ରକୃତ ଅର୍ଥକୁ ଆମେ ଭୁଲି ଯାଇପାରୁ । ସେତେବେଳେ ସ୍ୱାଭିମାନକୁ ଜଗିରଖି ଚଲୁଥିବା ମଣିଷଟିଏ ଖୋଜି ବାହାର କରିବା ସବୁଠାରୁ ବଡ଼ ମୁସ୍କିଲ ବ୍ୟାପାର ହୋଇ ଯାଇଥିବ। ସଂପ୍ରତି ଯେଉଁ ବେଗରେ ମଣିଷ ନିଜର ନୈତିକତାକୁ ଜଳାଞ୍ଜଳି ଦେବାରେ ଲାଗିଛି, ତାକୁ ଦେଖିଲେ ଏ ଆଶଙ୍କା ଅତ୍ୟନ୍ତ ସାଧାରଣ ମନେ ହୁଏ । ଆମେ ଭୁଲି ଯାଉଛୁ ଯେ ଆମେ ସେହି ଓଡ଼ିଆ ମାଟିର ସନ୍ତାନ ଯେଉଁଠି ମଧୁବାବୁଙ୍କ ଭଳି ପ୍ରଶସ୍ତ ଏବଂ ଦାମ୍ଭିକ ହୃଦୟର ବ୍ୟକ୍ତିତ୍ୱଙ୍କ ଜନ୍ମଲାଭ ଘଟିଥିଲା। ଯିଏ ନିଜ ଜୀବନରେ କେବେ କୌଣସି ପରିସ୍ଥିତିରେ ନିଜ ସ୍ୱାଭିମାନ ଉପରେ ତିଳେ ମାତ୍ର ଆଂଚ ଆସିବାକୁ ଦେଇ ନଥିଲେ। ଧନ, ମାନ, ପତିପତ୍ତି, ଶକ୍ତି, ସାମର୍ଥ୍ୟ, କ୍ଷମତା ସବୁ ନିମିତ୍ତ ମାତ୍ର ହୋଇଥିବା ବେଳେ ମଣିଷର ପ୍ରକୃତ ପରିଚୟ ହେଉଛି ତାର ମୌଳିକତା ଆଉ ସ୍ୱାଭିମାନ ବୋଲି ମଧୁବାବୁ ବାରମ୍ବାର କହିବା ଓ କରି ଦେଖାଇବା ସତ୍ତ୍ୱେ ଏଜାତି କ'ଣ ବୁଝିଲା କେଜାଣି ମଧୁବାବୁଙ୍କ ପ୍ରିୟ ଓଡ଼ିଶାରେ ଓଡ଼ିଆଙ୍କ ସ୍ୱାଭିମାନ ଆଜି ଭୁଲୁଣ୍ଠିତ କହିଲେ ଭୁଲ ହେବ ନାହିଁ। ଯେଉଁ ମଧୁବାବୁ ଗରୀବଗୁରୁବାଙ୍କୁ ଦୁଧ ବିକ୍ରି କରୁଥିବା ଜାଣି ନିଜ ଘରର ଚାକରକୁ ଭର୍ତ୍ସନା କରି ସେହିଦିନ ଠାରୁ ମାଗଣାରେ ଦୁଧ ବାଣ୍ଟିବାକୁ ଆଦେଶ ଦେଇଥିଲେ । ଋଣ ଆଣି ନିଜେ ଦେବାଳିଆ ସିନା ହୋଇଯିବେ କିନ୍ତୁ ଜୋତା ତିଆରିରେ ସାମାନ୍ୟତମ ଭେଜାଲକୁ କଦାପି ବରଦାସ୍ତ କରିବା ତାଙ୍କ ପକ୍ଷେ ସମ୍ଭବ ହେଲା ନାହିଁ। ସାଧାରଣଜନତାଙ୍କ ସେବା ହିଁ ଏକମାତ୍ର ଲକ୍ଷ, ପେଟପାଟଣା ପାଇଁ ସେ ରାଜନୀତିକୁ ଆସି ନଥିବା କହି ଦରମା ଗ୍ରହଣକୁ ବିରୋଧ କରିବାକୁ ଯାଇ ମଂତ୍ରୀ ପଦରୁ ଇସ୍ତଫା ଦେଇଥିବା ମଧୁବାବୁ ବର୍ତ୍ତମାନର ଲୋକଙ୍କ ଦୁର୍ନୀତି କରିବାରେ ପ୍ରତିଯୋଗିତା ଏବଂ ରାଜନେତାଙ୍କ ଦରମା ବୃଦ୍ଧିର ଦାବିକୁ ଦେଖି ଆଜି ଥିଲେ ସେ କିଭଳି ବିବ୍ରତ ପ୍ରକାଶ କରନ୍ତେ ତାହା ସହଜେ ଅନୁମେୟ ।

୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ କରି ଏକ ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନରେ ମଧୁବାବୁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏଯାଏଁ ପୂରଣ ହୋଇ ସାରିଥିବା ଭଳି ଲାଗୁନି । ଆଂଧ୍ରପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଭଳି ରାଜ୍ୟ ଆଜି ବି ଓଡ଼ିଶାର ଅନେକ ଅଂଚଳକୁ ନିଜ ଅକ୍ତିଆରରେ ନେଇଛନ୍ତି ଅଥବା ନିଜ ଅଧିନକୁ ନେବାର ଚେଷ୍ଟା ଚଲାଇଛନ୍ତି। ଏହିସବୁ ରାଜ୍ୟ ସହ ଆମର ଜଙ୍ଗଲ, ଜମି, ନଦୀ, ଜଳ ଆଦିର ଆବଣ୍ଟନକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ । ଅପରପକ୍ଷେ ଆମର ନେତୃବର୍ଗ ଏସବୁ ସମସ୍ୟାର ସମାଧାନ ଆଡ଼କୁ ନଯାଇ ରାଜନୀତି ନାଁରେ ପରସ୍ପର କାଦୁଅ ଫିଙ୍ଗାଫିଙ୍ଗି ହୋଇ ସେସବୁ ସମସ୍ୟାକୁ ଅଧିକ ଗୁରୁତ୍ୱର କରିବା ଦ୍ୱାରା ଓଡ଼ିଆ ଜାତିର କେଉଁ ସ୍ୱାଭିମାନର ପରିପ୍ରକାଶ ଘଟୁଛି ତାହା ପ୍ରଭୁ ଜଗନ୍ନାଥଙ୍କୁ ଜଣା ।

୧୯୪୭ ଯାଏଁ ଓଡ଼ିଶାରେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ, ଗଞ୍ଜାମ ଭଳି ଛଅଟି ଜିଲ୍ଲା ଓ ୧୯୪୮ରେ ଗଡ଼ଜାତ ମିଶ୍ରଣ ପରେ ପୁଣି ଛଅଟି କଳାହାଣ୍ଡି, ବଲାଙ୍ଗିର, ସୁନ୍ଦରଗଡ଼, ଫୁଲବାଣୀ, ଢେଙ୍କାନାଳ, କେନ୍ଦୁଝର ଗଠନ ପରେ ୧୯୪୯ ଜାନୁଆରୀ ୧ ରେ ମୟୁରଭଞ୍ଜର ଗଠନ ହୋଇ ସମୁଦାୟ ୧୩ ଗୋଟି ଜିଲ୍ଲା ରହି ଆସିଥିଲା ବେଳେ ପ୍ରଶାସନୀକ ସୁବିଧା ଦୃଷ୍ଟିରୁ ୧୯୯୧ ରେ ୧୩ରୁ ବର୍ତ୍ତମାନର ୩୦ଟି ଜିଲ୍ଲାକୁ ପରିବର୍ଦ୍ଧିତ କରାଯାଇଥିଲା । ତଥାପି କେଉଁଠି ତୃଟି ରହିଯାଉଛି ଯେ, ଆଂଚଳିକ ବୈଶମ୍ୟତାର ଅଭିଯୋଗ କରି କିଛି ଅଂଚଳ ଓଡ଼ିଶାରୁ ବିଚ୍ଛିନ୍ନ ହେବାର ଦାବି କରୁଛନ୍ତି । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗର ତୁରନ୍ତ ଆବଶ୍ୟକ ସମାଧାନ ହେଲେ ହିଁ ଓଡ଼ିଆ ମାଟିର ମଙ୍ଗଳ ହେବ। ଓଡ଼ିଶାରେ ବିସ୍ତୀର୍ଣ୍ଣ ଉର୍ବର ଭୂମି, ଶହଶହ କି.ମି.ର ସମୁଦ୍ର ତଟ, ଅରଣ୍ୟ ସମ୍ପଦ, ଖଣିଖାଦାନ, ଭରପୁର ମାନବ ସମ୍ବଳ ଥାଇ ସୁଦ୍ଧା ଶସ୍ୟ, ମତ୍ସ୍ୟ, ଶକ୍ତି, ଶିଳ୍ପ, ନିଯୁକ୍ତିରେ ଆମର ଯେତିକି ସୁଯୋଗ ସୃଷ୍ଟି ହେବା କଥା କାହିଁ ସେତେ ତ ଦେଖିବାକୁ ମିଳୁ ନାହିଁ । ଫଳରେ ପ୍ରତିବର୍ଷ ଲକ୍ଷଲକ୍ଷ ଓଡ଼ିଆ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଇ ଯେଉଁ ହିନସ୍ତାକୁ ସାମନା କରୁଛନ୍ତି, ତାହା ଏ ମାଟିର ସ୍ୱାଭିମାନକୁ ତଳେ ପକାଉଛି । ଯେଉଁମାନେ କାମଧନ୍ଦା ଅନ୍ୱେଷଣରେ ବାହାରକୁ ଯାଉନାହାନ୍ତି, ସେମାନଙ୍କ ମଧ୍ୟରୁ ମାଳମାଳ ବେକାରୀ କୌଣସି ନା କୌଣସି ରାଜନୈତିକ ଦଳର ହାତବାରିସି ସାଜିଥିବା ଦେଖିବାକୁ ମିଳୁଛି । ସବୁଠାରୁ ବଡ଼କଥା ହେଲା ମାଗଣାଖିଆ ନିଶା ଆମକୁ ଏମିତି ଘାରିଛି ଯେ, ଠକିଭଣି ଯିଏ ଯେତେ ଅଧିକ ମାଗଣା ହଡ଼ପ କରିପାରେ ତା'ର ସେତେ ଅଧିକ ପାରିବାପଣ ଥିବାର ବିଚାର କରାଯାଏ । ନିଃସହାୟ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ମାଗଣା ଘର, ଚାଉଳ, ଆହାର ସହ ବନ୍ୟା, ବାତ୍ୟା, ମରୁଡ଼ି, ଅଗ୍ନି ବିପନ୍ନଙ୍କ ସହଯୋଗ ରାଶିକୁ ହାତେଇବାରେ ବଡ଼ବଡ଼ିଆଙ୍କ ପ୍ରତିଯୋଗିତାକୁ ଦେଖିଲେ ଆମର ଦୁର୍ବଳ ସ୍ୱାଭିମାନର ନିଚ୍ଛକ ଚିତ୍ରକୁ ସ୍ପଷ୍ଟ ଅନୁଭବ କରିହୁଏ । ଧନ୍ୟ ଆମର ଓଡ଼ିଆ ଚିନ୍ତା ଓ ଚେତନା, କଥାକଥାରେ ଇଂରାଜୀ ପ୍ରୀତି ଆମର କେଉଁ ଇଜ୍ଜତକୁ ଅବା ବଢ଼ାଉଛି କେଜାଣି ! ଛୁଆପିଲାଙ୍କୁ କଥା ଶିଖାଇବା ଠାରୁ ଆରମ୍ଭ କରି ଏକୋଇଶିଆ, ବିବାହବ୍ରତ ଆଦିର ନିମଂତ୍ରଣ ପତ୍ରଛପା, ନାମଫଳକ ଆଦିରେ ଓଡ଼ିଆ ଭାଷାର ଉପେକ୍ଷା ଏବେ ଦେହସୁହା ହେଲାଣି। ଧିକ୍ ଆମକୁ, ଶହଶହ ବର୍ଷ ଧରିଏଇଠି ରହି ବ୍ୟବସାୟ କରି ଆମକୁ ଲୁଟୁଥିବା ଅଣଓଡ଼ିଆଙ୍କ ଠାରେ କଥାବାର୍ତ୍ତା ହେଲା ବେଳେ ଆମେ କେତେ ଗର୍ବରେ ସେମାନଙ୍କ ଭାଷାରେ କଥା କହୁ । ପାରମ୍ପରିକ ପ୍ରକ୍ରିୟାକୁ ଭୁଲି ଏବେ ଆମେ ବାର୍ଥ ଡେ, ୟୁନିଭରସାରି, ମେରେଜ ଆଦି ପାର୍ଟିରେ କେକ୍ କଟା, ବଫେ ଖାନା, ପ୍ରି-ଭିଡ଼ିଓ ଆଦି ମାଧ୍ୟମରେ ନିଜ ସଂସ୍କୃତିକୁ ହିଁ ହତାଦର କରିଚାଲିଛୁ ଏ ହୃଦବୋଧ ଆମର ହେଉ । ପ୍ରବନ୍ଧର ଶେଷ ପର୍ଯ୍ୟାୟରେ କୁଳବୃଦ୍ଧ ମଧୁସୁଦନ ଓଡ଼ିଆ ଜାତି ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ କହିଥିବା ଶେଷ ଧାଡ଼ି 'ମୁଁ ତ ଯାଉଛି, ମନେ ରଖିବ ଜଣେ ଓଡ଼ିଆ ଥିଲା । ମନେ ପଡୁଛି । କହିବା ବାହୁଲ୍ୟ ଯେ, ମଧୁବାବୁ ଏଠାରେ ନିଜକୁ ମନେ ରଖିବା କଥା କହିନାହାନ୍ତି ବରଂ ଜୀବନର ଶେଷ ଯାଏଁ ପ୍ରତ୍ୟେକ ଓଡ଼ିଶାବାସୀ ଜଣେ ଖାଣ୍ଟି ଓଡ଼ିଆ ଭାବରେ ବଂଚିବାକୁ ପ୍ରାଧାନ୍ୟ ଦେଇଛନ୍ତି । ତେବେ ଯାଇ ଏ ମାଟି, ଭାଷା, କଳା ସଂସ୍କୃତିର ବିକାଶ ଘଟିବ । ମଧୁବାବୁଙ୍କ ଶେଷକଥାକୁ ହେଜି ପାରିଲେ ଓଡ଼ିଆଙ୍କ ସ୍ୱାଭିମାନ ଅତୁଟ ରହିବ, ଏହା ନିସନ୍ଦେହ ।


ଉପସଭାପତି
ଉତ୍କଳ ସମ୍ମିଳନୀ,
ନୂଆପଡ଼ା ଶାଖା
ମୋ: ୯୭୭୭୭୫୩୯୩୫


## ପରମାତ୍ମାଙ୍କ ସାନିଧ ପାଇବା କେମିତି !



**ପଙ୍କଜ କୁମାର ପାଣିଗ୍ରାହୀ**

ପ୍ରାୟତଃ ସବୁ ମଣିଷ ଆଜି ଭଗବାନଙ୍କ ସାନିଧ ପାଇବା ପାଇଁ ଅକଳନ ଉପାୟ ଚରିତାର୍ଥ କରୁଥିଲେ ମଧ କେହି ଭଗବାନଙ୍କ ସାନିଧ ପାଉନାହାନ୍ତି କାହିଁକି ର ଉତ୍ତର ଜାଣନ୍ତି ନାହିଁ ନିର୍ବୋଧ । ଆମରଣ ଚେଷ୍ଟା ଜାରି ରଖି ଆସୁଥିବା ସାଧାରଣ ନିର୍ବୋଧଙ୍କ ଜୀବନ କାଳ ମଧରେ ନ ପାଇଲେ ମଧ ଜୀବନ ଅନ୍ତେ ତାଙ୍କରି ଚରଣାରବିନ୍ଦେ ବିଲୀନ ହୋଇଯିବା ଲକ୍ଷ ରଖିଥିବା ମଣିଷଙ୍କ ସଂଖ୍ୟା ମଧ କିଛି କମ୍ ଦେଖିବାକୁ ମିଳନ୍ତି ନାହିଁ ଆମ ସମାଜରେ । ତଥାପି କେହି ହେଲେ ସେହି ସତ୍ୟ, ଶିବ, ସୁନ୍ଦର ରୁପି ନିରାକାରଙ୍କର ଲକ୍ଷ ପ୍ରତିକ୍ରିୟାରେ ଅଂଶୀଦାର ହେଉନଥିବା କାରଣ ହେଉଛି ଯେ ସେ କେବେ ଅସତ୍ୟ, ଅଶିବ, ଅସୁନ୍ଦର ଚରିତ୍ର ଗୁଡିକୁ ନିଜର କରିପାରିବେ ନାହିଁ। ତେଣୁ ସତ୍ୟ, ଶିବ, ସୁନ୍ଦର ରୁପି ପରମାତ୍ମାଙ୍କ ସହିତ ନିଜର ଆତ୍ମାକୁ ବିଲୀନ କରିବାକୁ ହେଲେ ନିଜକୁ ମଧ ସେହି ଭଳି ସତ୍ୟ, ଶିବ, ସୁନ୍ଦର କରିବାକୁ ହେବ । ଜଳରେ ଜଳ ମିଶି ପାରେ ଏବଂ ତେଲରେ ତେଲ ମିଶି ପାରେ, କି'ନ୍ତ ଜଳରେ ତେଲ ମିଶିବା ସମ୍ଭବ ନୁହେଁ ! ଠିକ ସେହିଭଳି ସେହି ସତ୍ୟ, ଶିବ, ସୁନ୍ଦର ଭଗବାନଙ୍କ ସହିତ ମିଶିବାକୁ ହେଲେ ଆମକୁ ମଧ ଅନୁରୂପ ଗୁଣ, ଧର୍ମ, ଚରିତ୍ର ପ୍ରବାହ କରିବାକୁ ହେବ ଯାହାର ମାର୍ଗ ଦିଶୁନାହିଁ କାହାକୁ ।

କଥାରେ କହନ୍ତି ଜର ବଉଳାରେ ତାଟିଆ କାମୁଡ଼ିଲା ଭଳି ନିର୍ବୋଧ କେତେବେଳେ କେଉଁ ବାବା / ଗୁରୁଙ୍କ ସହିତ ନିମଗ୍ନ ଦେଖିବାକୁ ମିଳୁଛନ୍ତି ତ କେତେବେଳେ କେଉଁ ଏକ ଭିନ୍ନ ଧର୍ମ ପ୍ରତି ଅନୁରାଗ ତ ଆଉ କେତେବେଳେ କେଉଁ ଧର୍ମଗ୍ରନ୍ଥ ସହିତ ଜଡିତ ରହି କିଛି ଉପାୟ ଖୋଜି ବୁଲୁଥିବା ମଣିଷଙ୍କ ଶେଷ ଜୀବନରେ କୌଣସି ପ୍ରାପ୍ତି ନହୋଇ କେବଳ ସମୟ ସାପେକ୍ଷ ଅସନ୍ତୁଷ୍ଟି ଅନୁଭବ କରୁଥିବା ଦେଖିବାକୁ ମିଳିବ ଅନୁଧାନ କଲେ। ବାସ୍ତବତାର ରୂପରେଖ ଭିନ୍ନ ଏକ ଦିଗରେ ପରିଚାଳିତ ଯାହା ଭୁପୃଷ୍ଠରେ ଆଜି ଅତ୍ୟନ୍ତ ବିରଳ । ସେହି ବିରଳ ମହିମାକୁ ଖୋଜି ବାହାର କରିବା ମଧ ବିରଳରୁ ବିରଳ ହୋଇ ପଡିଛି ଆଜି ସମୟରେ । କେତେ ଧର୍ମ ଗୁରୁ ନିଜକୁ ଭଗବାନଙ୍କ ପ୍ରେରିତ ଦୂତ ବୋଲି କହିଥା'ନ୍ତି ତ ଆଉ କିଏ କହନ୍ତି ଯେ କେବଳ ଗୁରୁଙ୍କ ମାଧମରେ ଭଗବାନଙ୍କୁ ପାଇବା ସମ୍ଭବ । ଅନ୍ୟଥା ଭଗବାନଙ୍କୁ ପାଇବା ଅସମ୍ଭବ । କି'ନ୍ତ ସେଗୁଡିକ ସେମାନଙ୍କ ବ୍ୟପାରୀ ମନ୍ତବ୍ୟ ଯଦ୍ୱାରା ଅସଂଖ୍ୟ ଶିଷ୍ୟ ଏବଂ ସେମାନଙ୍କ ଅନୁଦାନରେ ଆପ୍ୟାୟିତ ଅଜସ୍ର ସମ୍ପତ୍ତିର ମାଲିକ ହୋଇ ଆଡ଼ମ୍ବରପୂର୍ଣ୍ଣ ବିଳାସ ବ୍ୟସନରେ ଜୀବନ କାଟିଥା'ନ୍ତି ସେମାନେ ଯେଉଁମାନେ ଏହିଭଳି ମନ୍ତବ୍ୟ ଦେଇ ଗୋଟିଏ ଗୋଟିଏ ବ୍ୟପାରୀ ସଂସ୍ଥା ଖୋଲି ବସିଛନ୍ତି । ବାସ୍ତବରେ ପ୍ରତ୍ୟେକ ମଣିଷ କେବଳ ନିଜ ଚେଷ୍ଟାରେ ହିଁ ଭଗବାନଙ୍କ ସାନିଧ ପାଇପାରିବେ ଯାହା ଆଉ କାହା ମାଧମରେ ହେବା ସମ୍ପୂର୍ଣ୍ଣ ଅସମ୍ଭବ ! ହେଲେ କଥା ହେଲା ଜଣେ ମଣିଷ ନିଜେ କେମିତି ପରମାତ୍ମାଙ୍କ ସାନିଧ ପାଇବ ? ବାସ୍ତବ ସତ୍ୟର ଅନୁସନ୍ଧାନ କରି ନିଜକୁ ସତ୍ୟବାଦୀ, ସତ୍ୟାଚାରି କରିବା ଶିକ୍ଷା ମଣିଷକୁ ସେହି ସତ୍ୟ ନିରାକାରଙ୍କ ପାଖରେ ପହଂଚାଇ ପାରିବ । ବିଭିନ୍ନ ଆଳରେ ଗୁରୁ ପ୍ରବଚନ ଶୁଣି କିମ୍ବା ଧର୍ମ ପୁସ୍ତକ ପାଠ କରିବା ଦ୍ୱାରା କେବଳ ମନରେ ତୃପ୍ତି ଅନୁଭବ କରିବା ସମ୍ଭବ ହୋଇପାରେ କି'ନ୍ତ ପରମାତ୍ମାଙ୍କୁ ପାଇବା ଅତ୍ୟନ୍ତ ଅସମ୍ଭବ ଯାହା ତଥାକଥିତ ଧର୍ମ ଗୁରୁମାନେ ପ୍ରବର୍ତ୍ତାଇ ଥା'ନ୍ତି ନିର୍ବୋଧଙ୍କୁ କେବଳ ନିଜସ୍ୱ ସ୍ୱାର୍ଥ ହାସଲ କରିବା ଲକ୍ଷ ରଖି । ସେମାନଙ୍କ ଷଡ଼ଯାନ୍ତ୍ରୀକ ପ୍ରବଚନ ଏବଂ ଶାସ୍ତ୍ରୀୟ ଜ୍ଞାନ ଗୁଡିକ ମଧରେ ୯୦ ଉତ୍ତମ ଗୁଣ, ଧର୍ମଧାରୀ ବକ୍ତବ୍ୟ ରହିଥିବା କାରଣରୁ ନିର୍ବୋଧ ଅକୁଣ୍ଠ ଚିତ୍ତରେ ସେମାନଙ୍କ ପ୍ରତି ରଖିଥିବା ଆନ୍ତରିକ ମାନ୍ୟତା ସହିତ ୧୦ ଅହିତକର ଷଡ଼ଯନ୍ତ୍ର ଗୁଡିକୁ ବୁଝିବାରେ ଅକ୍ଷମ ରହି ନିଜ ଜୀବନକୁ ଜଳାଞ୍ଜଳି ଦେଇଥା'ନ୍ତି ସେହି ବ୍ୟପାରୀ ଚତୁରଙ୍କ ନିକଟରେ । ଅତଏବ ଏକ ବିଶାଳ ଧାର୍ମିକ ବ୍ୟପାରୀ ସଂସ୍ଥାର ଆବିର୍ଭାବ ପୂର୍ବକ ପିଢ଼ିକୁ ପିଢ଼ି ଉପଭୋଗ କରି ଆସୁଛନ୍ତି ଏମିତି ଅନେକ ଧାର୍ମିକ ସଂସ୍ଥାନ ଯାହା କେବଳ ଭାରତ କିମ୍ବା ହିନ୍ଦୁ ଧର୍ମ ମଧରେ ସୀମିତ ନରହି ବରଂ ଅନ୍ୟାନ୍ୟ ଧର୍ମ ଏବଂ ମୁଳକ ଗୁଡିକରେ ମଧ ଅନୁରୂପ ଚରିତ୍ର, ଚେହେରା ଗୁଡିଏ ଦେଖିବାକୁ ମିଳନ୍ତି ବିଶ୍ୱବ୍ୟାପୀ ! ବର୍ତମାନ ସାଧାରଣ ମଣିଷ ବୁଝିବାକୁ ହେବ ଯେ ମୁଁ ଯେତେବେଳେ ଜନ୍ମ ହୋଇଥିଲି ମୋ ସାଥିରେ କେହି ନଥିଲେ କିମ୍ବା ଯେତେବେଳେ ଦେହ ତ୍ୟାଗ କରିବି ସେତେବେଳେ ମଧ କେହି ହେଲେ ମୋ ସାଥିରେ ନଥିବେ । ଅର୍ଥାତ ଭଗବାନ ମୋତେ ଏକାକୀ କରି ପଠାଇଛନ୍ତି ଏବଂ ଏକାକୀ ପ୍ରତ୍ୟାବର୍ତ୍ତନ କରିବା ନିର୍ଦ୍ଦେଶ ରହିଛି । ଜୀବନ ଯାତ୍ରା ମଧରେ ଯାହା କରିବି ତାହା ମଧ ଏକାକୀ କରି ଦେଖାଇବାକୁ ହେବ ଯଦ୍ୱାରା ସେ ମୋ ଉପରେ ଖୁସି ହୋଇ ବିଚାର କରିବେ ମୋର ସ୍ଥାନ କେଉଁଠାରେ । ଇତି ମଧରେ ମୋତେ କେବଳ ସତ୍ୟ ପଥରେ ଚାଲିବାକୁ ହେବ ଯାହା ତାଙ୍କର ପ୍ରକୃତ ଚେତନା। କାହାର ଲାଞ୍ଜ ଧରି ପାର ହୋଇଯିବି ବୋଲି ଭାବି ଗୁରୁଟିଏ କରି ଭଗବାନଙ୍କ ପାଖରେ ପହଂଚିବା ଭଳି କୌଣସି ପ୍ରାବଧାନ ରଖିନଥା'ନ୍ତି ପରମାତ୍ମା । ସେମିତି କେବଳ ମଣିଷ ସମାଜର ଭ୍ରଷ୍ଟାଚାରୀଙ୍କ ମଧରେ ସମ୍ଭବ ହୋଇଥାଏ ଭୁପୃଷ୍ଠରେ ଯାହା ଲାଂଚ ମାଧମରେ ସମ୍ଭବ ହୋଇଥାଏ । ଭଗବାନଙ୍କ ଦ୍ୱାରରେ କି'ନ୍ତୁ କୌଣସି ଲାଂଚ କାରବାର ନଥାଏ । ସାଧାରଣ ମଣିଷ ସମାଜରେ ପ୍ରଚଳିତ ଲାଂଚ ବ୍ୟବସ୍ଥା ସହିତ ଓତୋପ୍ରୋତଃ ଭାବେ ଜଡିତ ହୋଇ ଭଗବାନଙ୍କୁ ମଧ ଲାଂଚର ପ୍ରତିମୂର୍ତି ଭଳି ବିଚାରି ଧର୍ମ ଗୁରୁଙ୍କ ମାଧମରେ ଦାନ ଧର୍ମ କରି ତାଙ୍କରି ସାନିଧ ଲାଭ କରିବା ଲକ୍ଷ ରଖିଥିବା ଏକ ହାସ୍ୟାସ୍ପଦ ବିଷୟ ମାତ୍ର। ନିରାକାର ପରମାତ୍ମାଙ୍କ ସହିତ ମଣିଷ ଆତ୍ମାର ମିଳନ ସମ୍ଭବ ସେତେବେଳେ ମାତ୍ର, ଯେତେବେଳେ ମଣିଷ ସତ୍ୟକୁ ବୁଝିବ । ସତ୍ୟକୁ ବୁଝିବା ଏତେ ସହଜ ହୋଇଥିଲେ ସମସ୍ତେ ସେହି ରାସ୍ତାରେ ଅତ୍ୟନ୍ତ ସହଜରେ ପାର ହୋଇ ଯାଇଥା'ନ୍ତେ । ସତ୍ୟକୁ ବୁଝିବାକୁ ହେଲେ ବିଭିନ୍ନ ପ୍ରାକୃତିକ ଉପାୟ ଅବଲମ୍ବନ କରିବାକୁ ହେବ ଯାହା ସବୁ ସେହି ତଥା କଥିତ ଧର୍ମ ଗୁରୁ ମାନେ ଜାଣିବା ଅତ୍ୟନ୍ତ ଦୁଃସାଧ ବ୍ୟାପାର । କେବଳ ପ୍ରାଚୀନ ସମୟର କେତେକ ଧର୍ମ ଗ୍ରଂଥ ଗୁଡିକୁ ଅଭ୍ୟାସ କରି ନିର୍ବୋଧଙ୍କ ସମ୍ମୁଖରେ ପ୍ରବଚନ ବାଢି ଯେ ଲୋକଙ୍କୁ ସ୍ୱର୍ଗର ରାସ୍ତା ଦେଖାଇବା ପ୍ରୟାସ ଏକ ଚତୁର ବ୍ୟାପାର ଛଡା ଆଉ କିଛି ନୁହେଁ । ପରମାତ୍ମା ଯେତେବେଳେ ମଣିଷକୁ ଜନ୍ମ ଦେଇଥା'ନ୍ତି ସେତିକି ବେଳେ ଜଣେ ମଣିଷକୁ ସବୁକିଛି ଦେଇ ଛାଡ଼ିଥା'ନ୍ତି ଯାହା ତଥା କଥିତ ଧର୍ମ ଗୁରୁଙ୍କ ଠାରୁ ଶିକ୍ଷା ମିଳିଥାଏ ସାଧାରଣ ମଣିଷଙ୍କୁ । ହେଲେ ବର୍ତ୍ତମାନ ଆମକୁ ବୁଝିବାକୁ ହେବ ଯେ ସେହି ଗୁରୁ କେମିତି ଏତେ କଥା ଜାଣନ୍ତି ଯାହା ମୋ ଭଳି ଜଣେ ସାଧାରଣ ମଣିଷ ଜାଣିନାହିଁ, ଏବଂ ଗୁରୁଙ୍କ ଠାରୁ ଶିଖି ମୋତେ ସେହି ରାସ୍ତାରେ ଯିବାକୁ ହେବ ବୋଲି ବିଚାର ଏକ ନିର୍ବୋଧତା ଜନିତ ମାତ୍ର । କାରଣ ଗୁରୁତୁଲ୍ୟ ମଣିଷଙ୍କ ପାଖରେ ଯାହା ସବୁ ଥାଏ ଜଣେ ସାଧାରଣ ମଣିଷ ପାଖରେ ମଧ ସେହି ସବୁ ଗୁଣ, ଧର୍ମ ଗୁଡିକ ଉପଲବ୍ଧ ଯାହା ସେହି ପରମାତ୍ମା ଭଗବାନଙ୍କ ଦେୟ ହୋଇଥାଏ । ହେଲେ ସାଧାରଣ ମଣିଷ ଗୁରୁଙ୍କ ସାନିଧ ଲୋଡ଼େ କାହିଁକି ଦେଖିବା ?!


ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ-୭୬୧୦୨୦
ମୋ: ୯୪୩୭୩୨୪୯୧୭


## ୨୦୩୬ରେ ମୁଖ୍ୟମନ୍ତ୍ରୀ କିଏ ହେବେ ?



**ସୁବ୍ରତ କର**

ଦଳର ମୁଖିଆ କହିଲେ ତାଙ୍କର ପ୍ରଥମ ପ୍ରଚାର କାର୍ଯ୍ୟକ୍ରମ ଜନସଭାରେ ସମସ୍ତଙ୍କୁ ଚକିତ କରିଦେଇ ଯେ ୨୦୩୬ ମସିହା ବେଳକୁ ଆମ ରାଜ୍ୟ ଦେଶର ଏକ ନମ୍ବର ରାଜ୍ୟ ହେବ ଏବଂ ଏହାକୁ କେହି ଅଟକାଇ ପାରିବେ ନାହିଁ । ସତରେ, ପୁଣି ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆଙ୍କ ଛାତି ଗର୍ବରେ ପୁଲି ଉଠିଥିବ । ସମସ୍ତେ ଖୁସିରେ ଗଦ୍‌ଗଦ। ସେ କହନ୍ତି ଏହି ସାଢ଼େ ଚାରିକୋଟି ତାଙ୍କର ପରିବାର ଏବଂ ଆମ୍ଭେମାନେ ଖୁସିରେ ରହିଲେ ସେ ମଧ ଖୁସି । ରାଜନୀତିରେ ସବୁକିଛି ସମ୍ଭବ ଏବଂ ବୋଲୁଥିବା ନେତାମାନେ ସବୁ କିଛି ଭୁଲି କହି ପକାନ୍ତି । ଆପଣମାନେ ମୋତେ ଭୋଟ ଦେଇ ଜିତାନ୍ତୁ ଏବଂ ଜିତିଲା ପରେ ମହାପ୍ରଭୁ ଜଗନ୍ନାଥଙ୍କୁ କହି ଆପଣମାନଙ୍କୁ ଅମର କରିଦେବି। ଆପଣମାନଙ୍କ କେବେ କିଛି ଅସୁବିଧା ହେବ ନାହିଁ। ଆମେ ଅମର ହୋଇ ଚିରଦିନ ପାଇଁ ବଞ୍ଚି ରହିବା । ସବୁଠୁ ଆମ୍ଭ ମାନଙ୍କର ବଡ଼ ବିଶେଷ ଚାହିଦା ହେଉଛି ଚିରଦିନ ପାଇଁ ବଞ୍ଚି ରହିବା । ଅବଶ୍ୟ ଗୋଟାଏ ବଡ଼ କଥା ହେଉଛି ୨୦୩୬ ହେବାକୁ ଆହୁରୀ ୧୨ବର୍ଷ ଅଛି ଏବଂ ଶେଷରେ ୧୯୩୪ ମସିହାରେ । ଆମର ଦଳର ମୁଖିଆ କଣ ଆହୁରି ୧୨ବର୍ଷ ମୁଖ୍ୟମନ୍ତ୍ରୀ ରହି ପାରିବେ ? ଯଦି ଜଗନ୍ନାଥଙ୍କ ଆଶୀର୍ବାଦ ହୁଏ ଏବଂ ଯଦି ସେ ମୁଖ୍ୟମନ୍ତ୍ରୀ ହୋଇ ରହନ୍ତି ତେବେ ନିଶ୍ଚିତ ଆମ ରାଜ୍ୟ ଏବଂ ନମ୍ବର ସ୍ଥାନ ପାଇବ କାରଣ ଆମ ମୁଖ୍ୟମନ୍ତ୍ରୀ ଏକ ନମ୍ବର।

ଏବେ ଦେଖିବା ଦେଶର ଏକ ନମ୍ବର ରାଜ୍ୟ ପାହ୍ୟାକୁ ଆଣିବାକୁ ଗଲେ ସେହି ସମୟରେ କିଏ ତ ମୁଖ୍ୟମନ୍ତ୍ରୀ ରହିବେ ? ଏବଂ ତାଙ୍କର କାର୍ଯ୍ୟକାଳ କେମିତି ହେବ ? ମୁଖ୍ୟମନ୍ତ୍ରୀ ଆମ ରାଜ୍ୟର ଲୋକ ହେବେ ନା କେହି ବାହାର ରାଜ୍ୟର । ଯଦି ବାହାର ରାଜ୍ୟର ହୁଅନ୍ତି ଆମର ସାଢ଼େ ଚାରି କୋଟି ଲୋକ ତାଙ୍କୁ ଗ୍ରହଣ କରିବେ ତ ?

ଏବେ ଆସିବା ଆମ ରାଜ୍ୟର ଦେଶରେ ସ୍ଥି କଣ ? ନିଶ୍ଚିତ ଭାବରେ ଏବେ ବି ହିସାବ କିତାବରେ ଆମ ରାଜ୍ୟ ପଛୁଆ ରାଜ୍ୟ ହିସାବରେ ଗଣତି ହେଉଛି । ମହାରାଷ୍ଟ୍ର, ଗୁଜରାଟ, ଚେନ୍ନାଇ, ପଞ୍ଜାବ, ଦିଲ୍ଲୀ, କର୍ଣ୍ଣାଟକ ଏପରିକି ପଶ୍ଚିମବଙ୍ଗ ଭଳି ରାଜ୍ୟକୁ ଆଗୁଆ ହିସାବରେ ଗଣତି କରାଯାଉଛି। ପ୍ରଥମ କଥା ହେଲା ଏସବୁ ରାଜ୍ୟ ତୁଳନାରେ ଆମ ରାଜ୍ୟର ଲୋକସଂଖ୍ୟା କମ୍ ଏବଂ ଏମ.ପିଙ୍କ ସଂଖ୍ୟା ମଧ ଅଧାରୁର କମ୍ । ଦ୍ୱିତୀୟ କଥା ହେଲା ଶିକ୍ଷାରେ ରାଜ୍ୟରେ ଏମିତି କିଛି ବିଶ୍ୱବିଦ୍ୟାଳୟ ନାହିଁ ଯେଉଁଠି ଆମ ରାଜ୍ୟ ବା ବିଦେଶରୁ ପିଲାଆସି ପାଠ ପଢ଼ନ୍ତି । ସରକାରୀ ସ୍ତରରେ ଆଖି ଦୃଶିଆ ବିଶ୍ୱବିଦ୍ୟାଳୟ ଅଭାବ । ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ସ୍ତରରେ ଏମିତି କିଛି ମେଡିକାଲ କଲେଜ ନାହିଁ ଯେଉଁଠିକି ବାହାରୁ ରୋଗୀ ଆସନ୍ତି । ଆମ ରାଜ୍ୟର ରୋଗୀମାନେ ଟିକିଏ କଥାରେ ବମ୍ବେ (କେନ୍‌ସର) ହାଇଦ୍ରାବାଦ, ବାଙ୍ଗାଲୋର, ଚେନ୍ନାଇକୁ ଦୌଡ଼ି ଯାଆନ୍ତି ରୋଗୀଙ୍କୁ ଧରି । ଖେଳ କ୍ଷେତ୍ରରେ ସେହି ଅବସ୍ଥା କାରଣ କାଁ ଭାଁ ଖେଳାଡ଼ି ଆନ୍ତର୍ଜାତିକ ସ୍ତରରେ ନାମ କମେଇ ପାରିଛନ୍ତି । ଖାଦ୍ୟ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ହୋଇପାରି ନାହୁଁ । ଲୋକଙ୍କୁ ମନ ମୁତାବକ ଚାକିରି ଦେଇପାରୁ ନାହିଁ । ସମସ୍ତେ ବାହାର ରାଜ୍ୟମୁହାଁ । ଯାତାୟତ କ୍ଷେତ୍ରରେ ଏବେ ବି ଗାଁ ଗହଳିରେ ରୋଗୀମାନଙ୍କୁ ଖଟିଆରେ ବୋହିବାକୁ ପଡୁଛି। ଡାକ୍ତରଙ୍କ ପ୍ରଚୁର ଅଭାବ। ଯେଉଁଦିନ କାର୍ଯ୍ୟପାଇଁ ଆମ ଲୋକ ବାହାରକୁ ଯିବେ ନାହିଁ, ଖାଇବାରେ ଆତ୍ମନିର୍ଭରଶୀଳ ହେବା ସେହିଦିନ ସ୍ୱପ୍ନ ଦେଖିବା ଆମ ରାଜ୍ୟ ଏକ ନମ୍ବର ହେବ।

## କବିତା କୋଣାର୍କ

### ମନରେ ଗାଁ

**ସୁଧାଂଶୁ ଦ୍ୱିବେଦୀ**

ପୋଖରୀ ସେଇଠି ଅଛି
ହେଲେ ପାଣି ପାତାଳରେ ପହଞ୍ଚି ଗଲାଣି
ପୋଖରୀ କୂଳରେ ଥିବା ବଟବୃକ୍ଷ
ଯେଉଁଠି ଥିଲା ସେଇଠି ଅଛି
ସ୍ମୃତିର ବିସ୍ମୃତିରେ ନିସ୍ତବ୍ଧ ହୋଇପଡିଛି।
ପାଦଚଲା ମାଟିର ରାସ୍ତା
ସେମିତି ଆଗକୁ ଲମ୍ବିଛି
ପୂର୍ବଜଙ୍କ ପାଦଚିହ୍ନ ଖୋଜିଲେ ମିଳୁନାହିଁ।
ଶୁଖିବାରେ ଲାଗିଛି ସମ୍ପର୍କର ଘାସ
ଭାବର ଫସଲ ଜଳି ଜଳି
ପାଉଁଶ ହେଇଯାଉଛି
ଅବଶିଷ୍ଟ ଯାହାକିଛି ଅଛି
ଅଭାବର ପଙ୍କରେ ପୋତିଯାଉଛି।
ସେଇ ଗାଁ
ଯେଉଁଠି ଥିଲା ସେଇଠି ଅଛି
କିନ୍ତୁ ଆଧୁନିକତାର ସ୍ପର୍ଶରେ
ପରିବର୍ତ୍ତିତ ରୂପ ତା'ର
ନରକଙ୍କାଳ ପରି ଦିଶୁଛି।
ଗାଁ ଧୀରେ ଧୀରେ
ସହର ହେବାରେ ଲାଗିଛି
ସହରର ଆକର୍ଷଣରେ
ଆଜି ଆମେ ସମସ୍ତେ ବି
ସହରିଆ ହୋଇଯାଉଛୁ।
ତଥାପି ମନର ଅଦୃଶ୍ୟ ଇଲାକାରେ
ମୋ ଗାଁ ପ୍ରତିଦିନ ଅ
ତୀତକୁ ନିଜର କରି
ଏକ ନୂଆ କଳିକା ରୂପେ ଜନ୍ମ ନେଉଛି।


+ବିସି-୭୪,ସଲଟ ଲେକ୍,
କଲକତା-୬୪
ମୋ-୯୬୮୧୩୭୩୫୧୨


### ଜାଣେ ମୁଁ ଅନାଥ

**ଶିବ ପ୍ରସାଦ ବାହିନୀପତି**

ଧିକ୍ !
ଶତଧିକ୍ ମୋର ଜାତ ଲଗ୍ନକୁ ,
କେଉଁ ଅଶୁଭ ବେଳାରେ
ଜନ୍ମ କେଜାଣି
ଜୀବନଟା ସାରା ଦହଗଞ୍ଜ
ଜାତରୁ ଏଯାବତ ଯନ୍ତ୍ରଣା ।
ମୁହୂର୍ତ୍ତକ ପାଇଁ ମିଳିଲାନି ମତେ
ଚେନାଏ ହସ କି ଟୋପାଏ ଖୁସି ,
ଲୁଚିଛପି କାନ୍ଦିବା ଏଯାଏଁ ସରିଲାନି
ଗୋଟାଏ ପରେ ଗୋଟାଏ ବିଧା
ଭାଙ୍ଗି ପକାଏ ଶଲ୍ୟ ସମୂହ ।
ଶୂନ୍ୟରୁ ଅଜଣା କରମୁଷ୍ଟି ମାଡ଼
ଢୁଙ୍ଗା ଢୁଙ୍ଗା କରକା
ବର୍ଷାରେ ଅସ୍ତବ୍ୟସ୍ତ
ଜୀବନର ଚଲାପଥ ଟାଙ୍ଗରା ଭୂଇଁ
ନା ଗଛ ନା ଛାଇ ନା ବାସ
କେବଳ ହା' ହତାଶ ।
ହସିବାର ଅଭିନୟ ଆଉ
ମିଛ ଖୁସିର ପ୍ରହେଳିକା
ଏ ବି ଏକପ୍ରକାର କଳା ଭାବି
ଏ ପର୍ଯ୍ୟନ୍ତ ଗଡ଼ିଗଲା ଜୀବନ ରଥ
ଆଗକୁ ବନ୍ଧୁର ଶିଳାର ଆସ୍ତରଣ ।
ତଥାପି ଯିବାକୁ ହେବ ,
ଚାଲିବାକୁ ଚେଷ୍ଟା କଲି କିନ୍ତୁ
ସମୟ ସୂଚେଇ ଦେଲା ମତେ
ମହାବିପତ୍ତି ତୋ' ସାମ୍ନାରେ.....
ହେଇଟି ଆସିଲା କହୁ କହୁ
ବିପତ୍ତି ଆସି ମୋ' ପାଖରେ ହାଜର ,
କିଛି ନାହିଁ ,
କେବଳ ମୋହରଟେ ମାରିଦେଇ ଗଲା
ଅନାଥ ବୋଲି ଜଣେଇ ଦେଲା ସମାଜରେ ।
ସବୁ ଆପଣା ପାଲଟି ଗଲେ ସାତପର
ସ୍ନେହ କାଙ୍ଗାଳକୁ
ମିଳିଲାନି ଟୋପେ ସ୍ନେହ ।
ବୋଧହୁଏ, ପୂର୍ବଜନ୍ମର କୃତକର୍ମର ଫଳ
କିମ୍ବା କାହା ଅଭିଶାପ
ଜାଣିନି ଆଗକୁ କ'ଣ ହେବ
ଏତିକି ଜାଣେ ମୁଁ ଅନାଥ ।


+ ନିରାକାରପୁର , କଣାସ , ପୁରୀ
ଫୋ- ୮୨୪୯୭୭୨୩୬୧


### ବିଶ୍ୱାସ

**ସଦାଶିବ ବିଶ୍ୱାଳ**

ବିଶ୍ୱାସ, ସମ୍ବନ୍ଧର ଆତ୍ମା
ବିଶ୍ୱାସ ଥିଲେ ଏପରିକି
ନୀରବତାର ଅର୍ଥ ବୁଝିହୁଏ

ବିଶ୍ୱାସ ରହିତ ସମ୍ପର୍କରେ
କହୁଥିବା କଥା ବି ଅବୁଝା ରହେ
ଭୂଲ ବୁଝାମଣା ଦେଖାଦିଏ

ନିରବ ରହିବା, କଥା କହିବା
ଦୁଇଟି ରାସ୍ତା,
ମତ ଆଦାନ ପ୍ରଦାନ ପାଇଁ
କିଛିଲୋକ କହୁଥିବା ଭାଷା ବୁଝନ୍ତି
ଆଉ କେତେକ ବୁଝନ୍ତି
ନିରବତା ଆପଣେଇ

କେବେ ବି ବିଶ୍ୱାସ
କାହା ଉପରୁ କେହି ହରାଇଲେ
ସମ୍ବନ୍ଧ ହୁଏ ବାଟ ବଣା
ବିଶ୍ୱାସ ଅତୁଟ ରହିବା ଜରୁରୀ
ନ ମିଳଇ ତୁଟି ଗଲେ ।


+କଷ୍ଟମ ଏଣ୍ଡ ମ୍ୟାନେଜମେଂଟ
ଆକାଉଟାଂଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନକ୍ଲେଭ,
ଖଣ୍ଡଗିରି
ଭୁବନେଶ୍ୱର-୩୦

# ମୋବାଇଲ

**ସିଦ୍ଧେଶ୍ୱର ତ୍ରିପାଠୀ**

ସାହୁ ବାବୁ ଭାରି କଷ୍ଟରେ ରାଜମିସ୍ତ୍ରୀ କାମ କରି ପାଞ୍ଚପ୍ରାଣୀ କୁଟୁମ୍ବ ଚଳେଇଛନ୍ତି । ଲୋକେ କୁହନ୍ତି ଅତୀତରେ ତାଙ୍କର କେତେ ଜମି ବାଡ଼ି ଥିଲା । ତାଙ୍କ ବାପ ଜେଜେ ସବୁ ବିକିଭାଙ୍ଗି ଖାଇଲେ । ଏବେ ତାଙ୍କ ଭାଗକୁ ମାଣେ କି କଣେ କିଛି ନାହିଁ । ଦୁଇଟି ଝିଅ ବିଏ ପାସ କରି ବାହା ସାହା ହେଇ ଭଲରେ ଅଛନ୍ତି । ପୁଅଟା ଖାଲି ବାଲୁଙ୍ଗା ହେଇଗଲା ଯାହା । ପୁଅ ନାଁ ସୋନୁ ଦଶମ ପାସ କରି କଲେଜ ଗଲା । ସୋନୁର ସବୁବେଳେ ଜିଦି ଏ ସାଧାସେଟ ଫୋନ ଆଉ ଚଳୁନି ବାପା, ମୋର କ୍ୟାମେରା ସେଟ ଦରକାର । ବିଏ ବେଳକୁ ସ୍କିନଟଚ ଆଉ ବିଏ ସରିଲା ପରେ ଏବେ ଫାଇବ ଜି ଆସିଲା ।

ଏଇଠି ଏଇଠି କେଇଟା ବର୍ଷ ଭିତରେ ପାଞ୍ଚ ଛଅଟି ଫୋନ ତାର ଆସିଲାଣି ସେଥିରୁ ଗୋଟେ ହଜେଇଛି ଆଉ ଗୋଟେ ରାଗ ତମତମରେ ବାଡେଇ ଭାଙ୍ଗିଛି । କୋଉଠି ଗୋଟେ କାମ କରୁଥିଲା ଆଠ ଦଶ ହଜାର ଦରମା ପାଉଥିଲା ଏବେ ତାକୁ ଛାଡି ଆସି ଘରେ ବସିଛି ।

ଦିନ ରାତି ଚବିଶିଘଣ୍ଟା ସେଇ ଫୋନଟା ଧରି କଣ କରୁଛି କେଜାଣି । ଏବେ କଣ କୋଉ ଝିଅକୁ ଖରାପ ଫଟୋ ଭିଡିଓ ଛାଡିଥିଲା ଯେ ତା ବୋପା ଭାଇ ଆସି ଦୁଆରେ ଚଉଦ ପୁରୁଷ ଉଧାର କରି ଦେଇଗଲେ । କି ଭାଷା କାନରେ ଶୁଣି ହବନି । ସାହୁ ବାବୁ ଗୋଡ଼ ହାତଧରି ଭୁଲ୍ ମାଗିଲେ ଯାହା । ଏବେତ କଣ ଗୋଟେ ଖେଳ ବାହାରିଛି ଯେ ସେଇ ମୋବାଇଲ ଧରି କେତେ ପିଲା ବସି ପଡୁଛନ୍ତି । କେହି କାହା ସାଙ୍ଗେ କଥା ହେବାର ନାହିଁ । ସେଇ ଖେଳରେ ପୁଣି କେତେ ପଇଶା ଖର୍ଚ୍ଚ ।

ଏବେ ଦିନେ ପରା ଦଶ ହଜାର ଟଙ୍କାର ଗୀତ ବାଜା କୁଆଡେ ଚାରି ହଜାରରେ ମିଳିବ ବୋଲି ଅଫର ଦେଖି ମଗେଇଲା ଯେ ସେ ଚାରି ହଜାର ବ୍ୟାଙ୍କ ଆକାଉଣ୍ଟରୁ କିଏ ଠକି ନେଇଗଲା । ଜିନିଷ କିଛି ଆସିଲାନି । ଏଇ ଫୋନରୁ ତ କୁସଙ୍ଗ ବଢୁଛି ଆଉ କଣ । ନହେଲେ କଣ ସାହୁ ବାବୁଙ୍କ ପୁଅ ସୋନୁ ଏଇ ବ୍ରାଉନସୁଗାର ଖାଇକି ଘରୁ ଟଙ୍କା ପଇଶା ନେଇକି ବୋପା ମାଆଙ୍କୁ ମାରଧର କରିଥାନ୍ତା । ସୋନୁ ପୁରା ନଷ୍ଟ ହେଇଗଲା ।

ଏଇ ଦୁଇମାସ ତଳେ ପରା ବ୍ରାଉନ ସୁଗାର ବିକୁଛି ବୋଲି ପୋଲିସ ସୋନୁକୁ ଗିରଫ କରି ନେଇଥିଲା । ଛି ଛି ଛି ସାହୁ ବାବୁଙ୍କ ଇଜ୍ଜତ ଗଲା । କେତେ ସଚୋଟ ଲୋକ ସିଏ । ସୋନୁ ଏବେ ବେଲ୍‌ରେ ଆସିଛି ।

ଏତେ ସବୁ କାଣ୍ଡ କଲାପରେବି ମନ ବୋଧ ହେଲାନି ଯେ ପନ୍ଦର ଦିନ ତଳେ ପାଖ ଗାଁର ସାମଲ ଘର ଝିଅକୁ ଧରି ଆସି ଘରେ ପହଁଚିଲା । କଣ ନାଁ ମୁଁ ତାକୁ ଭଲ ପାଉଛି ବାହାହେବି । ସାହୁବାବୁ ଲୋକଲାଜକୁ ଡରି ଗାଁ ମନ୍ଦିରରେ ଦୁହିଁଙ୍କ ବାହାଘର କରୁଥିଲେ ସେତିକି ବେଳେ ପୋଲିସ ଆସି ହାଜର ଗାଡ଼ିରେ ବସେଇ



ସମସ୍ତଙ୍କୁ ଥାନାକୁ ନେଇଛି । ବୁଝୁବୁଝୁ ଝିଅକୁ ଅଠର ବର୍ଷ ହେଇନି ବାହାଘର ହବ କେମିତି ।

ସକାଳୁ ସବୁ ଖବର କାଗଜରେ ବଡ଼ ବଡ଼ ଫଟୋ ସାହୁ ବାବୁ ଆଉ ତାଙ୍କ ପୁଅ କଥା ସବୁଠି ଚର୍ଚ୍ଚାରେ । ଏ ପୁଅ କେତେ ଆଇନର ଫାନ୍ଦ ଭିତରେ ଛନ୍ଦିଦେଲା ସତରେ । ଓକିଲ ଧରି ଟଙ୍କା ଦେଇ ସମସ୍ତେ ଘରକୁ ଆସିଲେ ଝିଅ ତାଙ୍କ ଘରେ । ପୁଅ ଏବେବି ନିଶା ଖାଉଛି । ମୋବାଇଲ ରେ ଗେମ ଖେଳୁଛି । ଚାକିରୀ ନାହିଁକି ବାକିରି ନାହିଁ । ସବୁବେଳେ ସେଇ ଫୋନ ରେ ତ ନାଟ ।

ଏବେ ପରା ସୋନୁ ବାପାଙ୍କୁ ମାଡ଼ ମାରି ଲହୁ ଲୁହାଣ କରି କାଲିଠୁ ପୁଣି ଥାନାରେ । ସାହୁ ବାବୁ ରାଗିକରି କଣ କହିଲେ ସେ ସେଇଠି ମୋବାଇଲ ଧରି ବସିଲା ଟିକିଏ ବି ଘୁଞ୍ଚିଲାନି । ଏଇ ମୋବାଇଲ ଯୋଗୁଁ ସବୁ ନାଟ କହି ସାହୁ ବାବୁ ପୁଅ ହାତରୁ ମୋବାଇଲ ଛଡେଇ ତଳେ ବାଡେଇ ଭାଙ୍ଗିଦେଲେ । ସେଇଠୁତ ଦେଖିବ ସୋନୁର ରାଗ ବାପ ଉପରକୁ ହାତ ଉଠେଇ ଦେଲା । କାଠ ଫାଳିଆରେ ବାପା ମୁଣ୍ଡକୁ ଦେଲା ପାହାରେ । କେତେ ରକତ ସାହୁ ବାବୁଙ୍କ ମୁଣ୍ଡରୁ ନ ଝରିଛି କୁହ । ସାହୁ ବାବୁଙ୍କ ସ୍ତ୍ରୀ ବିକଳରେ ଡାକ ଛାଡିବାରୁ ଗାଁ ଲୋକ ଧାଇଁ ଆସିଲେ ସୋନୁକୁ ବାନ୍ଧି ପୋଲିସ ଜିମା ଦେଇଛନ୍ତି ।

ଏବେ ସକାଳ ସଞ୍ଜରେ ଗାଁ ଦାଣ୍ଡରେ ଲୋକ ମାନେ ଟୁପୁର ଟାପର ହେଉଛନ୍ତି ପୁଅ ଯାଇ ଥାନାରେ ବୁଢ଼ାବୁଢ଼ୀ ଦିଇଟା ଏତେବଡ଼ ଘରଟା ଭିତରେ ବସି ଆଖିରୁ ଲୁହ ଗଡୋଉଛନ୍ତି ଯାହା । ଏଯୁଗରେ ଏ ସମାଜକୁ କି ମୋବାଇଲ ଆସିଲା ଆହା ସାହୁ ବାବୁଙ୍କ ଭଳି ଅନେକ ପରିବାରର ସୁଖଶାନ୍ତି ସବୁକୁ ମାଟିରେ ମିଶେଇ ଦେଲା ।

+କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା

# ଆଇସକ୍ରିମ୍ ବାଲା



**ପ୍ରଫୁଲ୍ଲ ବାରିକ**




ଆବଶ୍ୟକତା ନେଇ ଆସୁଥିଲେ ବି ବର୍ଷରେ ଏକାଧିକ ବାର, ସେ ଆସିବା ଆସିବାକୁ ପାଏନା । ବାପା ବୋଉ ଅନେଇଥା'ନ୍ତି ଆମ ସପରିବାରେ ଆସିବାକୁ । ଖାସ ସେଥିପାଇଁ ବର୍ଷରେ ଥରେ ସୁଦୂର ଦିଲ୍ଲୀରୁ ଆମେ ଆସୁ ସକୁଟୁମ୍ବେ । ହଉପଛେ ରହଣି ସପ୍ତାହେ, ମନ ପୂରିଯାଏ ବୋଉ ବାପାଙ୍କର । ଦୀର୍ଘବର୍ଷ ଅପେକ୍ଷାର ଘଟେ ଅନ୍ତ । ପୁଣି ଆରବର୍ଷକୁ । ଗାଁ'ରେ ଆମ ସମସ୍ତଙ୍କୁ ଭଲଲାଗେ ଏକଲା ମାଧୁରୀକୁ ଛାଡି । ମାଧୁରୀ ଗାଁ'ର ଝିଅ ହେଲେବି କାଇଁକି ଗାଁ'କୁ ନାକଟେକେ କିଜାଣି । ତାର ଗୋଟେ କମ୍ପ୍ଲେନ, ଗାଁ'ରେ ଖରା ଗରମ । ବିଜୁଳି ବିଭ୍ରାଟ । ମାଧୁରୀର କଥା ଅବଶ୍ୟ ଠିକ । ହେଲେ ଲୋକ ପୁଣି ଗାଁ'ରେ ଚଳୁଛନ୍ତି, ନା ନାଇଁ ? ଆମେ ବଢିଛନ୍ତି ଗାଁ'ରେ ? ଏବେସିନା ଶୀତତାପ ନିୟନ୍ତ୍ରିତ କାମରାଳରେ ଚମଡା ନରମ, ଦିନେ ଦି'ଦିନରେ ବାଟକୁ ଆସିଯିବନି ? ତା ଛଡା ଅନ୍ୟ ସମୟରେ ତ ଆସିହବନି । କହିବ ପିଲାଙ୍କ ସ୍କୁଲ,ଟ୍ୟୁସନ । ଆସିବାକୁ ହେଲେ ଏଇ ସମର ଛୁଟିକୁ । ନାକ ଟେକିଲେ ହବ ? ଗରଗର ହେଇ ଆସେ ସିନା, ସରାଗ ନଥାଏ ମନରେ ।

ଏଥର ଆସିଥାଉ । ଆମେ ପହଂଚିଲା ବେଳକୁ ଉତ୍ତାପ ଛୁଇଁଥାଏ ବୟଳିସ ଡିଗ୍ରୀକୁ । ଦିନ ଦଶ ବେଳକୁ ଗାଁ ଶୂନଶାନ । ମଣିଷତ ମଣିଷ,ପଶୁପକ୍ଷୀବି ପଡିବେନି ଆଖିରେ । କବାଟ ଝରକା ଦେଇ, କୁଲର ଚଳେଇ ଘରେ ବସୁ । ପାଞ୍ଚଟା ପରେ ବାହାରକୁ । ମୁଁ ଭାବେ, ଯୋଉଠି ବାଘକୁ ଡର, ସେଇଠି ରାତି । ବାପା କହୁଛନ୍ତି ଆଗରୁ ଏତେ ଉତ୍ତାପ ନଥିଲା । ବଢ଼ିଯାଇଛି ତମେ ଆସିବା ପରେ । ମୁଁ ମନେମନେ ଭାବେ ଗାଁ ନଉଚି ପ୍ରତିଶୋଧ ଆମ ଉପରେ । ଚୁପଚାପ ସହି ନେବା ଛଡା ଚାରାନାଇଁ ।

ଦିନ ସାଢେବାରଟା ହେବ । ମାଗଜିନଟେ ଧରି ବସିଥାଏ ମୁଁ । ଲିଟୁନା ମାମୁନି ଲୁଡୁଧରି ବସିଥାଆନ୍ତି ତାଙ୍କ ମାମିଙ୍କ ସହ କୁଲର ସାମ୍ନାରେ । ବାହାରେ ଶୁଭିଲା ଶବ୍ଦ । ଭାଇ ଭଉଣୀ କବାଟ ଖୋଲି ଦୌଡିଲେ । ଦାଣ୍ଡରେ ଆଇସକ୍ରିମବାଲା । ଆସି ମାମିକୁ କହିଲେ ଆଇସକ୍ରିମ ଖାଇବାକୁ । ମୋ ପାଖକୁ କଥା ଆସିବାରୁ ମୁଁ କହିଲି ସେସବୁ ଆସ୍ୱାସ୍ଥ୍ୟକର । ଠିକସେ ହେଇ ନଥିବ । ବଜାର ଗଲେ ମୁଁ ନେଇ ଆସିବି । ମୋ ପ୍ରସ୍ତାବକୁ କାଟି ମାଧୁରୀ କହିଲା, ପିଲାଗୁଡ଼ା ମନ କରିଛନ୍ତି । ଦଉନ ତାଙ୍କୁ ? କେତେବେଳେ ବଜାର ଯିବ, ଆଣିବ । କ'ଣ ଖାଇବେ ରାତିକୁ ? ତମେବି ଆରକ । ଅଗତ୍ୟା ଉଠିଲି । ଗେଟଡେଇଁ ଯାଇ ଦେଖେତ ନିର୍ଦ୍ଧୁମ ଖରାରେ ଲୋକଟି । ଗୋଟେ ଲୁନାରେ ବଡ଼ ପେଟି ଥୋଇ ଠିଆରହିଛି ଗରାଖ ଆଶାରେ । ମଥା ଉପରେ ଜଳନ୍ତା ସୂର୍ଯ୍ୟ । ହାଉହାଉ ଗରମ ପବନ । ମିନିଟିଏ ଠିଆ ହେଇହଉନି । ଅଥଚ ତାକୁ ଦେଖିଲେ ଲାଗୁନି ଖରାକଷ୍ଟ ଛୁଁଉଚି ତାକୁ । ସିଏ ପୂରା ଚେଙ୍ଗା । ପାଖରୁ ମୁହଁକୁ ଦେଖିବାରୁ ଲୋକଟା ଚିହ୍ନାଚିହ୍ନା ଲାଗିଲା । ମନେପଡିଲା ଇଏ ସେଇ, ଯାହା ପାଖରୁ ସ୍କୁଲରେ ପଢିବାବେଳେ ଆମେ ଖାଉଥିଲୁ ଆଇସକ୍ରିମ । ଟୋକାଟା ଥିଲା ସେତେବେଳେ । ବୟସନେଇ ମୁହଁର ଭୂଗୋଳରେ ଆସିଚି ପରିବର୍ତ୍ତନ । ହେଲେ ଚିହ୍ନି ହେଉଛି ଇଏ ସେଇ ।

ପଚାରିଲି, ତମେ ସେଇନା, ଯାହା ପାଖରୁ ଆମେ ପଢିବାବେଳେ ଖାଉଥିଲୁ ଆଇସକ୍ରିମ ? ଏଇ ଗାଁ ମୁଣ୍ଡ ବରଗଛ ମୂଳେ ଅପେକ୍ଷା କରୁଥିଲୁ ତମକୁ । ଖରାବେଳେ ତମେ ଆସ ସାଇକେଲରେ ବାକ୍ସ ଥୋଇ । ଡମ୍ଫରୁ ବଜେଇ । ନାଲି ନେଳି ଆଇସକ୍ରିମ ଦି' ଦି'ଟଙ୍କା ଗୋଟାକୁ । ଆମେ ଦଶ ପନ୍ଦରଟା ନେଇଯାଉ । କାଠିକୁ ପାଟିରେ ପୁରେଇ ଚୁଷୁଥିବାବେଳେ ସଡ଼ସଡ଼ ହେଇ କଳଦେଇ ବୋହି ପଡୁଥିବ ମିଠାପାଣି । ହାତରେ ପୋଛି ଜିଭରେ ଚାଟି ନେଉଥିବୁ । ତମେ ସେଇନା ? ସିଏ ଅନେଇଲା ମୋ ମୁହଁକୁ ଏକ ସତୃଷ୍ଣ ଦୃଷ୍ଟିରେ । ସ୍ମିତହସି କହିଲା, ବାବୁ ଠିକ କହୁଛନ୍ତି । ମନେ ଅଛି ସବୁ । ମୁଁ ସେଇ ଆଇସକ୍ରିମବାଲା ।

--- ତମର ପୁଅପାତି କଣ ? ଇଏ ବୟସରେବି ବେପାର ?

--- ନାଁ ବାବୁ, ଭଗବାନ ଢେର ଦେଇଚି । ମୁଁ ବେଇମାନି ହେବିନି । ଦି'ପୁଅ ଚାକିରୀରେ । ଝିଅକୁ ବାହା ଦେଇସାରିଛି । ପୁଅମାନେ ଜାଣନ୍ତିନି ମୁଁ ଇଏଧନ୍ଦା କରୁଛି ବୋଲି ।

--- ତେବେ କ'ଣ ପାଇଁ ଯେ ଖରାରେ... ?

--- ଦେଖ ବାବୁ, ମାତ୍ର ଦି'ମାସର ବ୍ୟବସାୟ । ଲାଭକୁ ଛାଡି ହଉନି । ଲୋଭରେ ବାନ୍ଧି ହେଇ ଯାଉଛି । ମୁଁ ବୁଝୁଚି, ବେପାର ନକଲେ ପେଟମୋର ଅପୋଷା ରହିବନି । ତେବେବି ଯାହାର ସାହାରାରେ ଆସିଚି ଏତେବାଟ , ତାକୁ କ'ଣ ଭୁଲିହଉଚି ସହଜରେ ? ଲୋଭରେ ବାନ୍ଧି ହେଇଚି ତନମନ ।

---- ଦେଖ, ଉତ୍ତାପ ଏବେ ବୟଳିଶ ଡିଗ୍ରୀ । ଲୋକ ବାହାରି ପାରୁନାହାନ୍ତି ଘରୁ । ସରକାରଙ୍କ ଘନ ଘନ ଚେତାବନି ଦଶଟା ପରେ ଘରୁ ନବାହାରିବାକୁ । ଅଥଚ ଇଏ ବୟସରେବି ତମର ଖାତିର ନାଇଁ ?

----- କହିଲିନା ଲୋଭ । ଲୋଭ ଅନ୍ଧକରେ ମଣିଷକୁ । ପଇସା ପାଖରେ ସବୁ ପଛ । ତା ଛଡା ଖରା ମୋର ସାଥି । ଖରାରେ ବେପାର । ଯେତେ ଖରା ସେତେ ବେପାର । ଖରା ନାଇଁତ ବେପାର ନାଇଁ । ଲାଭର ଆକର୍ଷଣ ତମେ ବୁଝିବେନି ବାବୁ । ପଇସା ମୋହଠୁ ମୋହ ନାଇଁ । ଇମିତିକି ଜୀବନ ମୂଲ୍ୟହୀନ ସେଠି ।

ପିଲା ଦି'ଜଣ ଠିଆ ହେଇଥାନ୍ତି ଖରାରେ ମଥାଉପରେ ପାପୁଲି ରଖି । କଥା ନଅସରେ ମୁଁ ଭୁଲି ଯାଇଥାଏ ତାଙ୍କୁ । ଦେଖି ଦୟା ଆସିଲା । ତରବରରେ ପଚାରିଲି, କ'ଣ ସେଇ ନାଲି ନେଳି ଦି' ଟଙ୍କିଆ ?

---- ନାଇଁ ବାବୁ, ସେ ଜମାନା ଗଲାଣି । ଏବେ ପନ୍ଦରରୁ ପଚିଶ । କୁଲଫି ନେଲେ ତା ଉପରକୁ ।

--- ଦିଅ ଚାରିଟା କୋଡିଏ ବାଲା ?

ପଇସା ଦେଇ ଆଇସକ୍ରିମ ଧରି ଆମେ ଆସିଲୁ ଘରକୁ । ସେ ଲୁନା ଗଡେଇଲା ଆଗକୁ ।

ପରଦିନ ସକାଳ ପରଶିଲା ଏକ ଦୁଃଖଦ ଖବର ବିଛଣା ଛାଡୁଛାଡୁ । ଆମ ଗାଁ'ପାଖ ଗାଁ'ରେ ଲୋକଟିଏ ମରିଯାଇଛି କାଲି ଅଂଶୁଘାତରେ । ଶୁଣୁଶୁଣୁ ମ୍ରିୟମାଣ ହେଲି ମୁଁ । ସବିଶେଷ ଜାଣିବା ପରେ ଶବ୍ଦମାନେ ଅଟକି ଗଲେ ପାଟିରେ । ଲୁହ ଜକେଇ ଆସିଲା ଆଖିକୁ । ମୋ ଅବସ୍ଥା ଦେଖି ମାଧୁରୀ ପଚାରିଲେ କ'ଣ ହେଲା ? ତମେ କ'ଣ ଜାଣ ତାକୁ ? କହିଲି, ଖାଲି ମୁଁ ନୁହେଁ, ସମସ୍ତେ ଜାଣନ୍ତି । ଇମିତିକି ଆମ ପିଲାମାନେ । ତମେବି.. ।

----- କି କଥା କହୁଛ ? ସିଏ କ'ଣ ଗୋପବନ୍ଧୁ, ନା ମଧୁବାବୁ, ତାଙ୍କୁ ସମସ୍ତେ ଜାଣନ୍ତି ?

--- କାଲି ଯାହାଠୁ ଖାଇଛ ଆଇସକ୍ରିମ.. ।

ମାଧୁରୀ ଜିଭ କାମୁଡି ପକେଇଲେ । ଏ'ମା, ସେଇ ଲୋକଟା ? ଇମିତି କିମିତି ହେଲା ? କାଲିତ ଠିକ ଥିଲା ?

----- ଭାବୁଛି ଆମେ ଥିଲେ ତାର ଶେଷ ଗରାଖ । ଏଠୁ ଯାଇ.... । ବୁଝିଲ ମାଧୁରୀ, ଲୋଭ ନେଲା ତାର ପ୍ରାଣ । ସେଥିପାଇଁ କୁହନ୍ତି, ଲୋଭରୁ ପାପ, ଆଉ ପାପରୁ ମୃତ୍ୟୁ । ପାପତ ସେ କରିନି । ଲୋଭରୁ ହେଲା ତା'ର ମୃତ୍ୟୁ । ମୁଁ ଭଲକି ଜାଣେ ।

ସେଦିନଟା ଆଦୌ ମୋତେ ଭଲଲାଗିଲାନି । ସାରାଦିନ ଆଖିରେ ତା ମୁହଁ ଓ କାନରେ ଆମେ ହେଇଥିବା କଥା ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫

# ଅବିଚାର



**ଘନଶ୍ୟାମ ପଲେଇ**



ବଇଁଶୀର ମନ ଆଜି ହେଉଥିଲା ଆକାଶ ଛୁଇଁବ ଛୁଇଁବ । ଥିଲା ଭାରି ଖୁସି । ଟିକିଏ ଅଧିକା ଖୁସରେ ଛାତିଟା ଧଡପଡ ହେବା ସହ ମନଟା ବି ନାଚୁଥିଲା ତାଳ ଦେଇ । ଦୁଃଖ ଆଉ ପାରିବନି ଜମାରୁ ଡରେଇ । ପରିବାରରୁ ଏଣିକି ଦୁଃଖ ହଟିଲା ଜାଣ । ଫିଟର ଟ୍ରେଡରେ ଆଇ.ଟି.ଆଇ ସାରୁ ସାରୁ ଆସିଛି ଡାକରା । ଗାଁର ଅରୁଣ ଭାଇ ଯିଏ କି ରାଉରକେଲା ପ୍ଲାଣ୍ଟରେ କରନ୍ତି କାମ, ପଠେଇଛନ୍ତି ଖବର । ସେଠାରେ କଣ୍ଟ୍ରାକ୍ଟରକୁ କହି ଯୋଗାଡ କରିଛନ୍ତି କାମଟେ ତା' ପାଇଁ ।

ବଇଁଶୀର ପରିବାର କହିଲେ ସେ ନିଜେ ଆଉ ତା' ମାଆ । ତା' ବାପାକୁ ହେତୁ ପାଇବା ଆଗରୁ ହିଁ ହରେଇ ସାରିଥିଲା । ଝାରସୁଗୁଡାରୁ ପାଖାପାଖି ତିରିଶ କି.ମି. ହେବ ତାଙ୍କରି ଗାଁ । ଚାରିଆଡେ ଶାଳ ବଣ । ସବୁଜ ପରିବେଶ ଭିତରେ ହସୁଥିଲା ତାଙ୍କ ଗାଁ । ଚାଷବାସ କରି ଚଳୁଥିଲେ ସଭିଏଁ । ପାଠପଢି ଚାକିରି କରୁଥିଲେ କିଏ କିମିତି କାଁ ଭାଁ । ଅରୁଣଭାଇ ସେମାନଙ୍କ ଭିତରୁ ଥିଲେ ଜଣେ । ରାଉରକେଲା ପ୍ଲାଣ୍ଟରେ କରନ୍ତି ଚାକିରୀ । ଗାଁ ପ୍ରତି ଥିଲା ଟିକିଏ ମୋହ । ଗାଁ ପିଲା ହିସାବରେ ଭଲ ପାଉଥିଲେ ବଇଁଶୀକୁ । ତା'ର ଅବସ୍ଥା ଦେଖି କହିଥିଲେ---ତୁ ଆଇ.ଟି.ଆଇ.ସାର । ଯୋଗାଡ କରିଦେବି କାମ ।

ସେଇଥି ପାଇଁ ବୋଧେ କାମ ଯୋଗାଡ କରି ନିଜେ ଫୋନ କରି ଡକେଇ ପଠେଇଛନ୍ତି ତା'କୁ ।

ସକାଳୁ ସକାଳୁ ଗାଁରୁ ଲକ୍ଷ୍ମୀବସରେ ଝାରସୁଗଡା ଆସି ପହଞ୍ଚି ସାରିଥିଲା ବଇଁଶୀ । ଏକ ମୁହାଁ ହେଇ ଧାଇଁଲା ରେଲୱେ ଷ୍ଟେସନକୁ । ଲାଗି ସାରିଲାଣି ପାସେଞ୍ଜର ଟ୍ରେନଟି କେତେବେଳୁଁ । କାଉଁଟରରୁ ଟିକିଟେ ଖଣ୍ଡିଏ ନେଇ ଚଢିଗଲା ବଗିରେ । ଜେନେରାଲ ବଗି ପୂରାପୁରି ଫୁଲ । କିଏ କାଠ ଦି' ବିଡା ସାମ୍ନାରେ ରଖିଛି ତ ପୁଣି କିଏ ବଡ ବଡ ଦି'ଟା ଝୁଡି ରଖିଦେଇଛି ଦ୍ୱାର ମୁହଁରେ । ସବୁକୁ ଆଡେଇ ଆଡେଇ ପଶିଲା ଆଗକୁ । ଦେଖିଲା ସବୁ ସିଟ ଭର୍ତ୍ତି । ଛିଡା ହେଲା ସିଟକୁ ଆଉଜେଇ । ସେଠାରେ ବସିଥିବା ଭଦ୍ରଲୋକ ଜଣଙ୍କ ସେମାନଙ୍କ ସହ ଆଡଜୋଷ୍ଟ କରି ବସିଯିବାକୁ ଦେଲେ ଇସାରା । ବଇଁଶୀ ବି କିଛି ନ କହି ବସିଗଲା ସୁନାପିଲା ପରି ଜାକିଜୁକି ହେଇ ।

ବଇଁଶୀ ଟ୍ରେନରେ ବସି ବସି ଦିନରେ ଦେଖୁଚି ସପ୍ନ । ତା' ଭବିଷ୍ୟତକୁ ନେଇ ବୁଣୁଛି ଆସୁମାରୀ ସ୍ୱପ୍ନ । ଆଙ୍କୁଛି ଜୀବନ ଜିଇଁବାର ଲମ୍ବା ରାସ୍ତା । ମଝିରେ ମଝିରେ ଧସେଇ ଆସୁଛି ତା' ମା'ର ଦୁର୍ଦ୍ଦିନ କଥା । ଭାବୁଛି ଏଣିକି ମା'କୁ ରଖି ପାରିବ ଶାନ୍ତିରେ । ସ୍ୱପ୍ନ ଦେଖୁ ଦେଖୁ ଜଣା ପଡିଲାନି ସମୟ । ଦିନ ସାଢେ ଏଗାର । ପହଞ୍ଚିଗଲା ଟ୍ରେନ ଯାଇ ଇପ୍ସିତ ଇସ୍ପାତ ସହରରେ । ଖୁସିରେ ବ୍ୟାଗ ଖଣ୍ଡକ ପିଠିରେ ଝୁଲାଇ ଚାରି ନମ୍ବର ପ୍ଲାଟଫର୍ମରେ ଓହ୍ଲେଇଲା ବଇଁଶୀ । ନଜର କଲା ପ୍ରସ୍ଥାନ ଗେଟକୁ । ଏକ ନମ୍ବର ପ୍ଲାଟଫର୍ମ ପାଖରେ ଅଛି । ଓଭର ବ୍ରିଜ ଚଢି ମୁହାଁଇଲା ପ୍ରସ୍ଥାନ ଗେଟ ଆଡକୁ ।

ଏକ ନମ୍ବର ପ୍ଲାଟଫର୍ମରେ ଥିବା ଜଣେ ଟିଟିଇ ଦଉଡି ଆସି ଧରି ପକାଇଲା ବଇଁଶୀକୁ । ମାଗିଲା ଟିକେଟ । ବଇଁଶୀ ପକେଟରୁ ଟିକେଟ ଖଣ୍ଡକ ବାହାର କରି ଦେଖେଇଲା ଟିଟିଇକୁ ।

ଟିଟିଇ କହିଲା--- ଭାରି ସିଆଣିଆ ନେଇ ! ଆସିଗଲା ବିନା ଟିକେଟରେ । ଚାଲ ! ମୋ ସାଙ୍ଗରେ, ଆଜି ନେବୁ ବାମ୍ଫ ।

ବଇଁଶୀ ପାରୁ ନଥାଏ କିଛି ବୁଝି । କଥା କ'ଣ ? ସିଏ ତ ଠିକ୍ ? ଆସିଛି ଟିକେଟ କରି । ତା'ର ବା ଭୁଲ କ'ଣ ?

ଟିକିଏ କୋଣକୁ ଡାକି ଟିଟିଇ କହିଲା --- ଫାଇନ ଦେବୁ ନା ହାଜତ ଯିବୁ ।

ଡରିଗଲା ବଇଁଶୀ, କହିଲା --- କ'ଣ ଭୁଲ ଯେ ଆଜ୍ଞା ! ମୁଁ ଫାଇନ ଦେବି !!!

---- ବାଃ ବାଃ ! କହିଲା କ'ଣ ନା ଭୁଲ କ'ଣ ? ବାବୁ ଆସିବେ ପାସେଞ୍ଜର ଟ୍ରେନର ଜେନେରାଲ ଟିକେଟ କାଟି ସୁପର ଫାଷ୍ଟ ଏକ୍ସପ୍ରେସରେ । ଦୁଇ ହଜାର ଦେଇ ଖସିବୁ ନା ଯିବୁ ଜେଲ ।

ବଇଁଶୀ କହିଲା --- ମୋ ପାଖରେ ଆଉ ପଚାଶଟି ଟଙ୍କା ବଳିଛି । ନେବ ଯଦି ଦେବି । ଆଉ ନାଇଁ । ତା' ଛଡା ମୁଁ ତ ପାସେଞ୍ଜର ଟ୍ରେନରେ ହିଁ ଆସିଲି । ଦେଖୁ ନାହାଁନ୍ତି ଚାରି ନମ୍ବର ପ୍ଲାଟ ଫର୍ମରେ ଲାଗିଛି ପାସେଞ୍ଜର ଟ୍ରେନ ।

ଟିଟିଇ କହିଲା --- ଦେଖୁଚୁଟି । ଅନା ଭଲ କି ଅନା ! ଏଇଠି ତ ଲାଗିଛି କେବଳ ସୁପର ଫାଷ୍ଟ ଏକ୍ସପ୍ରେସ ପୁଣି ତୋ ଆଖି ସାମ୍ନାରେ । କାଇଁ ଦିଶୁନି ତ ପାସେଞ୍ଜର ଟ୍ରେନ ।

ବଇଁଶୀ ବି ଦେଖିଲା --- ବଡ ଆଶ୍ଚର୍ଯ୍ୟ । ସତରେ ତ ଦିଶୁନି ଚାରି ନମ୍ବର ପ୍ଲାଟଫର୍ମରେ ଲାଗିଥିବା ପାସେଞ୍ଜର ଟ୍ରେନ । ସମ୍ପୂର୍ଣ୍ଣ ଢାଙ୍କି ଦେଇଛି ଏକ ନମ୍ବର ପ୍ଲାଟଫର୍ମରେ ଲାଗିଥିଲା ସୁପର ଫାଷ୍ଟ ଏକ୍ସପ୍ରେସ ।

ଟିଟିଇକୁ ଅନୁରୋଧ କଲା --- ସାର । ଆପଣ ଇନକ୍ୱାରି କରିପାରନ୍ତି ? ପାସେଞ୍ଜର ଆସିଥିଲା କି ନାଇଁ ।

ଟିଟିଇ ଆଉ ଟିକିଏ ରାଗି ଯାଇ କହିଲା --- ମୋତେ ପାଠ ପଢଉଛୁ ! ଶଃ-- ତ ମୁହଁଟା ତ ପୂରା ଦିଶୁଛି ମାଉବାଦୀ ଭଳି । ସକଲ କହିବ କିଏ କ'ଣ ? ଟାଉଟର କୌଠିକାର ।

ରେଲୱେ ପୁଲିସ ଜଣଙ୍କ ହାତରେ ଧରେଇ କହିଲା--- ଏହାକୁ ଗୋଟିଏ କ'ଣରେ ନେଇ ବସାଅ । ମୁଁ ଆସୁଛି, ଛାଡିବ ନାଇଁ ପୂରା ବଦମାସଟା ।

ବିଚରା ବିନା ଦୋଷରେ ଆଜି ଅଟକ । ବସି ଭାବୁଛି-- ଆଜି କି ବେଳାରେ ମଣିଷ ବାହାରିଥିଲା କେଜାଣି ? ହେଉଛି ଅଯଥାରେ ବଡ ଦହଗଞ୍ଜ ।

ପାଖରେ ରେଲୱେ କର୍ମଚାରୀ ଦି' ଜଣ କରୁଥିଲେ ରାଜନୀତି ଚର୍ଚ୍ଚା । ଆଗକୁ ଆସୁଛି ନିର୍ବାଚନ । ଜଣେ କହୁଥାଏ ଅମୁକ ଯିତିବ, ଆଉ ଜଣେ କହୁଥାଏ ସମୁକ ଜିତିବ । ଆଉ ଜଣେ ବି ଆସି ଯୋଗଦେଲେ ସେମାନଙ୍କ କଥାରେ ତାଳ ଦେଇ । ଧିରେ ଧିରେ ଜୋର ଧରୁଥିଲା ଚର୍ଚ୍ଚା ।

ବଇଁଶୀ ଏମାଙ୍କୁ ଅନେଇ ଭାବୁଥିଲା--- ରାଜନୀତିର ପଶାପାଲିରେ ଯିଏ ବି ଜିତୁ ! ତା' ଭଳି ମଳିମୁଣ୍ଡିଆମାନେ ସବୁବେଳେ ପାସେଞ୍ଜର ଟ୍ରେନ ଭଳି ଲୁଚି ଯିବେ ବଡବଡ ବଡିଆଙ୍କ ସୁପରଫାଷ୍ଟ ଏସି ଟ୍ରେନର ଆଢୁଆଳରେ । ସେମାନଙ୍କର କି ଲାଭ କିଏ ଜିତିଲେ ? ଗରିବୀ ମାଇକିନା ସବୁରି ଶାଳୀ ନ୍ୟାୟରେ ଏମାନେ ହେବେ ହୀନିମାନ । ବଡବଡିଆଙ୍କ ଆଖିରେ ଏମାନଙ୍କ ମଳିଛିଆ ମୁହଁଗୁଡାକ ଦିଶିବ ଚୋର ଖଣ୍ଟ,ଡକାୟତ ନହେଲେ ମାଉବାଦୀ ଭଳି ।

କିଛି ସମୟ ପରେ ଟିଟିଇ ଫେରିଆସି କହିଲେ ---- ପିଲାଟାକୁ ଛାଡି ଦିଅ । ସିଏ କହୁଥିଲା ଠିକ୍ ? । ପାସେଞ୍ଜର ଟ୍ରେନଟା ପଶି ଆସିଥିଲା ସୁପରଫାଷ୍ଟ ସମୟକୁ ।

+ବଡ ଆମୁଁଣି, ଝୁମ୍ପୁରା, କେନ୍ଦୁଝର-୩୧
ମୋ- ୯୪୩୭୬୧୮୫୦୦

# ମାଲକାନଗିରି ବିଜେପି ବିଧାୟକ ପ୍ରାର୍ଥୀଙ୍କ ନିଆରା ଢଙ୍ଗରେ ପ୍ରଚାର

ମାଲକାନଗିରି, ୨୮/୪ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଭୁବନପଲ୍ଲୀ ଗ୍ରାମପଂଚାୟତର ପେଣ୍ଟୁଲବାଇ ଗ୍ରାମରେ ଆଜି ମାଲକାନଗିରି ବିଧାନସଭା ବିଜେପି ବିଧାୟକ ପାର୍ଥି ନରସିଂହ ମାଡକାମୀ ନିଆରା ଢଙ୍ଗରେ ପ୍ରଚାର କରିଛନ୍ତି। ବର୍ତମାନ କେନ୍ଦୁପତ୍ର ତୋଳିବା ପାଇଁ ବିଭିନ୍ନ ଆଦିବାସୀ ଗ୍ରାମର ଲୋକ ମାନେ ସକାଳୁ ଜଙ୍ଗଲକୁ ଚାଲିଯାଉଥିବାରୁ ଗ୍ରାମରେ କେହି ରହୁନାହାନ୍ତି। ସେଥିପାଇଁ ଆଜି ସେ ପେଣ୍ଟୁଲବାଇ ଠାରେ ହୋଇଥିବା କେନ୍ଦୁପତ୍ର ଫଡିକୁ ଯାଇ ସେଠାରେ ଲୋକ ମାନଙ୍କୁ ମୋଦିଙ୍କ ଗ୍ୟାରେଂଟି ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ବୁଝାଇ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ସାଥିରେ ଜିଲ୍ଲା ସଭାପତି ନିମାଇଁ ଚନ୍ଦ୍ର ପାଲ, ମାଲାଭରମ ମଣ୍ଡଳ ସଭାପତି ନାରାୟଣ ସରକାର, ବରିଷ୍ଠ ନେତା ପରିତୋଷ ସରକାର, ସଂଯୋଜକ ନିହାର ରାୟ, ସପନ ରାୟ, ଶିଶିର ହାଲଦାର, ହରବିଳାସ ମଣ୍ଡଳ, ରାଜକିଶୋର ମଣ୍ଡଳ, ଗୋକୁଲ ଚନ୍ଦ୍ର ରାୟ, ଗୌର ମଜୁମଦାର, ବିବେକାନନ୍ଦ ମଣ୍ଡଳ, ସୁମନ୍ତ ରାୟ, ତୁଷାର ସର୍ଦ୍ଦାର, ପ୍ରତାପ ମଣ୍ଡଳ ଏବଂ ଅନେକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ଭାଙ୍ଗିଗଲା ଡାଳ: ୧୫ ବାଦୁଡ଼ି ମୃତ, ୫୦ ଆହତ

କବାଟବନ୍ଧ, ୨୮/୪ (ନି.ପ୍ର): ଧର୍ମଶାଳା ବ୍ଲକ୍ କବାଟବନ୍ଧର ବଣିଆରି ସାହି ନିକଟରେ ଏକ ଆମ୍ବଗଛ ଡାଳ ଭାଙ୍ଗିଯିବାରୁ ୧୫ଟି ବାଦୁଡ଼ିଙ୍କର ମୃତ୍ୟୁ ହୋଇଛି। ୫୦ ବାଦୁଡ଼ି ଆହତ ହୋଇଛନ୍ତି। ଆହତ ବାଦୁଡ଼ିମାନଙ୍କୁ ଗ୍ରାମବାସୀ ଉଦ୍ଧାର କରି ଏକ ବରଗଛରେ ଛାଡ଼ିଛନ୍ତି। ସୂଚନା ମୁତାବକ ବହୁବର୍ଷ ଧରି କବାଟବନ୍ଧ ବଣିଆସାହି ନିକଟରେ ଥିବା ଇନ୍ଦଗଛ, ବରଗଛ, ଓସ୍ତ ଗଛ ଓ ଏକ ଆମ୍ବ ଗଛରେ ହଜାରହଜାର ବାଦୁଡ଼ି ରହିଆସୁଛନ୍ତି। ବ୍ରାହ୍ମଣୀ ନଦୀକୂଳରେ ଥିବା ଏକ ବରଗଛରେ ରହୁଥିବା ବାଦୁଡ଼ି ଗୁଡ଼ିକ ଝାଞ୍ଜି ପବନ ଯୋଗୁଁ ନିକଟରେ ଥିବା ଗୋଟିଏ ଆମ୍ବ ଗଛକୁ ପଳାଇ ଆସିଥିଲେ। ଏକସମୟରେ ଶହଶହ ବାଦୁଡ଼ି ହଠାତ୍ ଆମ୍ବ ଗଛରେ ବସିଯିବା ଯୋଗୁଁ ଏହି ଗଛର ଦୁଇଟି ଛୋଟ ଡାଳ ଭାଙ୍ଗିଯାଇଥିଲା। ଫଳରେ ଘଟଣାସ୍ଥଳରେ ୧୫ଟି ବାଦୁଡ଼ିଙ୍କର ମୃତ୍ୟୁ ଘଟିଥିଲା ଓ ୫୦ ବାଦୁଡ଼ି ଆହତ ହୋଇଥିଲେ। ଏହି ବିରଳ ପ୍ରାଣୀଗୁଡ଼ିକୁ ସୁରକ୍ଷା ଦେଉଥିବା ସ୍ଥାନୀୟ ବଣିଆରି



ସାହିର ଲୋକମାନେ ଆହତ ବାଦୁଡ଼ିଗୁଡ଼ିକୁ ଉଦ୍ଧାର କରି ନିକଟସ୍ଥ ବରଗଛରେ ଛାଡ଼ିଥିଲେ। ମୃତ ବାଦୁଡ଼ି ଗୁଡ଼ିକ ମଧ୍ୟରୁ ଅନେକ ଗର୍ଭବତୀ ଥିଲେ ବୋଲି ଗ୍ରାମର ଭାସ୍କର ଚନ୍ଦ୍ର ମହାରଣା ଓ ଅଜୟ ରାଉତ କହିଛନ୍ତି।

## ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ଜଳଛତ୍ର

ଧର୍ମଶାଳା, ୨୮/୪ (ନି.ପ୍ର): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଫଳରେ ଅସହ୍ୟ ଯନ୍ତ୍ରଣାରେ ଜନସାଧାରଣ ଛଟପଟ ହୋଉଥିବା ଦେଖିବାକୁ ମିଳିଛି । ଏହି ଗ୍ରୀଷ୍ମ ପ୍ରବାହ ଆଗକୁ ବଢିବା ସମ୍ଭାବନା ଦୃଷ୍ଟି କୋଣରୁ ଓଡିଶା ଡ୍ରାଇଭର ମହାସଂଘର ନିର୍ଦ୍ଦେଶ କ୍ରମେ ଜିଲାର ବିଭିନ୍ନ ଗୁରୁତ୍ୱପୁର୍ଣ୍ଣ ସ୍ଥାନମାନଙ୍କରେ ଜଳଛତ୍ର ଖୋଲାଯାଇଛି । ଏହି କ୍ରମରେ ଚଳିତ ବର୍ଷ ଯାଜପୁର ଜିଲା ରସୁଲପୁର ବ୍ଲକ ୟୁନିଟ୍ ତରଫରୁ ବ୍ରହ୍ମବରଦା ପଂଚାୟତସ୍ଥ ସାପ୍ତହିକ ହାଟ ଦୂର୍ଗା ମଣ୍ଡପଠାରେ ଏକ ଜଳଛତ୍ର ଖୋଲାଯାଇଛି । ଏହି ସ୍ଥାନରେ ୧ ମାସ ଧରି ଜଳଛତ୍ର କେନ୍ଦ୍ରରେ ଜନସାଧାରଣ ଓ ବାଟୋଇଙ୍କୁ ବହିପାଣିର ବ୍ୟବସ୍ଥା ଜାରି ରହିବ ବୋଲି ରସୁଲପୁର ବ୍ଲକ ୟୁନିଟର ସଭାପତି ପ୍ରଦୀପ ଦାସ ସୂଚନା ଦେଇଛନ୍ତି ।

## ଜଗନ୍ନାଥ ସାଗର ତଟରେ ଗଞ୍ଜେଇ ଗଛ, ନଷ୍ଟ କଲା ଅବକାରୀ ବିଭାଗ

ଜୟପୁର, ୨୮/୪ (ନି.ପ୍ର): ଜୟପୁର ଜଗନ୍ନାଥ ସାଗର ରୁ ପୁନଃ ଉଦ୍ଧାର ଜାରି ରହିଛି । ଏହି ସମୟରେ ସାଗର ତଟରେ ଗଞ୍ଜେଇ ଗଛ ଥିବା ସୁଚନା ପାଇ ଚଢାଉ କରିଛି । ଅବକାରି ଅଧିକ୍ଷକ ଅରୁଣ କୁମାର ପାଢୀଙ୍କ ନିର୍ଦ୍ଦେଶ କ୍ରମେ ମାଜିଷ୍ଟ୍ରେଟ ହିସାବରେ ଆସିଷ୍ଟାଣ୍ଟ କଲେକ୍ଟର ଏସ ଜେ ରାଜ କିଶୋର ଦାସଙ୍କ ଉପସ୍ଥିତିରେ ଚଢାଉ କରିଛି । ଚଢାଉ କରି ୨୪୦ ଟି ଗଞ୍ଜେଇ ଗଛ ନଷ୍ଟ କରିଛି । ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି । ଏହି ଚଢାଉରେ ଅବକାରି ନିରିକ୍ଷକ ଶଶି କାନ୍ତ ଦତ, ଆବକାରି ଓଆଇସି ନିଳାଦ୍ରି ବିହାରି ମିଶ୍ର, ଏଏସଆଇ ଲକ୍ଷ୍ମଣ ରାଓ ପ୍ରଦିପ ଦଳାଇ, ଇସି ସତ୍ୟ ସୁଭମ ପାତ୍ର ପ୍ରମୁଖ ଚଢାଉ କରି ଗଞ୍ଜେଇ ଗଛ ନଷ୍ଟ କରିଛି ।

# ୨୦ ନମ୍ବର ଜାତୀୟ ରାଜପଥ ମରାମତି ନିମ୍ନମାନର : ମାସେ ନ ପୁରୁଣୁ ଫାଟିଗଲା ରାସ୍ତା

ଚମ୍ପୁଆ, ୨୮/୪ (ନି.ପ୍ର): ଠିକାଦାରଙ୍କ ମନମାନୀ ତଥା ନିମ୍ନ ମାନର କାମ ପାଇଁ ମରାମତିର ମାସେ ନ ପୁରୁଣୁ ୨୦ ନମ୍ବର ଜାତୀୟ ରାଜପଥରେ ଫାଟ ଦେଖିବାକୁ ମିଳିଛି। ନିମ୍ନମାନର କାମ ପାଇଁ ଏ ପରିସ୍ଥିତି ହୋଇ ଥିବା ଅଭିଯୋଗ ହେଉଥିବା ବେଳେ ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଚମ୍ପୁଆ ଠାରୁ ରିମୁଳି ପର୍ଯ୍ୟନ୍ତ ସର୍ବମୋଟ ୧୫.୯୪ କି. ମି. ଦୈର୍ଘ୍ୟ ଏହି ୨୦ ନମ୍ବର ଜାତୀୟ ରାଜପଥର ସୁଦୃଢ଼ୀ କରଣ ପାଇଁ ୧୪ କୋଟି ୫୮ ଲକ୍ଷ ୮୦ ହଜାର ଅର୍ଥାତ କିଲୋମିଟର ପ୍ରତି ୯୯ ଲକ୍ଷ ୩୦ ହଜାର ଟଙ୍କା ମଂଜୁର କରାଯାଇ ଥିଲେହେଁ ଠିକାଦାରଙ୍କ ମନମାନୀ କାର୍ଯ୍ୟ ପାଇଁ ମରଣ ଯନ୍ତା ପାଲଟିଛି ଏହି ଜାତୀୟ ରାଜପଥ କ୍ଷ ଏହି ରାସ୍ତାର ସୁଦୃଢ଼ୀ କରଣ ପାଇଁ ଜାତୀୟ ରାଜପଥ ବିଭାଗ ଅଲେଖ କନଷ୍ଟ୍ରକସନ ନାମକ ଠିକା ସଂସ୍ଥାକୁ କାର୍ଯ୍ୟ ହସ୍ତାନ୍ତର କରି ନିଜର ଦାୟିତ୍ୱ ସାରି ଦେଇ ଥିବାବେଳେ ଠିକାଦାରଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ କେହି ନ ଥିବାରୁ ଠିକାଦାର ସାଧାରଣ ଲୋକଙ୍କ ଜୀବନ ସହିତ ଖେଳୁଥିବା ଅଭିଯୋଗ ହେଉଛି କ୍ଷ ଏହି ରାଜପଥ ନିର୍ମାଣ କାର୍ଯ୍ୟ ଗତ ୧୬ - ୦୧ - ୨୦୨୧ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ସମୟ ସୀମା ପ୍ରଦାନ କରାଯାଇ ଥିଲା, କିନ୍ତୁ ସେହି ସମୟ ସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରି ନ ପାରିବାରୁ ପୁନର୍ବାର ୩୦-୦୬-୨୦୨୩ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଠିକା ସଂସ୍ଥାକୁ ସମୟ ଦିଆ ଯାଇ ଥିବାବେଳେ ଠିକା ସଂସ୍ଥା ସେହି ସମୟ ସୀମା ମଧ୍ୟରେ ରାସ୍ତା କାର ?ୟ୍ୟ ସଂପୂର୍ଣ୍ଣ ନ କରି ପାରିବାରୁ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ପୁଣି କିଛି ସମୟ ପ୍ରଦାନ କରାଯାଇଛି। ତେବେ ରାସ୍ତା ନିର୍ମାଣ କାରୀ ଠିକା ସଂସ୍ଥା ଅଲେଖ କନଷ୍ଟ୍ରକସନ ରାସ୍ତା ନିର୍ମାଣ ପାଇଁ ଯଥେଷ୍ଟ ସମୟ ପାଇଥିଲେ ସୁଦ୍ଧା ସରକାରୀ ମାପଦଣ୍ଡ ଅନୁସାରେ ରାସ୍ତା ନିର୍ମାଣ ନ କରି ଅତି ତରବରିଆ ଭାବେ ନିମ୍ନମାନର କାର୍ଯ୍ୟ କରି ଛୁ ମାରିଥିବା ବେଳେ ରାସ୍ତା ନିର୍ମାଣ ର ମାତ୍ର କେଇ ଦିନ ମଧ୍ୟରେ ଅନେକ ସ୍ଥାନରୁ ପିଚୁ ଉଠିଯାଇ ଗର୍ତ ସୃଷ୍ଟି ହୋଇ ଯାଇଥିଲା। ତେବେ କିଛି ଦିନ ଧରି ଏହି ୨୦ ନମ୍ବର ଜାତୀୟ ରାଜପଥର ମରାମତି କାମ ଆରମ୍ଭ କରା ଯାଇଛି। ନିକଟରେ ଚମ୍ପୁଆ ବଜାର ମଝିରେ ପିଚୁ ଉଠି ଯାଇଥିବା ରାସ୍ତା କୁ ମରାମତି କରା ଯାଇଥିଲା, ମାତ୍ର କିଛି ଦିନ ହେବ ରାସ୍ତାରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ତେବେ ଏହି ମରାମତି କାମ ଅତି ନିମ୍ନ ମାନର କରାଯାଉଥିବାରୁ ଅଳ୍ପ ଦିନ ମଧ୍ୟରେ ପିଚୁ ଫାଟି ଯାଇ ଥିବା ଅଭିଯୋଗ ହେଉଛି। ଏହିପରି ଚମ୍ପୁଆ ଠାରୁ ରିମୁଳି ମଧ୍ୟରେ ରାସ୍ତା ଟି ଅଧିକାଂଶ ସ୍ଥାନରେ ପିଚୁ ଉଠି ଯାଇ ଥିବା ବେଳେ ଏହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ଦିଆ ଯାଇଥିବା ହମ୍ପସ ଗୁଡିକରେ ମଧ୍ୟ କୌଣସି ସୂଚନା ଦିଆ ଯାଇ ନ ଥିବାରୁ ସାଇକେଲ, ମୋଟର ସେଇକେଲ ଆରୋହୀ ପଡି ଖଣ୍ଡିଆ ଖାବରା ହେବା ନିତି ଦିନିଆଁ ଘଟଣା ପାଲଟିଥିବା ବେଳେ ହମ୍ପସରେ ପଡି ଅନେକ ଜୀବନ ଯାଇଥିବାର ମଧ୍ୟ ନଜିର ରହିଛି। ଏହି ରାସ୍ତାରେ ଦୈନିକ ହଜାର ହଜାର ସଂଖ୍ୟାରେ ଖଣିଜ ପଥର ବୋଝେଇ ଟ୍ରକ, ଟ୍ରଲର ପ୍ରଭୃତି ଚଳାଚଳ କରୁଥିବାରୁ ସାଧାରଣ ଲୋକଙ୍କ ଧନ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଏହି ରାସ୍ତା ନିର୍ମାଣର ଦାୟିତ୍ୱ ନେଇ ଥିବା ଠିକା ସଂସ୍ଥା ୨୦୨୫ - ୨୦୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ କରିବାନେଇ କାର୍ଯ୍ୟାଦେଶରେ ଉଲେଖ ରହିଛି, କିନ୍ତୁ ଉକ୍ତ ଠିକା ସଂସ୍ଥା ରାସ୍ତାକୁ ଭଲଭାବେ ମରାମତି ନ କରି କେବଳ ଗର୍ତ ଗୁଡିକରେ ଗେଟିସ ମାରି ଚାଲି ଯାଉଥିବା ବେଳେ ତାହା ପୁଣି ଅତି ନିମ୍ନମାନର କାମ ଯୋଗୁଁ ଦୈନିକ କିଛି ନା କିଛି ଛୋଟ ବଡ଼ ଦୁର୍ଘଟଣା ଘଟୁ ଥିଲେ ମଧ୍ୟ ଏଥିପ୍ରତି କୌଣସି ବିଭାଗୀୟ ଅଧିକାରୀଙ୍କ ନଜର ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେବେ କୋଟି କୋଟି ଟଙ୍କା ସରକାରୀ ତହବିଲ ରୁ ଖର୍ଚ୍ଚ କରାଯାଇଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ସନ୍ତୋଷ ଜନକ ହୋଇ ପାରୁ ନ ଥିବାରୁ ଏହି ରାସ୍ତା କାମରେ ଅନେକ ଅନିୟମିତତା ହୋଇ ଥିବା ସନ୍ଦେହ କରି ଏହାର ଏହ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ସର୍ବ ସାଧାରଣ ରେ ଦାବି ହେଉଛି।

# ଶତ ପ୍ରତିଶତ ଭୋଟ୍‌ଦାନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅନନ୍ୟ ପ୍ରୟାସ

କେନ୍ଦ୍ରାପଡ଼ା, ୨୮/୪ (ନି.ପ୍ର): ଶତ ପ୍ରତିଶତ ଭୋଟଦାନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅନନ୍ୟ ପ୍ରୟାସ। କେବେ ଡଙ୍ଗାରେ ନଦୀ ପାର ହୋଇ ଘରକୁ ଘର ବୁଲି ଭୋଟରଙ୍କୁ ସଚେତନ କରୁଛନ୍ତି ତ କେବେ ଜଳ ସେବା କେନ୍ଦ୍ର ମାଧ୍ୟମରେ ମତଦାତାଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବାକୁ ଆହ୍ୱାନ ରଖୁଛନ୍ତି। କିନ୍ତୁ ଆଜି ଆଉ ଏକ ନିଆରା ଢଙ୍ଗରେ ମତଦାନ କରିବାକୁ ଭୋଟର୍‌କୁ ନିବେଦନ କରିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରତୀକାତ୍ମକଭାବେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧିତ୍ୱ କରୁଥିବା ୫ଜଣ ଭୋଟରଙ୍କୁ ଗୋଲଡେନ୍ ଗ୍ରାସ୍(କାଇଁଚ)ରେ ପ୍ରସ୍ତୁତ ମେମେଂଟୋ ପ୍ରଦାନ କରି କହିଛନ୍ତି "ଆମ ଜିଲ୍ଲାର ସମସ୍ତ ଭୋଟର୍ ଚଳିତ ନିର୍ବାଚନକୁ ନିଜର ସୁବର୍ଣ୍ଣ ସ୍ମୃତିରେ ରଖିବା ପାଇଁ ଜୁନ୍ ୧ ତାରିଖରେ ନିଶ୍ଚୟ ଭୋଟଦାନ କରନ୍ତୁ ଓ ସୁସ୍ଥ ଗଣତାନ୍ତ୍ରିକ ଧାରା ବଜାୟ ରଖିବାରେ ନିଜର କର୍ତବ୍ୟ ସମ୍ପାଦନ କରନ୍ତୁ।" ପ୍ରତୀକାତ୍ମକ ସ୍ୱରୂପ ସମାଜର ପ୍ରତ୍ୟେକ ବର୍ଗକୁ ପ୍ରତିନିଧିତ୍ୱ କରୁଥିବା ଜଣେ ଅଶିତିପର ବୟସ୍କ ଭୋଟର, ଭିନ୍ନକ୍ଷମ, ମହିଳା, କିନ୍ନର ଓ ନୂଆ କରି ଭୋଟର୍ ତାଲିକାରେ ପଞ୍ଜୀକୃତ କରିଥିବା ଜଣେ ଯୁବ ଭୋଟରଙ୍କୁ ଏହି ମେମେଂଟୋ ପ୍ରଦାନ କରିଥିଲା ଜିଲ୍ଲା ପ୍ରଶାସନ। ଭୋଟରଙ୍କୁ ସମ୍ମାନ ପ୍ରଦର୍ଶନ ଜରିଆରେ ପ୍ରତ୍ୟେକ ବର୍ଗର ସମସ୍ତ ଭୋଟର ଆଗେଇ ଆସିବାର ବାର୍ତା ମତଦାତାଙ୍କ ନିକଟରେ ପହଂଚାଇବା ସହ ଏହା ମାଧ୍ୟମରେ ଇନ୍‌କ୍ଲୁସିଭ୍ ଇଲେକ୍ସନ୍ ବା ଅନ୍ତର୍ଭୁକ୍ତିକରଣ ନିର୍ବାଚନର ଆହ୍ୱାନ ରଖିଛି ଜିଲ୍ଲା ପ୍ରଶାସନ। ମେମେଂଟୋରେ ଲେଖା ଅଛି "ମୋ ଭୋଟ୍ ମୋ କର୍ତବ୍ୟ।" ଏହି କର୍ତବ୍ୟକୁ ନିଷ୍ଠାର ସହ ସମ୍ପାଦନ କରିବାକୁ ହେଲେ ଆମକୁ ନିଶ୍ଚିତରୂପେ ଜୁନ୍ ୧ ତାରିଖରେ ଭୋଟ୍ ଦେବାକୁ ହେବ। ଏ ଭୋଟ୍ ଅବାଧ, ନିରପେକ୍ଷ, ପ୍ରଲୋଭନମୁକ୍ତ ଓ ବିବେକାନୁମୋଦିତ ହେବା ଜରୁରୀ। ଯୋଗ୍ୟ ପ୍ରତିନିଧି ବାଛି ନିଜ ନାଆର ନିଜେ ନାଉରୀ ଅଥବା ନିଜର ଭାଗ୍ୟ ନିଜେ ଲେଖିବା ପାଇଁ ଜୁନ୍ ୧ରେ ଆମକୁ ସୁନିଶ୍ଚିତ କରିବାକୁ ହେବ ଆମର ଭୋଟ୍। ଏହି ମେମେଂଟୋ ପ୍ରଦାନ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରାଜେନ୍ଦ୍ର କୁମାର ପଣ୍ଡା, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ରବିନ୍ଦ୍ର କୁମାର ପ୍ରଧାନ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ପଣ୍ଡା, ଡେପୁଟି କଲେକ୍ଟର କୁଇନ୍ ଜେନା, ଡକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ମୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୩ ବଖରା ଘର ପୋଡ଼ି ପାଉଁଶ, ସର୍ବସ୍ୱ ସମ୍ପତି ନଷ୍ଟ

କେନ୍ଦ୍ରାପଡ଼ା, ୨୮/୪ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗାଙ୍ଗପଡ଼ା ପଂଚାୟତର ଅଶୋକ ଜେନାଙ୍କ ୩ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଶୁକ୍ରବାର ରାତି ପ୍ରାୟ ୧ଟାବେଳେ କୌଣସି କାରଣରୁ ଘରେ ନିଆଁ ଲାଗିଯିବା ଫଳରେ ପ୍ରବଳ ଗ୍ରୀଷ୍ମତାପରେ ଘରଟି ହୁ ହୁ ହୋଇ ଜଳି ଯାଇଥିଲା। ନିଆଁର ପ୍ରକୋପ ଏତେ ଜୋରଥିଲା ଯେ, ଘରେଥିବା ସମସ୍ତ ଆସବାବ ପତ୍ର, ଧାନ, ଚାଉଳ ଠାରୁ ଆରମ୍ଭ କରି ପିଲାଙ୍କ ଲୁଗାପଟା, ବହିପତ୍ର ସମସ୍ତ ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନୀଶମ ବିଭାଗ ଘଟଣା ସ୍ଥଳରେ ପହଂଚିବାବେଳେ ଘରଟି ସଂପୂର୍ଣ୍ଣ ପୋଡ଼ି ପାଉଁଶ ହୋଇ ଯାଇଥିଲା। ଘରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରି ଅଶୋକଙ୍କ ପତ୍ନୀ ଚଉଦକୁଳା ଫାଣ୍ଡିରେ ଏତଲା ଦେଇଛନ୍ତି। ଅଶୋକ ଜଣେ ଦିନ ମଜୁରିଆ ଭାବେ କାମ କରୁଥିବାରୁ ତାଙ୍କୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇ ଦେବାପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରାର୍ଥୀଙ୍କ ଖର୍ଚ୍ଚ ହିସାବ କଡ଼ାକଡ଼ି କରିବା ସହ ଶୂନ୍ୟ ପକ୍ଷପାତିତାରେ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର, ୨୮/୪ (ନି.ପ୍ର): ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ୬୪- ବୀରମହାରାଜପୁର ଓ ୬୫- ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ୍ଧିବଦ୍ଧ ନିର୍ବାଚନ ବିଜ୍ଞପ୍ତି ତା ୨୬/୦୪/୨୪ ରିଖ ଦିନ ପ୍ରକାଶିତ ହୋଇଯାଇଛି। ପ୍ରଥମ ଦିନ କେହି ଜଣେ ମଧ ପ୍ରାର୍ଥୀପତ୍ର ଦାଖଲ କରି ନଥିବା ବେଳେ ଆଜି ଦ୍ୱିତୀୟ ଦିନରେ ନିର୍ବାଚନ ଖର୍ଚ୍ଚ ପରିଚାଳନାକୁ ନିରପେକ୍ଷ, ସ୍ୱଚ୍ଛ ଓ ବ୍ୟବସ୍ଥିତ ଭାବେ କାର୍ଯ୍ୟକାରିତା ଉପରେ ଭାରତ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରମୋଦ ପି.ଶାହାକର, ଆଇ.ଆର.ଏସ. ସୁବର୍ଣ୍ଣପୁର ପହଂଚି ଜିଲ୍ଲା ପାଇଁ ନିୟୋଜିତ ବିଭିନ୍ନ କମିଟିର ନୋଡାଲ ଅଧିକାରୀ ତଥା ସଦସ୍ୟ ସଦସ୍ୟାଙ୍କ ସହ ଖର୍ଚ୍ଚ ପରିଚାଳନା ଉପରେ ବିସ୍ତୃତ ଆଲୋଚନା କରିବା ସହ କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଶ୍ରୀମତୀ ଅନନ୍ୟା ଦାସ ଜିଲ୍ଲାରେ ନିର୍ବାଚନ ସୁପରିଚାଳନା ନିମନ୍ତେ ନିଆଯାଇଥିବା ବିଧିବ୍ୟବସ୍ଥା ତଥା ପ୍ରସ୍ତୁତି ଉପରେ ପାୱାର ପଏଂଟ ମାଧ୍ୟମରେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ।

ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ୟସ ପ୍ରତାପ ଶ୍ରୀମଲ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଜିଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ନିଙ୍ଗ ଅଧିକାରୀ ତଥା ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଙ୍ଗ ଅଧିକାରୀ ତଥା ଉପଜିଲ୍ଲାପାଳ ସୋନପୁର ସୁରଜ କୁମାର ପଟ୍ଟନାୟକ, ସମସ୍ତ ଏ ଆର ଓ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ସମ୍ପୃକ୍ତ ନିର୍ବାହୀତ କାର୍ଯ୍ୟକାରିତାର ତଥ୍ୟ ଉପସ୍ଥାପନ କରିଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ଶାହାକର ନିର୍ବାଚନ ପରିଚାଳନାରେ ସମ୍ପୃକ୍ତ ବିଭିନ୍ନ ନୋଡାଲ ଅଧିକାରୀ, ଫ୍ଲାଇଂ ସ୍କ୍ୱାର୍ଡ, ସି-ଭିଜିଲ, ପୋଲିସ , ଅବକାରୀ, ଆୟକର, ବିକ୍ରିକର, ଅତିରିକ୍ତ ଖର୍ଚ୍ଚ ସହ ଗଣମାଧ୍ୟମ ନିରୀକ୍ଷଣ, ପେଡ୍ ନ୍ୟୁଜ୍ ଇତ୍ୟାଦି ଉପରେ ସମୀକ୍ଷା କରିଥିଲେ। ପ୍ରାର୍ଥୀଙ୍କ ଖର୍ଚ୍ଚ ହିସାବ କଡ଼ାକଡ଼ି କରିବା ସହ ଶୂନ୍ୟ ପକ୍ଷପାତିତାରେ ନିର୍ବାଚନ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନରେ ନିଶା କାରବାର ଓ ଟଙ୍କାର ବେଆଇନ ବ୍ୟବହାର ରୋକିବାକୁ ବିଭିନ୍ନ ସ୍ଥାନରେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ବେରିକେଡିଂ କରି ମିଳିତ ଯାଂଚ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହ ପର୍ଯ୍ୟବେକ୍ଷକ ପ୍ରମୋଦ ପି.ଶାହାକର ବିଭିନ୍ନ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରିତା ଓ ପରିଚାଳନା ଉପରେ ଅଧିକାରୀଙ୍କୁ ପଚାରି ବୁଝିଥିଲେ ।

# ଅବକାରୀ ଚଢାଉ: ବୁଡେନପଙ୍ଗାରେ ୨୨୦ କିଗ୍ରା ଗଞ୍ଜେଇ ଜବତ ସହ ଜଣେ ମହିଳା ଗିରଫ

କନ୍ଧମାଳ, ୨୮/୪ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦର ଅବକାରୀ ବିଭାଗକୁ ମିଳିଛି ସଫଳତା। କନ୍ଧମାଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଏବଂ ଜିଲ୍ଲା ଅବକାରୀ ଅଧିକ୍ଷକ ଝସକେତନ ବରିହାଙ୍କ ପରିଚାଳନାରେ ଏହି ଚଢାଉ, ବିଶେଷ ସୂତ୍ରରୁ ଖବର ପାଇ କଟ୍ରିଙ୍ଗିଆ ପଂଚାୟତ ଗୋଛାପଡା ଥାନା ଅନ୍ତର୍ଗତ ବୁଡେନପଙ୍ଗା ଗାଁରେ ଜଣେ ମହିଳା ତାଙ୍କ ବାରିପଟ କଦଳୀ ବଗିଚାରେ ରଖିଥିବା ଖବର ପାଇଥିଲେ। ଏସଆଇ ପୂର୍ଣ୍ଣ ଚନ୍ଦ୍ର ବେହେରା ଏବଂ ଏଏସଆଇ ଭବାନୀ ଶଙ୍କର ସେଠୀ,ଏସ ଆଇ ମୋବାଇଲ ସୁଜିତ କୁମାର ମୁଦୁଲି ଏବଂ ଭୃଗୁପତି ଦିଗାଲ,ଏସ ଆଇ ସଦାଶିବ ରଣା, ଏମ ସଞ୍ଜୀବ କୁମାର,ମିନତୀ ଗୁନ୍ତିଆ, ସଚିନ ଗୁରୁ ଏକ୍ସଆଇଜ କନେଷ୍ଟବଲ ଏବଂ ଷ୍ଟାଫ କଟ୍ରିଙ୍ଗିଆ ମୁଖ୍ୟ ରାସ୍ତାରେ ପେଟ୍ରୋଲିଂ କରୁଥିବା ସମୟରେ। ଖବର ପାଇ ଗୋଛାପଡା ଥାନା ଅନ୍ତର୍ଗତ ବୁଡେନପଙ୍ଗା ଗ୍ରାମର ବବିତା କହଁରଙ୍କ ଘର ବାଡ଼ିରେ ଥିବା କଦଳୀ ବଗିଚାରେ ଏଗାରଟି ବସ୍ତା ରେ ଗଞ୍ଜେଇ ଚାଲାଣ କରିବା ଉଦ୍ଦେଶ୍ୟରେ ରଖାଯାଇ ଥିବା ଜାଣି ଅବକାରୀ ବିଭାଗ ପକ୍ଷରୁ ଚଢାଉ କରି ୨୨୦ କିଗ୍ରା ଗଞ୍ଜେଇ ଜବତ କରିଥିଲେ। ଏଥି ସହିତ ବବିତା କହଁରକୁ ଗିରଫ କରି ଏକ ମାମଲା ଥାନା କେଶ ନମ୍ବର ୦୪/୨୪ ରୁଜୁ କରିବା ସହ କୋର୍ଟ ଚାଲାଣ କରିଥିବା ଅବକାରୀ ନିରୀକ୍ଷକ ପୂର୍ଣ୍ଣ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

# ରାଜ୍ୟରେ ମତଦାନ ପାଇଁ ୧୬୫ କମ୍ପାନୀ ସିଏପିଏଫ୍ ମୁତୟନ

ଭୁବନେଶ୍ୱର, ୨୮/୪ (ନି.ପ୍ର): ସଂପୂର୍ଣ୍ଣ ଶାନ୍ତିଶୃଙ୍ଖଳା ମଧ୍ୟରେ ନିର୍ବାଚନ ପ୍ରକ୍ରିୟାର ପରିଚାଳନା ନିମନ୍ତେ ଓଡ଼ିଶାରେ ୧୬୫ କମ୍ପାନୀ ସିଏପିଏଫ୍ ମୁତୟନ ପାଇଁ ବ୍ୟବସ୍ଥା ହୋଇଛି । ରାଜ୍ୟରେ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ ମୁକ୍ତ, ଅବାଧ, ସ୍ୱଚ୍ଛ ତଥା ନିରପେକ୍ଷ ରୂପେ ପରିଚାଳନା କରିବା ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ଆୟତ୍ତରେ ରଖି ଏକ ଜାତୀୟ ଉତ୍ସବର ମାହୋଲ ମଧ୍ୟରେ ମତଦାନ ବ୍ୟବସ୍ଥା ପାଇଁ ଏହି ସବୁ ସୁରକ୍ଷା ବ୍ୟବସ୍ଥା କରାଯାଉଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ମତପ୍ରକାଶ କରିଛନ୍ତି। ସାଧାରଣ ନିର୍ବାଚନ-୨୦୧୯ରେ ଓଡ଼ିଶାରେ ମୋଟ ୧୩୩ କମ୍ପାନୀ ସିଏପିଏଫ୍ ମୁତୟନ ହୋଇଥିଲେ। ଏହା ମଧ୍ୟରୁ ୯୬ କମ୍ପାନୀ ଇନ୍‌ସିଟୁ ମୁତୟନ ହୋଇଥିବାବେଳେ ୩୭ କମ୍ପାନୀ ଡାଇରେକଫ ଇଣ୍ଡକସନ୍ ଭାବରେ ମୁତୟନ ହୋଇଥିଲେ। ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ପାଇଁ ରାଜ୍ୟରେ ୧୬୫ କମ୍ପାନୀ ସିଏପିଏଫ୍ ମୁତୟନ ପାଇଁ ବ୍ୟବସ୍ଥା ହୋଇଛି । ଏହା ମଧ୍ୟରୁ ୮୩ କମ୍ପାନୀ ଇନ୍‌ସିଟୁ ମୁତୟନ ଓ ୮୨ କମ୍ପାନୀ ଡାଇରେକଫ ଇଣ୍ଡକ୍ସନ୍ ମାଧ୍ୟମରେ ମୁତୟନ ହେବେ। ବର୍ତମାନ ସୁଦ୍ଧା ରାଜ୍ୟରେ ୭୫ କମ୍ପାନୀ ସିଏପିଏଫ୍ ଯବାନ ମୁତୟନ ହୋଇସାରିଛନ୍ତି। ସେମାନେ ବିଭିନ୍ନ ଅଂଚଳରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ଲକ୍ଷ୍ୟରେ ବିଶ୍ୱାସ ସୃଷ୍ଟି ପାଇଁ ଫ୍ଲାଗ୍‌ମାର୍ଚ୍ଚ ଆଦି କରୁଛନ୍ତି। ମତଦାତାମାନେ ଏକ ସୁରକ୍ଷିତ ପରିବେଶ ମଧ୍ୟରେ ଯେଭଳି ଭାବେ ଉତ୍ସାହର ସହିତ ମତଦାନ କରିବେ ତାକୁ ଧ୍ୟାନରେ ରଖି ଏସବୁ କାର୍ଯ୍ୟ କରାଯାଉଛି। ମଇ ୧ ତାରିଖରେ ଆହୁରି ୪୮ କମ୍ପାନୀ ଓ ମଇ ୯ ତାରିଖରେ ୪୨ କମ୍ପାନୀ ସିଏପିଏଫ୍ ଯବାନ୍ କାର୍ଯ୍ୟରେ ଯୋଗଦେବେ। ଏହା ଫଳରେ ସର୍ବମୋଟ ମୁତୟନ କମ୍ପାନୀ ୧୬୫ରେ ପହଂଚିବ। ଏହା ମଧ୍ୟରୁ ୨୫ କମ୍ପାନୀ ଷ୍ଟ୍ରଙ୍ଗ ରୁମ୍ ର ସୁରକ୍ଷା ଦାୟିତ୍ୱରେ ରହିବେ । ଏହି ବ୍ୟବସ୍ଥା ଦ୍ୱାରା ରାଜ୍ୟରେ ସାମଗ୍ରିକ ନିର୍ବାଚନ ପ୍ରକ୍ରିୟା ଶାନ୍ତିଶୃଙ୍ଖଳା ଓ ତ୍ରୁଟିଶୂନ୍ୟ ଭାବରେ କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ମତପୋଷଣ କରିଛନ୍ତି।

# ଉଦ୍‌ଘାଟନର ୨ବର୍ଷ ପରେ ବି ତାଲା: କେବେ ଖୋଲିବ ମଧୁସୂଦନ ସଂଗ୍ରହାଳୟ, ବ୍ୟାଖ୍ୟାନ କେନ୍ଦ୍ର ?

ସାଲେପୁର, ୨୮/୪ (ନି.ପ୍ର): ଉଦ୍‌ଘାଟନର ଦୁଇ ବର୍ଷ ପରେ ବି ମଧୁସୂଦନ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରରେ ତାଲା ପଡିଛି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ କଟକ ଜିଲ୍ଲାର ସତ୍ୟଭାମାପୁରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ସଂଗ୍ରହାଳୟ ପର୍ଯ୍ୟଟକଙ୍କ ପାଇଁ କେବେ ଖୋଲିବ ? ତାହାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ମଧୁବାବୁଙ୍କ ଜନ୍ମପୀଠ ପରିସରରେ ସଂଗ୍ରହାଳୟ ନିର୍ମାଣ ସହ ରସ କୁଣ୍ଡର ପୁନରୁଦ୍ଧାର କାମ ହାତକୁ ନିଆଯାଇଥିଲା। ୨୦୨୨ ଏପ୍ରିଲ ୨୮ ମଧୁ ଜୟନ୍ତୀରେ ଏହି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଲୋକାର୍ପିତ କରିଥିଲେ। କିନ୍ତୁ ଏହି ସଂଗ୍ରହାଳୟରେ ମଧୁବାବୁଙ୍କ ସଂପର୍କିତ ସେପରି କୌଣସି ବିରଳ ଅଥବା ଦର୍ଶନୀୟ ସାମଗ୍ରୀ ରଖାଯାଇ ପାରିନଥିବାରୁ ଦର୍ଶକଙ୍କ ପାଇଁ ତାହାକୁ ଖୋଲା ଯାଉ ନଥିବା ଜଣାପଡ଼ିଛି। ଲୋକାର୍ପଣର ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ସଂଗ୍ରହାଳୟରେ ତାଲା ତ ଝୁଲୁଛି, ଅନ୍ୟପଟେ ଏଠାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ କୌଣସି ତତ୍ତ୍ୱାବଧାରକ ଅଥବା କର୍ମଚାରୀଙ୍କୁ ବି ନିଯୁକ୍ତି ଦିଆଯାଇ ନାହିଁ। ମଧୁବାବୁଙ୍କ ଜନ୍ମପୀଠ ପରିସରରେ ଥିବା ତାଙ୍କ ଜୀବନୀ ସହିତ ଜଡିତ ରସକୁଣ୍ଡର ବିକାଶ ପାଇଁ ଅର୍ଥ ବ୍ୟୟ ହୋଇଥିଲେ ବି ତାହାର ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ରସକୁଣ୍ଡ ମଧ୍ୟରେ ଅଳିଆ ଆବର୍ଜନା ଭାସୁଛି। ମଧୁବାବୁ ତାଙ୍କ ଜନ୍ମମାଟିରେ ପୈତୃକ ଘର ନିକଟରେ ୧୯୦୫ରେ ଏକ କୋଠା ତିଆରି କରିଥିଲେ। ତାହକୁ ମଧୁ କୋଠୀ ବୋଲି କୁହାଯାଏ। ରକ୍ଷଣାବେକ୍ଷଣ ଅଭାବରୁ ଏହି ମଧୁ କୋଠୀର ସ୍ଥିତି ବି ଶୋଚନୀୟ ହେବାରେ ଲାଗିଛି। ମଧୁବାବୁଙ୍କ ଜନ୍ମପୀଠ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଛି ସତ, କିନ୍ତୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳି ବ୍ୟବସ୍ଥା ତିଆରି କରିବାରେ ବିଫଳ ହୋଇଛି। ମଧୁବାବୁଙ୍କ ଜନ୍ମପୀଠରେ ଏକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ, ବାଲି ପୋଖରୀରେ ବୋଟିଂ ବ୍ୟବସ୍ଥା, ସଂଗ୍ରହାଳୟର ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ନିଯୁକ୍ତି, ପର୍ଯ୍ୟଟକଙ୍କ ପାଇଁ ତତ୍ତ୍ୱାବଧାରକ ନିଯୁକ୍ତି, କଟକ ଚାନ୍ଦବାଲି ରାସ୍ତାର (ପାଗା) ଛକ ଠାରେ ମଧୁ ସ୍ମୃତି ତୋରଣ ନିର୍ମାଣ ପାଇଁ ବିଭିନ୍ନ ମହଲରୁ ଦାବି ହୋଇ ଆସୁଛି। ଆସନ୍ତାକାଲି ମଧୁ ଜୟନ୍ତୀ ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ପୀଠକୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ ଆସୁଛନ୍ତି। ଏଭଳି ସ୍ଥିତିରେ ପୀଠକୁ ଦର୍ଶକ ତଥା ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ କରିବା ପାଇଁ ଉପଯୋଗୀ ପଦକ୍ଷେପ ନିଆଯିବାକୁ ଦାବି ହେଉଛି।

# ସଚେତନତା ଧର୍ମୀ ଚଳଚ୍ଚିତ୍ର 'ଆସକ୍ତ'ର ସ୍କ୍ରିନିଙ୍ଗ୍ ଅନୁଷ୍ଠିତ

ଭୁବନେଶ୍ୱର, ୨୮/୪ (ନି.ପ୍ର): ନିଶା ସେବନ ଆଧୁନିକ ସମାଜର ବିପର୍ଯ୍ୟୟର କାରଣ ମଧ୍ୟରୁ ଅନ୍ୟତମ । ଏହା ଏକ ସାମାଜିକ ବ୍ୟାଧି । ଏହା ସମାଜରେ ଅପରାଧ ବୃଦ୍ଧି ଘଟାଇବା ସହ ଜାତୀୟ ପ୍ରଗତିରେ ବାଧା ଉପୁଜାଏ, ଯୁବ ଓ ଛାତ୍ର ସମାଜର ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲିଦିଏ । ଏଥିପାଇଁ ଏହାର ସଚେତନତା କରାଇବା ନିହାତି ଜରୁରୀ । ସାମାଜିକ ଅନୁଷ୍ଠାନ 'କର ଫାଉଣ୍ଡେସନ୍' ତରଫରୁ ବିଭିନ୍ନ ସମୟରେ ନିଶା ସେବନ ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ ସଚେତନତା ପଦଯାତ୍ରା ମାଧ୍ୟମରେ ଓ ଭିଡ଼ିଓ ମାଧ୍ୟମରେ ଜାରି ରହିଛି । ଯେହେତୁ ଚଳଚ୍ଚିତ୍ରଟି ଲୋକମାନଙ୍କ ପାଖରେ ପହଞ୍ଚିବାର ଏକ ଉତ୍ତମ ମାଧ୍ୟମ, ତେଣୁ ଜଣାଶୁଣା ଅଭିନେତା ତଥା କର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଚନ୍ଦନ କରଙ୍କ ଉଦ୍ୟମ ଓ ଏଫ.ଏମ୍.ଡି. ଫିଲ୍ମସ୍ ଦ୍ୱାରା ଏକ ସଚେତନତାମୂଳକ ଚଳଚ୍ଚିତ୍ର 'ଆସକ୍ତ' ନିର୍ମାଣ କରାଯାଇଛି । ଆଜି ଏହାର ସ୍ପେସିଆଲ୍ ସ୍କ୍ରିନିଙ୍ଗ୍ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ସାମାଜିକ ଅନୁଷ୍ଠାନ, ସାମାଜିକ କର୍ମୀ ପ୍ରମୁଖ ଯୋଗଦେବା ସହ ଏହି ଚଳଚ୍ଚିତ୍ରର ଭୂୟସୀ ପ୍ରଶଂସା କରିଥିଲେ ଓ ଏହା ଓଡ଼ିଶାର ସବୁ ଜାଗାରେ ପ୍ରଦର୍ଶିତ ହେବା ଉଚିତ୍ ବୋଲି କହିଥିଲେ । ଏହି ଚଳଚ୍ଚିତ୍ରରେ ଅଭିନେତା ଚନ୍ଦନ କର, ଜ୍ଞାନ ବାରିକ, ସୁରଭି ପ୍ରିୟଦର୍ଶିନୀ, ଦୀପକ ମହାରଣା, ମାନସ ମିଶ୍ର, କୁସୁମ ତ୍ରିପାଠୀ ପ୍ରମୁଖ ନିଖୁଣ ଅଭିନୟ କରିଛନ୍ତି । ଚଳଚ୍ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ରାକେଶ ସାମଲ ଓ କ୍ରିଏଟିଭ୍ ଦାୟିତ୍ୱ ତୁଲାଇଛନ୍ତି ସାଇ ପ୍ରସାଦ ପଣ୍ଡା । ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ସାମାଜିକ କର୍ମୀ ନିରୋଜା ଲକ୍ଷ୍ମୀ ମହାପାତ୍ର, ବିନ୍ଦୁଜା ଉପାଧ୍ୟାୟ ଓ ମଧୁସ୍ମିତା ଦାସ ଏହି ଚଳଚ୍ଚିତ୍ରଟିକୁ ଭୂୟସୀ ପ୍ରଶଂସା କରିବା ସହ ସାମ୍ପ୍ରତିକ ସମୟରେ ଏହା ଜରୁରୀ ବୋଲି କହିବା ସହ ନିର୍ମାତା ଟିମ୍‌କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

# ମୟୂରଭଞ୍ଜ ଜିଲ୍ଲା ରାଜ୍ୟ ଏବଂ କେନ୍ଦ୍ର ଅବହେଳାର ଶିକାର: ପୂର୍ବତନ ବିଧାୟକ କିଶୋର ଦାଶ

ବାରିପଦା , ୨୮/୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଓ ଗମନା ଗମନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କର ଅବହେଳା ରୁ ବୁଢ଼ାମରା - ଚକୁଳିଆ ଓ ବଙ୍ଗିରିପୋଷି - ଗୋରୁମାଇଶିଆଣି ନୂତନ ରେଳ ଲାଇନ୍ ନିର୍ମାଣ ହୋଇପାରୁନାହିଁ ଯଦିଓ ରାଜ୍ୟ ସରକାର ମାଗଣା ରେ ସରକାରି ଜମି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର କ୍ରମାଗତ ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ବା ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ର ଛବି କୁ ମଳିନ କରିବାରେ ଲାଗି ପଡ଼ିଛନ୍ତି। ବର୍ଷ ବର୍ଷ ଧରି କୁଳପତି ପଦବୀ ଜାଣି ଶୁଣି ପୂରଣ କରାଯାଉ ନାହିଁ। ପରୀକ୍ଷା ନିୟନ୍ତ୍ରକ ପଦବୀ ମଧ ଦୀର୍ଘଦିନ ଧରି ପୂରଣ ନ କରି ଝୁଲାଇ ରଖାଯାଇଛି। ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ପଦବୀ କୁ ଜଣେ ଅଧାପକଙ୍କ ହାତରେ ଟେକି ଦିଆଯାଇଛି। ବିଶ୍ୱବିଦ୍ୟାଳୟ ସେବା ଯୋଜନା ସଂଯୋଜକ ହେବାକୁ ହେଲେ ଜଣେ ବ୍ୟକ୍ତି ଅତି କମ୍ ରେ ୨ ବର୍ଷ ସେବା ଯୋଜନା ଅଧିକାରୀ ର ଅଭିଜ୍ଞତା ଏକାନ୍ତ ଜରୁରି। କିନ୍ତୁ ସେବା ଯୋଜନା ସଂଯୋଜକ ନିଯୁକ୍ତି କ୍ଷେତ୍ର ରେ ବିଶ୍ୱ ବିଦ୍ୟାଳୟ ସମସ୍ତ ନିୟମକୁ ଉଲଂଘନ କରିଛନ୍ତି, ତା ସ୍ୱତେ ଉଚ୍ଚ ଶିକ୍ଷା ବିଭାଗ ଓ କେନ୍ଦ୍ର ସରକାର ଙ୍କ ଅଧିକାରୀ ନୀରବ ଅଛନ୍ତି । ଫକୀର ମୋହନ ବିଶ୍ୱବିଦ୍ୟାଳୟ ରେ ଏକାଧିକ ନେସନାଲ ଇଣ୍ଟିଗ୍ରେସନ୍ କ୍ୟାମ୍ପ ଆୟୋଜନ ହେଉଥିବା ବେଳେ, ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ରେ କୌଣସି ନେସନାଲ ଇଣ୍ଟିଗ୍ରେସନ୍ କ୍ୟାମ୍ପ ଆୟୋଜନ କରାଯାଇ ନାହିଁ। କେନ୍ଦୁଝରେ ଜିଲ୍ଲା ରେ ରହିଯାଇଥିବା ୫ ଟି ବିଭାଗ ବର୍ତ୍ତମାନ ପର୍ଯ୍ୟନ୍ତ ବାରିପଦାସ୍ଥିତ ମୂଳ କ୍ୟାମ୍ପସ କୁ ଆଜି ପର୍ଯ୍ୟନ୍ତ ଆସିପାରୁ ନାହିଁ। ଶିକ୍ଷକ ଓ ଅଣ ଶିକ୍ଷକ ପଦବୀ ଖାଲିପଡ଼ିଛି ଓ ଦେଶ ର ସର୍ବୋଚ୍ଚ ନ୍ୟାୟାଳୟ ନୂତନ ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ନିୟମ ୨୦୨୦ ଉପରେ ଅଙ୍କୁଶ ଲଗାଇଛନ୍ତି, ତେଣୁ ବିଶ୍ୱ ବିଦ୍ୟାଳୟ ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି, ହେଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି।

ମୟୂରଭଞ୍ଜ ଆୟୁର୍ବେଦି ମହାବିଦ୍ୟାଳୟ ଓ ମୟୂରଭଞ୍ଜ ହୋମଓପାଥିକ ମହାବିଦ୍ୟାଳୟ ଦୀର୍ଘ ଦିନରୁ ବନ୍ଦ ହୋଇରହିଛି। ରାଜ୍ୟ ସରକାର ପ୍ରତଶ୍ରୁତି ଦେଇଥିଲେ ମଧ ଆଜି ପର୍ଯ୍ୟନ୍ତ ସରକାର ହାତକୁ ନେବା ପାଇଁ ଉଦ୍ୟମ କରିନାହାନ୍ତି। ଐତିହାସିକ ଛାତ୍ର ଆନ୍ଦୋଳନ ଯୋଗୁଁ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ବାରିପଦା ଠାରେ ସ୍ଥାପିତ ହୋଇଥିଲା, ଏହା ମଧ ରାଜ୍ୟ ସରକାର ହାତକୁ ନେବାର ଆବଶ୍ୟକତା ରହିଛି, କିନ୍ତୁ ରାଜ୍ୟ ତାହା କରି ନାହାନ୍ତି। ନୂଆ ଓଡ଼ିଶା କାର୍ଯ୍ୟକ୍ରମ ନାଚଗୀତ ରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି କିନ୍ତୁ ମୟୂରଭଞ୍ଜ ର ନାର୍ଯ୍ୟ ଆଦି ପୂରଣ କରିନାହାନ୍ତି।

ନିର୍ବାଚନ ସମୟ ରେ କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁ ପ୍ରତିଶୃତି ଦେଉଛନ୍ତି, ଶାସନ କୁ ଆସିଲା ପରେ ତାହା କରୁନାହାନ୍ତି। ତେଣୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଓ ଗମନା ଗମନ କ୍ଷେତ୍ରରେ ବହୁ ପଛରେ ରହିଯାଇଛି ବୋଲି ବାରିପଦା ର ପୂର୍ବତନ ବିଧାୟକ ତଥା ସଚେତନ ନାଗରିକ ମଞ୍ଚ ର ସଭାପତି କିଶୋର ଦାଶ ମତ ପ୍ରକାଶ କରିଛନ୍ତି। ତେଣୁ ରାଜ୍ୟ ଏବଂ କେନ୍ଦ୍ର ସରକାର ନିର୍ବାଚନ ଇସ୍ତାହାର ରେ ମୟୂରଭଞ୍ଜ ର ଦାବି କୁ ସ୍ଥାନ ଦେବାକୁ ଶ୍ରୀ ଦାଶ ଦାବି କରିଛନ୍ତି।

# ଇଟିର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ

ଲଙ୍ଗଳେଶ୍ୱର , ୨୮/୪ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଞ୍ଚାୟତର ଥିବା ଅଗ୍ରଣୀ କମ୍ପ୍ୟୁଟର ଶିକ୍ଷା କ୍ଷେତ୍ର ଇଟି ର ଦ୍ୱିତୀୟ ବାର୍ଷିକ ଉତ୍ସବ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଇଟି ର ନିର୍ଦ୍ଦେଶକ ସୁବ୍ରତ କୁମାର ରଥ ମୁଖ୍ୟ ଅତିଥି,ଇଟି ର ଜିଲ୍ଲା ମୁଖ୍ୟ ପଙ୍କଜ କୁମାର ସାହୁ, କଷାଫଳ ର ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର, ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବର୍ତ୍ତମାନ ସମୟରେ ପ୍ରତ୍ୟେକ ସ୍ଥାନରେ କମ୍ପ୍ୟୁଟର ବ୍ୟବହାର ବଢୁଥିବା ରୁ ଛାତ୍ର ଛାତ୍ରୀ ଙ୍କୁ ଏହା ବେଶ୍ ଦକ୍ଷତା ବୃଦ୍ଧି ପାଇବାର ସହାୟକ ହେବ ବୋଲି ବକ୍ତାମାନେ




ମତବ୍ୟକ୍ତ କରିଛନ୍ତି କଷାଫଳ ଇଟି ର ମୁଖ୍ୟ ଗୌତମ କୁମାର ଗିରି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଇଟି କମ୍ପ୍ୟୁଟର ଶିକ୍ଷା କ୍ଷେତ୍ର ଓଡ଼ିଶାର ବିଭିନ୍ନ ସ୍ଥାନରେ କମ୍ପ୍ୟୁଟର ଶିକ୍ଷା ଦାନ କରିଆସୁଛି। ଏହି ଅବସରରେ କୃତି ଶିକ୍ଷାର୍ଥୀ ମାନଙ୍କୁ ପୁରସ୍କାର ବିବରଣ କରାଯାଇଥିଲା।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ

ପାରାଦୀପ, ୨୮/୪ (ନି.ପ୍ର): ପାରାଦୀପ ଉପକଣ୍ଠ ଦୋଛକି ମଧୁ ପାର୍କଠାରେ ଉତ୍କଳ ଗୌରବ କୂଳବୃଦ୍ଧ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପର ନଗରପାଳ ତଥା ପାରାଦୀପ ବାର୍ ଆସୋସିଏସନ୍ର ଉପସଭାପତି ବସନ୍ତ କୁମାର ବିଶ୍ୱାଳଙ୍କ ସମେତ ପାରାଦୀପ ବାର୍ ଆସୋସିଏସନ୍ର ସାଧାରଣ ସମ୍ପାଦକ ତପନ କୁମାର ଦାଶ, ଅନ୍ୟତମ ଉପସଭାପତି କୈଳାଶ ଚନ୍ଦ୍ର ସାହୁ, ସମ୍ପାଦକ ରବିନ୍ଦ୍ର କୁମାର ଜେନା,କାର୍ଯ୍ୟକାରୀ ସଦସ୍ୟ ସଂଜୟ କୁମାର




ମିଶ୍ର, ନିରଞ୍ଜନ ରାଉତ, ପୌର ଉପାଧକ୍ଷ ଛବିଲତା ରାଉତ, ପାରିଷଦ ଅଜିତ କୁମାର ଷଡଙ୍ଗୀ, ସୁକାନ୍ତ କୁମାର ଦାସ, ସୁକ୍ରମଣି ନାଗ ପ୍ରମୁଖ ଯୋଗ ଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଅନୁଷ୍ଠିତ ସ୍ମୃତି ସଭାରେ ଅତିଥିମାନେ ମଧୁବାବୁଙ୍କ ସ୍ମୃତି ଚାରଣ କରିଥିଲେ।

# ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ପକ୍ଷରୁ ମଧୁବାବୁ ଜୟନ୍ତୀ



ବାଲିଆପାଳ , ୨୮/୪ (ନି.ପ୍ର): ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ପକ୍ଷରୁ ସିମୁଳିଆ ମାର୍କେଟ ନିକଟ ସନ୍ଧ୍ୟା ଭବନ ପରିସରରେ ମଧୁବାବୁ ଜୟନ୍ତୀ ପାଳିତ ହୋଇ ଯାଇଛି । ବାଲିଆପାଳ ଶାଖା ସଭାପତି ଅବସରପ୍ରାପ୍ତ ପ୍ରାଧାପକ କୁଞ୍ଜକାନ୍ତ ପାତ୍ରଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାବିତ୍ ଅଧାପକ ଡଃ ସୁକାନ୍ତ କୁମାର ଗିରି, ପ୍ରାକ୍ତନ ଅଧାପକ ବୀର ମାଧବ ଦାସ, ଓଡ଼ାନ ରାଜ୍ୟ ସାଧାରଣ ସମ୍ପାଦକ ସଦାଶିବ ସେଠୀ, ଦଳିତ ନେତା ଶିଶିର କୁମାର ଖଣ୍ଡା, ସାମ୍ବାଦିକ ପ୍ରଫୁଲ୍ଲ କୁମାର ପାତ୍ର,ସ୍ୱେଚ୍ଛାସେବୀ ସଂଗଠନ ଶ୍ରଦ୍ଧା ର ସଭାପତି ସଞ୍ଜୁବାଳା ଦାସ ଅଧିକାରୀ, ପୂର୍ବତନ ସୈନିକ ସଂଗଠନ ସଭାପତି କମଳ ଲୋଚନ ପିଳା, ଅଧାପକ ନିରଞ୍ଜନ ବେହେରା, ବିଜୟ କୁମାର ମାହାନା, ପ୍ରଶାନ୍ତ କୁମାର କର, ମଞ୍ଜୁଲତା ଦଳାଇ, ଭାଗବତ ଗିରି , ଜାନକୀ ମାହାନ୍ତି, ତନୁଶ୍ରୀ ଦାସ , ମକରନ୍ଦ ଦଳାଇ, ଶୁଭମ୍ ମହାନ୍ତି, ବିଚିତ୍ରା ନନ୍ଦ ଦାସ, ଅସିତ୍ ଚାନ୍ଦ, ଉମାକାନ୍ତ ଜେନା , ରଞ୍ଜନ କୁମାର ଦାସ, ଝରଣା ଦାସ , ଗଦାଧର ଗିରି, ଆରତୀ ପାତ୍ର, କବିତା ପ୍ରଧାନ, ଜୟନ୍ତୀ ପଣ୍ଡା, ରାଜଶ୍ରୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ସ୍ୱାଭିମାନ ଦିବସ ସମ୍ପର୍କ ଆଲୋଚନା କରିଥିଲେ। ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ୟାସୀ ବେହେରା ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରି ଥିଲେ ।ଉପ ସଭାପତି ଶ୍ରୀହରି ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱର୍ଣ୍ଣଚୂଡ ମଣ୍ଡଳସ୍ତରୀୟ ବିଜେପିର ନିର୍ବାଚନୀ ସାଂଗଠନିକ ବୈଠକ

ନୀଳଗିରି , ୨୮/୪ (ନି.ପ୍ର): ରବିବାର ଭାରତୀୟ ଜନତା ପାର୍ଟି ନୀଳଗିରି ତରଫରୁ ସ୍ୱର୍ଣଚୂଡ଼ ମଣ୍ଡଳର ସାରୁପାଳଠାରେ ମଣ୍ଡଳ ସଭାପତି ତାପସ ମହାନ୍ତିଙ୍କ ନେତୃତ୍ୱରେ ବିଜେପିର ମଣ୍ଡଳ ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ବିଜେପିର ଲୋକସଭା ପାର୍ଥି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧରେ ଓଡ଼ିଶାର ସୁନାମଧେୟ ଡାକ୍ତର ତଥା ନୀଳଗିରି ମାଟିର ପୁଅ ପ୍ରତାପ ଚନ୍ଦ୍ର ରଥ, ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା, ଲୋକସଭା ସଂଯୋଜକ ଶୁଭଙ୍କର ମହାପାତ୍ର, ଜିଲ୍ଲା ଉପସଭାପତି କମଳ ଲୋଚନ ବେହେରା, ନାରୀ ନେତ୍ରୀ ମମତା ମହାପାତ୍ର, ରେଣୁ ବିଶ୍ୱାଳ, ଚନ୍ଦ୍ରବିନ୍ଦୁ ଦାସ, ଗୋପାଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ମଣ୍ଡଳ କମିଟିର ସମସ୍ତ ପଦାଧିକାରୀ, ଶକ୍ତି କେନ୍ଦ୍ର ପ୍ରମୁଖ, ବୁଥ ସଭାପତି ମାନେ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ଷଡ଼ଙ୍ଗୀ ଆଗାମୀ ନିର୍ବାଚନରେ ବିଜୟୀ ହେବା ପାଇଁ କର୍ମୀ ମାନଙ୍କୁ ଗୁରୁ ମନ୍ତ୍ର ଦେଇଥିଲେ। ବୁଥ ସ୍ତରରେ ସଂଗଠନକୁ ଆହୁରି ଅଧିକ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ନୀଳଗିରିରେ ପୁଣି ଥରେ ଡବଲ ଇଂଜିନକୁ ନୀଳଗିରି ବାସୀ ଆଶୀର୍ବାଦ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ଭଡ଼ାଟିଆଙ୍କ ପରକିୟା ପ୍ରୀତି ପାଇଁ ଘର ମାଲିକଙ୍କ ଜୀବନ ଗଲା

ନୀଳଗିରି, ୨୮/୪ (ନି.ପ୍ର): ପ୍ରେମ ଶାସ୍ୱତ ଓ ଅମର। ମାତ୍ର କାମନା ବାସନାରେ ବଶବର୍ତ୍ତୀ ହୋଇ ଶାରୀରିକ ସମ୍ପର୍କ ରଖିବାର ହୀନ ପ୍ରୟାସ ଶେଷରେ ଜଣକର ଜୀବନ ଯିବାଭଳି ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଲାବଣ୍ୟଦେଇପୁର ପଞ୍ଚାୟତ କଟୁରିଆ ଗ୍ରାମର ଶ୍ରୀରାମ ସିଂଙ୍କ ଘରେ ଦୁଇଜଣ ଭଡ଼ାଟିଆ ଘରଭଡ଼ା ନେଇ ରହିଆସୁଥିଲେ। ରାଇରଙ୍ଗପୁର ଜାମଦା ବ୍ଲକ ଅଞ୍ଚଳର ଅଶୋକ ସେଠୀ ଉକ୍ତ ଘରେ ୩ଟି ରୁମ୍ ଭଡା ନେଇ ଗୋଟିଏରେ ଷ୍ଟୁଡିଓ, ଆଉ ଗୋଟିଏରେ କମ୍ପ୍ୟୁଟର ଦୋକାନ ଦେଇଥିବା ବେଳେ ଅନ୍ୟ ରୁମରେ ନିଜେ ରହୁଥିଲା ।ଅନ୍ୟଜଣେ ଭଡାଟିଆ ମଧ ପରିବାର ସହ ଭଡାରେ ରହିଆସୁଥିଲେ। ଘଟଣା କ୍ରମରେ ଉଭୟ ପରିବାର ମଧରେ ଘନିଷ୍ଠତା ବଢିଥିଲା। କାଳକ୍ରମେ ଅଶୋକ ସେଠୀଙ୍କ ସହ ଅନ୍ୟ ଭଡ଼ାଟିଆଙ୍କ ସ୍ତ୍ରୀ ଯିଏକି ଟେଲର ଦୋକାନ କରନ୍ତି ଉଭୟଙ୍କ ମଧରେ ଚୋରା ପ୍ରେମ ସମ୍ପର୍କ ଗଢିଉଠିଥିଲା। ଏକଥା ଘର ମାଲିକ ଜାଣିବାକୁ ପାଇ ବାରଣ କରିଥିଲେ। କାଳେ ଘଟଣା ପ୍ରଘଟ ହୋଇଯିବ ତେଣୁ ସବୁଦିନ ପାଇଁ ଶ୍ରୀରାମଙ୍କୁ ରାସ୍ତାରୁ ହଟାଇ ଦେବାକୁ ଅଶୋକ ଅନ୍ୟଜଣେ ସାଙ୍ଗ ଅଶୋକ ମହାନ୍ତ ଯିଏ କି ଉକ୍ତ ଗ୍ରାମରେ ମଟର ଗ୍ୟାରେଜ କରନ୍ତି ତାଙ୍କ ସହାୟତା ଲୋଡିଥିଲା। ଉଭୟ ସୁଯୋଗ ଉଣ୍ଡି ଗତ ବୁଧବାର ରାତ୍ରୀରେ ଶ୍ରୀରାମଙ୍କୁ କୌଶଳ କରି ଘରୁ



ଡାକିନେଇଥିଲେ। ପରେ ଉଭୟ ଏକ ମଟର ସାଇକେଲରେ ବସାଇ ବରହମପୁର ଥାନା କଳାକାଦ ନିକଟ ଭାଗାକିଆରୀ ନିକଟ ତିନିକୋଶିଆ ଜଙ୍ଗଲରେ ହତ୍ୟାକରି ଖସି ପଳାଇ ଯାଇଥିଲେ। ରାତ୍ରୀରେ ସ୍ୱାମୀ ଘରକୁ ନ ଆସିବାରୁ ସ୍ତ୍ରୀ ମାଳତୀ ହେମ୍ବ୍ରମ୍ ଶରତ ଥାନାରେ ସ୍ୱାମୀ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ତେବେ ଅନ୍ଧାରରେ ସ୍ୱାମୀ ଘରୁ ଯିବାବେଳେ ଅଶୋକ ସେଠୀଙ୍କୁ ସ୍ତ୍ରୀ ମାଳତୀ ଚିହ୍ନି ପାରିଥିବା ବେଳେ ସନ୍ଦେହ ହେବାରୁ ଘଟଣା ସମ୍ପର୍କରେ ଥାନାରେ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଶରତ ଥାନା ପୋଲିସ ସନ୍ଦେହରେ ଅଶୋକ ସେଠୀକୁ ଅଟକ ରଖି ପଚରାଉଚରା ପରେ ଅଭିଯୁକ୍ତ ସମସ୍ତ ଘଟଣା ମାନିଯାଇଥିଲା। ପରେ ଶରତ ପୋଲିସ୍ ବରହମପୁର ପୋଲିସର ସହାୟତାରେ ଗତ ଶନିବାର ରାତି ୩ଟା ସମୟରେ ଅଭିଯୁକ୍ତ ଅଶୋକକୁ ଆଣି ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ଶବ ଚିହ୍ନଟ କରିଥିଲେ। ଆଜି ସାଇଣ୍ଟିଫିକ୍ ଟିମ୍ ସହିତ ଉଦଳା ପୋଲିସ ମୃତ ଶ୍ରୀରାମର ପତ୍ନୀ ମାଳତୀ ସହିତ ଆସି ଶବ ଚିହ୍ନଟ କରିବା ସହିତ ଶବ ଉଦ୍ଧାର କରି ବ୍ୟବଚ୍ଛେଦ କରିବା ପାଇଁ ଉଦଳା ନେଇଯାଇଥିବା ଜଣାପଡିଛି। ତେବେ ପରକୀୟା ପ୍ରୀତି ପାଇଁ ଜଣେ ନିରୀହ ଜୀବନକୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବା ନଗ୍ନ ମାନସିକତାର ଲକ୍ଷଣ ଅଟେ ବୋଲି ଅଞ୍ଚଳରେ ଚର୍ଚ୍ଚା ଚାଲିଛି।

# ମଧୁସାଗର ବିଦ୍ୟାପୀଠରେ ମଧୁବାବୁଙ୍କ ଜୟନ୍ତୀ

କେନ୍ଦ୍ରାପଡ଼ା, ୨୮/୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଅଙ୍ଗୁଲାଇ ସ୍ଥିତ ମଧୁସାଗର ବିଦ୍ୟାପୀଠରେ ଉତ୍କଳ ଗୌରବ ମଧୁ ସୁଦନ ଦାସଙ୍କ ୧୭୭ ତମ ଜୟନ୍ତୀ ପାଳନ ହୋଇଯାଇଛି । ପ୍ରଧାନ ଗୁରୁଜୀ ସୁଧିର ରଞ୍ଜନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପ୍ରଭାତଫେରୀ ଓ ସ୍କୁଲ ପରିସର ସଫେଇ କରାଯାଇ ଥିବାବେଳେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ସ୍କୁଲ ପରିସରରେ ଥିବା ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ ସହ ସ୍ମୃତିସଭା କରାଯାଇ ଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କଳବଲ କରୁଛି ...

ଆସନ୍ତାକାଲିଠୁ ଗ୍ରୀଷ୍ମପ୍ରବାହ ଆହୁରି ଅସମ୍ଭାଳ ହେବ। ୨୯ ଓ ୩୦ ତାରିଖ ପାଇଁ ସିଭିୟର ହିଟୱେଭ ନେଇ ୧୫ ଜିଲ୍ଲାକୁ ରେଡ୍ ଓ ୧୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। କିଛିସ୍ଥାନରେ ପାରଦ ୪୫ ଡିଗ୍ରୀ ଛୁଇଁଯିବାର ମଧ ଆଶଙ୍କା ରହିଛି। ସେହିପରି ଅସମ୍ଭାଳ ତାତି ଓ ଗୁଳୁଗୁଳିରୁ ୧ ତାରିଖ ଯାଏ ଆଶ୍ୱସ୍ତି ମିଳିବାର ସମ୍ଭାବନା ନାହିଁ। କିନ୍ତୁ ୨ ତାରିଖରୁ ତାପମାତ୍ରା ସାମାନ୍ୟ ହ୍ରାସ ପାଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର। ଏପ୍ରିଲ ୧୭ ତାରିଖରେ ପ୍ରଥମ ଥର ପାଇଁ ଚଳିତ ସିଜିନରେ ଟୁଇନସିଟିର ପାରଦ ୪୧ ଟପିଥିଲା। ସେଦିନ ଭୁବନେଶ୍ୱରର ପାରଦ ୪୧.୭ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ କଟକ ପାରଦ ୪୧.୫ ଡିଗ୍ରୀ ରହିଥିଲା। ଏପ୍ରିଲ୍ ୧୮ରେ ରାଜଧାନୀର ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ ଟପିଥିଲା। ଭୁବନେଶ୍ୱରରେ ପାରଦ ୪୩.୬ ଡିଗ୍ରୀ ଛୁଇଁଥିଲା। ଏଥିସହ ରାଜଧାନୀ ପାଲଟିଥିଲା ସବୁଠୁ ଉତ୍ତପ୍ତ ସହର। କଟକରେ ସେଦିନ ତାପମାତ୍ରା ୪୧. ୪ ଡିଗ୍ରୀ ରେକର୍ଡ କରାଯାଇଥିଲା। ଏହା ପର୍ଯ୍ୟାୟକ୍ରମେ ବଢ଼ିବାରେ ଲାଗିଛି। ସ୍ଥିତି ଏପରି ହୋଇଥିଲା ଯେ ଏପ୍ରିଲ ୨୭ରେ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ସମସ୍ତ ରେକର୍ଡ ଭାଙ୍ଗି ଚଳିତ ସିଜିନରେ ପ୍ରଥମଥର ପାଇଁ ୪୪.୬ ଡିଗ୍ରୀ ପହଞ୍ଚିଥିଲା।

### ଓଡ଼ିଶାରେ ସରକାର ପରିବର୍ତ୍ତନ ...

ଆମେ ଆଗକୁ ବଢ଼ୁଛି। ଏହି ନିର୍ବାଚନ କୌଣସି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନୁହେଁ, ବରଂ ବିକଶିତ ଭାରତ ପାଇଁ ନିର୍ବାଚନ ହେଉଛି। ପୂର୍ବରୁ ରାଜନୀତି ଜାତି ଓ ଧର୍ମକୁ ନେଇ ହେଉଥିଲା। ହେଲେ ମୋଦି ଏହାର ପରିଭାଷା ବଦଳାଇ ଦେଇଛନ୍ତି। ମୋଦିଙ୍କ ନେତୃତ୍ୱରେ ରିପୋର୍ଟ କାର୍ଡର ରାଜନୀତି ଚାଲିଛି। ଏବେ ପୂରା ବିଶ୍ୱର ଅର୍ଥନୀତି କରୋନା ଓ ୟୁକ୍ରେନ ଯୁଦ୍ଧ ଯୋଗୁ ଦୋହଲି ଯାଇଛି। କିନ୍ତୁ ମୋଦିଜୀଙ୍କ ନେତୃତ୍ୱରେ ଦେଶର ଅର୍ଥନୀତି ଉଜ୍ଜ୍ୱଳ ହୋଇ ରହିଛି। ୧୦ ବର୍ଷ ତଳେ ଭାରତ ଅର୍ଥନୀତିକ ବ୍ୟବସ୍ଥା ୧୧ନମ୍ବର ସ୍ଥାନରେ ରହିଥିଲା। ହେଲେ ମୋଦିଜୀଙ୍କ ନେତୃତ୍ୱରେ ଭାରତର ଅର୍ଥନୀତିକ ବ୍ୟବସ୍ଥା ବିଶ୍ୱର ୫ନଂ ସ୍ଥାନରେ ପହଞ୍ଚି ଯାଇଛି। ମୋଦି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେଲେ ଦେଶର ଅର୍ଥନୀତି ତୃତୀୟ ସ୍ଥାନରେ ପହଞ୍ଚିବ। ଅଟୋମୋବାଇଲ କ୍ଷେତ୍ରରେ ଜାପାନକୁ ପଛରେ ପକାଇ ଭାରତ ତୃତୀୟ ସ୍ଥାନରେ ପହଞ୍ଚିଛି। ପେଟ୍ରୋକେମିକାଲରେ ଆମର ରପ୍ତାନୀ ୬% ବୃଦ୍ଧି ପାଇଛି। ଆଜିକୁ ୧୦ ବର୍ଷ ତଳେ ମୋବାଇଲରେ ଲେଖାଯାଉଥିଲା ମେଡ ଇନ ଚାଇନା। ଏବେ ଲେଖା ହେଉଛି ମେଡ ଇନ ଭାରତ ଓ ମେଡ ଇନ ଇଣ୍ଡିଆ। ମୋଦିଙ୍କ ନେତୃତ୍ୱରେ ସବୁ ବର୍ଗର ଲୋକଙ୍କୁ ଶକ୍ତି ମିଳିଛି। ଦେଢ଼ ଲକ୍ଷ ଗାଁ ଅପଟିକାଲ ଫାଇବର ସହ ଯୋଡ଼ି ହୋଇଛି। ପ୍ରତି ପଞ୍ଚାୟତକୁ ମୋଦି ୩ରୁ ୫ କୋଟି ଟଙ୍କା ଦେଉଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୮୦ କୋଟି ଲୋକଙ୍କୁ ପ୍ରତି ମାସରେ ମାଗଣା ରାସନ ଦିଆଯାଉଛି। ଓଡ଼ିଶାରେ ୩ ଲକ୍ଷ ୨୦ ହଜାର ଲୋକ ଏହାର ଫାଇଦା ପାଉଛନ୍ତି। ୧୧ କୋଟି ୭୮ ଲକ୍ଷ ଚାଷୀଙ୍କୁ ଟଙ୍କା ଦିଆଯାଉଛି। ଏବେ ମୋଦିଜୀ ସଂକଳ୍ପ ନେଇଛନ୍ତି ଯେ ଭାରତ ଡାଲି ଓ ତେଲ କ୍ଷେତ୍ରରେ ଆତ୍ମନିର୍ଭର ହେବ। ଏଥିପାଇଁ ୫ ବର୍ଷ ସମୟ ଲାଗିବ। ଉଜ୍ଜ୍ୱଳା ଯୋଜନାରେ ୧୦ କୋଟି ମହିଳାଙ୍କୁ ଗ୍ୟାସ ସଂଯୋଗ ଦିଆଯାଇଛି। ଓଡ଼ିଶାର ପ୍ରାୟ ୫୩ ଲକ୍ଷ ମହିଳା ଗ୍ୟାସ ସଂଯୋଗ ମିଳିଛି। ଗତ ୫ ବର୍ଷରେ ୪ କୋଟି ଲୋକଙ୍କୁ ପକ୍କା ଘର ଦିଆଯାଉଛି। ଆଗାମୀ ୫ ବର୍ଷ ମଧରେ ସମସ୍ତେ ବିଜୁଳି ବିଲ୍‌ରୁ ମୁକ୍ତି ପାଇବେ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଯୋଜନା ଅଧୀନରେ ସମସ୍ତଙ୍କୁ ମାଗଣା ବିଜୁଳି ଦିଆଯିବ ବୋଲି ନଡ୍ଡା କହିଛନ୍ତି।

### ରାହୁଲଙ୍କ ସିଧା ହାମଲା: ଓଡ଼ିଶାକୁ ...

ପେଟ ଖରାପ ହୋଇଗଲାଣି। ଶୀଘ୍ର କଂଗ୍ରେସ ସରକାର ଆଣନ୍ତୁ। ରାହୁଲ ଓଡ଼ିଶାବାସୀଙ୍କୁ ବିଭିନ୍ନ ପ୍ରତିଶ୍ରୁତି ମଧ ଦେଇଛନ୍ତି। ସେ କହିଛନ୍ତି, ଚାରା ରୋପଣ ନାଁରେ ଏଠାରେ ୧୫ ହଜାର କୋଟି ଲୁଟିଛନ୍ତି। ଖଣିରୁ ପ୍ରଚୁର ଲୁଟିଛନ୍ତି। କଂଗ୍ରେସ ଆସିଲେ ଏ ଟଙ୍କା ଫେରସ୍ତ ହେବ। ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଆସିଲେ ଲୋକଙ୍କ ଖାତାକୁ ଟଙ୍କା ଦିଆଯିବ। ୨୦୦ ୟୁନିଟ ମାଗଣା ବିଜୁଳି, ଗ୍ୟାସ୍ ୫ ଶହ ଟଙ୍କାରେ ଦିଆଯିବ। ଧାନ କୁଇଣ୍ଟାଲ ୩ ହଜାର ଟଙ୍କା କରାଯିବ। ମହିଳାଙ୍କୁ ୨ ହଜାର, ଯୁବକଙ୍କୁ ୩ ହଜାର, ଚାଷୀଙ୍କୁ ୩ ହଜାର ମିଳିବ। ଦେଶର ସବୁ ଗରିବ ପରିବାରର ଜଣେ ଜଣେ ମହିଳାଙ୍କୁ ବଛାଯିବ। ଉକ୍ତ ମହିଳାଙ୍କ ବ୍ୟାଙ୍କ ଖାତାକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ପ୍ରତି ମାସରେ ୮ ହଜାର ୫ ଶହ ଟଙ୍କା ମହିଳାଙ୍କ ଖାତାକୁ ଯିବ। ଓଡ଼ିଶାର ବେକାର ଯୁବକ ଓ ଯୁବତୀଙ୍କ ପାଇଁ କଂଗ୍ରେସ 'ପେହଲି ନୌକରୀ ପକ୍କି' ଯୋଜନା ଆଣିବ ବୋଲି କହିଛନ୍ତି ରାହୁଲ। ସେ କହିଛନ୍ତି, ସମସ୍ତ ବେକାର ଯୁବକଯୁବତୀଙ୍କୁ ଏହି ଯୋଜନାରେ ଗ୍ୟାରେଣ୍ଟି ମିଳିବ। ଚାକିରି ମାଗିବା କ୍ଷଣି ବର୍ଷକ ପାଇଁ ଆପ୍ରେଣ୍ଟିସିପ୍ ଦିଆଯିବ। ରାହୁଲ ଆହୁରି କହିଛନ୍ତି, ଆମେ ଦେଶର କୋଟି କୋଟି ଲୋକଙ୍କୁ ଲକ୍ଷପତି ବନାଇବୁ। ଦେଶର କୋଟି କୋଟି ଲୋକଙ୍କ ଖାତାକୁ ଲକ୍ଷେ ଟଙ୍କା ଦେବୁ। କମିଶନ ବସାଇବୁ, ଚାଷୀଙ୍କ ଋଣ ଛାଡ଼ କରିବୁ। ଆଶା, ଅଙ୍ଗନବାଡ଼ି ଦିଦିଙ୍କ ପାରିଶ୍ରମିକ ଦୁଇଗୁଣା କରିବୁ। ମନରେଗା ମଜୁରୀ ୪ ଶହ ଟଙ୍କା କରିବୁ। ଆଦିବାସୀଙ୍କୁ ଜଙ୍ଗଲ, ଜଳ, ଜମି ହସ୍ତାନ୍ତର କରାଯିବ।

### କଂଗ୍ରେସ ଘୋଷଣା କଲା...

ସେହିପରି ନିକଟରେ ବିଜେଡି ଛାଡ଼ି କଂଗ୍ରେସରେ ମିଶିଥିବା ନଗେନ୍ଦ୍ର ପ୍ରଧାନ ସମ୍ବଲପୁରରୁ ଟିକେଟ ପାଇଛନ୍ତି। ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ସ୍ଥାନରେ ନଗେନ୍ଦ୍ର ପ୍ରଧାନଙ୍କୁ ଦଳ ଟିକେଟ ଦେଇଛି। ସମ୍ବଲପୁରରେ ନଗେନ୍ଦ୍ରଙ୍କ ଲଢ଼େଇ ବିଜେପିର ଧର୍ମେନ୍ଦ୍ର ପ୍ରଧାନ ଓ ବିଜେଡିର ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ସହ ହେବ।

### ଜଳିଗଲା ୩୬ ବଖରା...

ଜାକ ପଞ୍ଚାୟତରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଦୁଇଟି ପଞ୍ଚାୟର ୩୬ ବଖରା ଘର ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ସରକାରୀ ସହାୟତା ଲୋଡ଼ିଛନ୍ତି କ୍ଷତିଗ୍ରସ୍ତ ହୋଇଥିବା ପରିବାର ଲୋକେ। କାଳିଗଦି ଗାଁର ଶୁସାନ୍ତ ପରିଡ଼ା କହିଛନ୍ତି, ମୁଁ ବିଲରେ ଥିଲି କାଳବୈଶାଖି ପ୍ରଭାବରେ ମୋର ସବୁ ଘର ପୋଡ଼ି ଯାଇଛି। ଦମକଳ ବିଭାଗକୁ ଖବର ଦେଇଛୁ ଏପଯ୍ୟନ୍ତ ଆସି ନାହିଁ। ଆମେ ସାହି ପଡ଼ିସି ମିସିକି ନିଆଁ ଲିଭାଉଛୁ। କାଶୀପୁର ଗାଁର ଦିନବନ୍ଧୁ ପରିଡ଼ା କହିଛନ୍ତି, ମୁଁ ବିଲକୁ ଯାଇଥିଲି ଫସଲରେ ପାଣିଦେବା ପାଇଁ। ଘରେ କେହି ନଥିଲେ। ଘରକୁ ଆସି ଦେଖିଲା ବେଳକୁ ସବୁ ପୋଡ଼ି ଯାଇଛି। କିଛି ଜିନିସ କାଢିନାହିଁ ସବୁ ପୋଡ଼ି ଗଲା। ମୁଁ ଘର କରିବି ବୋଲି ଟଙ୍କା ରଖିଥିଲି ଝିଅ ବାହାଘର ପାଇଁ ସୁନା ରଖିଥିଲି ସବୁ ପୋଡ଼ି ଗଲା। ସରକାର ଆମଙ୍କୁ ସାହାଯ୍ୟ କରନ୍ତୁ।

### ବାଇକ୍‌କୁ ପିଟିଲା...

ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ବେଳେ ଗୁରୁତର ଯୁବକଙ୍କୁ ପୁରୁଣାକଟକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଛି। ତେବେ ଦୁର୍ଘଟଣା ଘଟଇଥି ଟ୍ରକ୍ ଘଟଣା ସ୍ଥଳରୁ ଫେରାର ଥିବା ବେଳେ ପୁଲିସ ତାର ତଦନ୍ତ କରୁଛି।

### କାଳବୈଶାଖୀର...

ବଜ୍ରାଘାତରେ ଗୁରୁତର ଆହତ ହୋଇ ଚିକିତ୍ସାଧିନ ଅଛନ୍ତି। ମୃତ ଲକ୍ଷ୍ମୀଧରଙ୍କର ପତ୍ନୀ ଓ ୪ ଝିଅ ଅଛନ୍ତି। ସେହିପରି ମହୁ ଗ୍ରାମର ରବୀନ୍ଦ୍ର ରାଉତଙ୍କ ପତ୍ନୀ ଶଶୀକଳା ରାଉତଙ୍କ ଉପରେ ଗଜଡାଳ ପଡ଼ିବାରୁ ଗୁରୁତର ଆହତ ହୋଇଛନ୍ତି। ମୂଳସାହି ଗ୍ରାମର ଅଜୟ ସାମଲ ଝଡ଼ପବନରେ ଆଳି ଡାକବଙ୍ଗଳା ଛକ ନିକଟ ରାସ୍ତା ଉପରେ ଓଲଟି ପଡିଥିବା ଏକ ପ୍ରଚାର ବୋର୍ଡରେ ପିଚି ହୋଇ ଗୁରୁତର ଆହତ ହୋଇଛନ୍ତି। କୁଆପଥର ମାଡ଼ ଯୋଗୁଁ ସହିରା, ଦହିଅଣ୍ଡା, ମଠସାହି ଗ୍ରାମର ପଞ୍ଚାନନ ଜେନା, ଶରତ ଜେନା, କୃଷ୍ଣଚନ୍ଦ୍ର ଜେନା, କପିଳେନ୍ଦ୍ର ଜେନା, ପ୍ରଶାନ୍ତ ଜେନା, ବିଚିତ୍ର ଜେନା, ଗଗନ ପାତ୍ର, ଭୀମସେନ ପାତ୍ର, ବିପିନ ବିହାରୀ ପାତ୍ର, ମହେଶ୍ୱର ପ୍ରଧାନ, ବିଘ୍ନେଶ ଜେନା, ନଗେନ୍ଦ୍ର ରାଉତ, ସତ୍ୟବ୍ରତ ଦାଶ, ଆଲୋକ ସାହୁ, ବାନାମ୍ବର ଜେନାଙ୍କ ଆଜବେଷ୍ଟସ ଘର ଗୁଡିକ ଭାଙ୍ଗି ଛାରଖାର ହୋଇଯାଇଛି। ବର୍ଷା ଓ କୁଆପଥର ମାଡ଼ କାରଣରୁ ବ୍ୟାପକ ଭାବେ ମୁଗ, ଦାଲୁଅ ଧାନ ଓ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି।

### ପୁଅକୁ ଛୁରୀ ...

ହୋଇ ଜଗେଶ୍ୱର ନିଜ ପୁଅ ଦେବ ନାୟକଙ୍କ ଛାତିରେ ଛୁରି ଭୁସି ଦେଇଥିଲେ। ଏହି ସମୟରେ ଦାଦା ଅଭିମନ୍ୟୁ ନାୟକ ଛଡ଼େଇବାକୁ ଆସିଥିବା ବେଳେ ତାଙ୍କୁ ମଧ ଜଙ୍ଘରେ ଛୁରି ମାଡ଼ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟ ଦାଦା ପୁତୁରା ତଳେ ପଡ଼ି ଛଟପଟ ହୋଇଥିଲେ। ଏହାପରେ ଉଭୟ ଦାଦା ପୁତୁରାଙ୍କୁ ଆମ୍ବୁଲାନ୍ସ ଯୋଗେ ନେଇଁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଦେବଙ୍କ ମୃତ୍ୟୁ ହୋଇଛି। ଅଭିମନ୍ୟୁଙ୍କ ଚିକିତ୍ସା ଚାଲିଛି। ଏନେଇଁ ସାନ ପୁଅ ପାର୍ଥ ନାୟକ ତେନ୍ତୁଳିଖୁଣ୍ଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି ଗୋପାଳ କୃଷ୍ଣ ଆଗୁପାତ୍ର,ଏସଆଇ ପ୍ରମୋଦ କୁମାର ଖଣ୍ଡୁଆଳ ଏବଂ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ। ହତ୍ୟା ମାମଲାରେ ବ୍ୟବହୃତ ଛୁରି ଜବତ କରାଯାଇଛି। ସେହିପରି ଜଗେଶ୍ୱର ନାୟକଙ୍କୁ ଥାନାକୁ ଆଣି ତଦନ୍ତ ଚାଲିଥିବା ପୁଲିସ ସୂଚନା ଦେଇଛି। ଏନେଇ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଆଇଆଇସି ଶ୍ରୀ ଆଗୁପାତ୍ର କେଶର ତଦନ୍ତ କରୁଛନ୍ତି। ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ ସୂଚନା ଦେଇଛି। ଦେବଙ୍କ ମୃତ୍ୟୁ ପରେ ଧଣ୍ଡରା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା: ଯୁବକ ଗିରଫ

ଜୟପୁର, ୨୮/୪ (ନି.ପ୍ର): ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ବୈପାରିଗୁଡା ଥାନା ଭାଲୁଗୁଡା ଗ୍ରାମର ଅଭିଯୁକ୍ତ ବାବୁଲା ଖରା (୨୫)କୁ ଗିରଫ କରିଛି । ମହିଳା ପୋଲିସ ସୁଚନା ଅନୁଯାଇ ବୈପାରିଗୁଡା ଥାନା ଚେରକାପୁଟ ଗ୍ରାମର ଯୁବତି (୨୨)କୁ ଭାଲୁଗୁଡା ଗ୍ରାମର ବାବୁଲା ଖରା (୨୫)ବିବାହର ପ୍ରଲୋଭନ ଦେଖାଇ ଶାରିରିକ ସମ୍ପର୍କ ରଖିଥିବା ନେଇ ଅଭିଯୋଗ ହୋଇଛି । ଜୟପୁର ମହିଳା ଥାନାରେ ଯୁବତି ଜଣକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତଦନ୍ତ ରେ ଜାଣି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଜୟପୁର ମହିଳା ଥାନା ଅଧିକାରି ଅନିତା କୁଜୁର ସୂଚନା ଦେଇଛନ୍ତି ।

# ପାଣି ପାଇଁ ଡହଳ ବିକଳ ହେଲେ ଗ୍ରାମବାସୀ : ପ୍ରତିବାଦରେ ରାସ୍ତା ଅବରୋଧ

ବେତନଟୀ , ୨୮/୪ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ରାଉତରା ଗ୍ରାମ ର ଦୁଇଟି ବସ୍ତିର ଲୋକମାନେ ପାନୀୟ ଜଳ ନ ପାଇବାରୁ ଆଜି ବେତନଟୀ - ମେର୍ଦା ରାସ୍ତର ରାଉତରା ନିକଟରେ ଏହି ଗ୍ରାମବାସୀ ମାନେ ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ଏକ ଘଣ୍ଟା ପରେ ବେତନଟୀ ବ୍ଲକ ପ୍ରଶାସନ ଅବରୋଧ କାରୀଙ୍କ ନିକଟରେ ପହଞ୍ଚିଥିଲେ। ବ୍ଲକ ପ୍ରଶାସନ ଅଧିକାରୀ ଙ୍କ ସହ ଗ୍ରାମବାସୀ ଙ୍କ ର ଆଲୋଚନା ପରେ ଗ୍ରାମବାସୀ ମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ପ୍ରତିଶ୍ରୁତି ପରେ ଏହି ରାସ୍ତା ଅବରୋଧ ହଟିଥିଲା। ମିଳିଥିବା ସୂଚନା ଅନୁସାରେ ପୁରିନ୍ଦା ଗ୍ରାମ ପଞ୍ଚାୟତର ରାଉତରା ଗ୍ରାମରେ ବସୁଧା ଯୋଜନା ରେ ନିର୍ମାଣ ହୋଇଥିବା ପାଣି ଟାଙ୍କି ରୁ ପାନୀୟ ଜଳ ନେଉଥିବା ବେଳେ କିଛି ଦିନ ହେବ ଦୁଇ ବସ୍ତି ର ଲୋକ ମାନେ ପାଣିନପାଇ ଡହୋଳ ବିକଳ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମୀୟ ଜଳଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟାଳୟ ର ସହକାରୀ ଯନ୍ତ୍ରୀ ଙ୍କ ନିକଟରେ ଅଭିଯୋଗ କରିଥିଲେ। କୌଣସି ସୁଫଳ ନ ପାଇ କୂଅରୁ ପାଣି କାଢି ପିଇବା ପାଇଁ ବାଧ ହେଉଥିଲେ। ଦୁଇ ଗ୍ରାମ ର ଅସନ୍ତୋଷ ୍ବଢିବା ପରେ ଆଜି ଉତେଜିତ ହୋଇ ଶତାଧୀକ ପୁରୁଷ ମହିଳା ଗୋଗରା ଓ ବାଲ୍ଟି ଧରି ରାଉତରା ରାସ୍ତା କୁ ଅବରୋଧ କରିଥିଲେ। ଖବର ପାଇ ବେତନଟୀ ଏ୍ବିଡିଓ ଗଗୋନ ବେହେରା, ଜଳ ଯୋଗାଣ ପରିବହନ ଗୈରାଙ୍ଗ ଚନ୍ଦ୍ର ନାଏକ , ପୁରିନ୍ଦା ସରପଞ୍ଚ ଚୈତନ୍ୟ ହେମ୍ରମ , ସମେତ ବେତନଟୀ ଥାନା ପକ୍ଷରୁ ଏକ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ଗ୍ରାମବାସୀ ମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ଉଠିଥିଲା।

# ପାରାଦୀପ ଫସଫେଟ୍ସ ଲିମିଟେଡ଼କୁ ୨୦୨୩ ଆର୍ଥିକ ବର୍ଷ ପାଇଁ ବେଷ୍ଟ ଆୱାର୍ଡ



ପାରାଦୀପ, ୨୮/୪ (ନି.ପ୍ର): ପାରାଦୀପ ଫସଫେଟ୍ସ ଲିମିଟେଡ୍ କୁ ୨୦୨୩ ଆର୍ଥିକ ବର୍ଷ ପାଇଁ ବେଷ୍ଟ ଆନୁଆଲ ରିପୋର୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ଏହି ସମ୍ମାନଜନକ ଆୱାର୍ଡ ମୁମ୍ବାଇ ର ବେ କ୍ଲବ ଠାରେ ଚଳିତ ମାସ ୨୬ ତାରିଖ ଦିନ ସେବୀର ପୂର୍ବତନ ଚ୍ୟାରମ୍ୟାନ ଏମ ଦାମୋଦର ଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଏହି ସମାବେଶରେ ଲୋଧାର ପ୍ରତିଷ୍ଠାତା ଅଭିନନ୍ଦନ ଲୋଧା ଏବଂ କୋଟକା ବ୍ୟାଙ୍କ ର ମୁଖ୍ୟ ଆର୍ଥିକ ପରାମର୍ଶ ଦାତା ଦେବଙ୍ଗ ଡିୱାଲ ମଧ ଉପସ୍ଥିତ ଥିଲେ। ପାରାଦୀପ ଫସଫେଟ୍ସ ଲିମିଟେଡ଼ ପକ୍ଷରୁ ମୁଖ୍ୟ ଆର୍ଥିକ ଅଧିକାରୀ ବିଜୟ ବିଶ୍ୱାଳ, ମୁଖ୍ୟ କର୍ପୋରେଟ ଅଧିକାରୀ ସୁଧି ରଞ୍ଜନ ମିଶ୍ର ଏବଂ ସୁଶାନ୍ତ ଲୋହାରି ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର କର୍ପୋରେଟ୍ ଗଭର୍ନାନ୍ସରେ ଉଚ୍ଚ ମାନର ନୂତନ ମାଇଲଖୁଣ୍ଟକୁ ମାପିବା ପାଇଁ ପାରାଦୀପ ଫସଫେଟ୍ସ ଲିମିଟେଡ଼କୁ ପ୍ରେରଣା ଯୋଗାଇବ।

# ଅସ୍ତି ଓ ବିଷ୍ଣୁପୁର ପଞ୍ଚାୟତରେ ନବ ଭାରତ ନିର୍ମାଣ ସେବା ପାର୍ଟିର ନିର୍ବାଚନୀ ସଭା

ବାଲିଆପାଳ , ୨୮/୪ (ନି.ପ୍ର): ଅସ୍ତି ଓ ବିଷ୍ଣୁପୁର ପଞ୍ଚାୟତରେ ଶନିବାର ନବ ଭାରତ ନିର୍ମାଣ ସେବା ପାର୍ଟିର ନିର୍ବାଚନୀ ସଭା ଶନିବାର ଅନୁଷ୍ଠିତ ହୋଇ ଯାଇଛି। ବିଷ୍ଣୁପୁର ଗ୍ରା. ପ. ର ମକରନ୍ଦ ଦଳାଇ ଓ ଅସ୍ତି ଗ୍ରା ପ. ବଡ଼ାପାଳ ଗ୍ରାମ ର ବନମାଳୀ ଜେନା ଙ୍କ ଘରେ ନବ ଭାରତ ନିର୍ମାଣ ସେବା ପାର୍ଟିର ନିର୍ବାଚନୀ ସଭା ଚକ୍ରଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଥିଲା। ଇତି ମଧ୍ୟରେ ବାଲେଶ୍ୱର ସାଂସଦ ପ୍ରାଥୀ ଓ ବିଧାନ ସଭା ବିଧାୟକ ପ୍ରାଥୀ ଦଳ ପକ୍ଷରୁ ଦିଆଯାଇଛି ବୋଲି ସଭା ରେ ଘୋଷଣା କରାଯାଇ ଥିଲା। ରାଜ୍ୟରେ ମଦ, ଅପସଂସ୍କୃତି , ନାରୀ ନିର୍ଯାତନା , ବେକାରୀ ସମସ୍ୟା ସମାଧାନ କରିବାରେ ଉଭୟେ ସରକାରଙ୍କ ବିଫଳତା ଓ



ଚାଷୀଙ୍କ ସମସ୍ୟାକୁ ପ୍ରାସଙ୍ଗିକ କରି ଦଳ ନିର୍ବାଚନକୁ ଓହ୍ଲାଇଛି ବୋଲି ସଭାରେ କୁହାଯାଇଛି କ୍ଷ ନିଶା ମୁକ୍ତ , ଦୁର୍ନୀତି ମୁକ୍ତ ,ଦରିଦ୍ରମୁକ୍ତ, ହିଂସାମୁକ୍ତ ଶାସନ, ମହିଳା ସଶକ୍ତିକରଣ ଓ ସାମାଜିକ ସୁରକ୍ଷା ଓ ସୁସ୍ଥ ସମାଜ ଗଠନ ସାମାଜିକ ସଂସ୍କାର ,ଅର୍ଥ ନୈତିକ ସଂସ୍କାର ଓ ଲୋକଙ୍କ ମୌଳିକ ଅଧିକାର ନେଇ ନବ ଭାରତ ନିର୍ମାଣ ସେବା ପାର୍ଟି ରାଜ୍ୟବସୀ ଙ୍କ ପାଖକୁ ଯିବ ବୋଲି ରାଜ୍ୟ କାଯ୍ୟକାରୀ ସଭାପତି ସଦାଶିବ ସେଠି ସଭାରେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ହାଇକୋଟର ବରଷ୍ଠ ଆଇନଜିବୀ ବାଲେଶ୍ୱର ସାଂସଦ ପ୍ରାର୍ଥୀ ସୁଯ୍ୟକାନ୍ତ ଦାସ ମହାପାତ୍ର ,ବାଲେଶ୍ୱର ସଂଯୋଜକ ରଞ୍ଜନ ଦାସ ,ବାଲିଆପାଳ ବ୍ଲକ ସଭାପତି ଶିଶିର ଖଣ୍ଡା ,ବ୍ଲକ କାଯ୍ୟକାରୀ ସଭାପତି ବଂକିମ ଜେନା, ବ୍ଲକ ସମ୍ପାଦକ ମକରନ୍ଦ ଦଳାଇ, ବସ୍ତା ବ୍ଲକ ସଭାପତି ସ୍ୱାଧୀନ ଦାସ ,ଭବେଶ ଦାସ , ପ୍ରଶାନ୍ତ ଜେନା ସଞ୍ଜୟ ଜେନା ,ମୁରଲୀ ଧର ଜେନା ,ପିତାମ୍ବର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ସେଠି ଏନ୍ ବି ଏନ୍ ଏସ ପି ସାଂସଦ ପ୍ରାଥୀଙ୍କ ଚିହ୍ନ ଗ୍ୟାସ ସିଲିଣ୍ଡର ଓ ବିଧାୟକ ମାନଙ୍କ ଚିହ୍ନ କୃଷକ ଚିହ୍ନ କହି ଧନ୍ୟବାଦ ଦେଇ ଥିଲେ।

# ପାଣିରେ ବୁଡି ଶିଶୁ ପୁତ୍ର ମୃତ

ଲଙ୍ଗଳେଶ୍ୱର , ୨୮/୪ (ନି.ପ୍ର): ବାଲିଆପାଳ ବ୍ଲକ ବଳରାମପୁର ପଞ୍ଚାୟତ ଅନ୍ତର୍ଗତ ସୂନାରୁଇ ଗ୍ରାମର କୁଞ୍ଜବିହାରୀ ପାଣିଗ୍ରାହୀ ଙ୍କ ଏକ ମାତ୍ର ଦୁଇ ବର୍ଷ ଶିଶୁ ପୂତ୍ର ଅଂଶୁମାନ ପାଣିଗ୍ରାହୀ ର ଆଜି ସକାଳେ ପାଣି ରେ ବୁଡି ମୃତ୍ୟୁ ହୋଇଛି, ସୂଚନା ଅନୁଯାୟୀ ଆଜି ସକାଳେ ପରିବାର ର ସମସ୍ତ ଲୋକେ ଘର କାମରେ ବ୍ୟସ୍ତ ଥିବା ବେଳେ ଅଜାଣତରେ ଅଂଶୁମାନ ଘର ନିକଟରେ ଥିବା ଏକ ଗାଡିଆ କୁ ଚାଲି ଯାଇ ଥିଲା, ପିଲା ଟିକୁ ନପାଇ ପରିବାର ଲୋକେ ବହୁ ଖୋଜାଖୋଜି ପରେ ଗାଡିଆ ରେ ପଡି ଯାଇ ଥିବା ସନ୍ଦେହ କରି ଗାଡିଆ ଭିତରେ ଖୋଜିବାରୁ ସଜ୍ଞାହୀନ ଅବସ୍ଥାରେ ଶିଶୁ ଟି ଗାଡିଆ ଭିତରୁ ଉଦ୍ଧାର ହୋଇ ଥିଲା, ସଙ୍ଗେ ସଙ୍ଗେ ପରିବାର ଲୋକେ ଶିଶୁ ଟିକୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇ ଭର୍ତ୍ତି କରାଇ ଥିଲେ, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ, ଖବର ପାଇ ବାଲିଆପାଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୧୯/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି, ତେବେ ବାପା ମା ଙ୍କ ର ଏକମାତ୍ର ସନ୍ତାନ ର ଏଭଳି ମୃତ୍ୟୁ ରେ ସମଗ୍ର ଅଞ୍ଚଳ ରେ ଶୋକ ର ଛାୟା ଖେଳିଯାଇଛି।

# ବିଦାୟ ନେଲେ ପାଠକ ମଂଚ, ଉଦଳାର ପ୍ରତିଷ୍ଠାତା ସଦସ୍ୟା 'ଶାନ୍ତିଲତା'

ଉଦଳା, ୨୮/୪ (ନି.ପ୍ର): ଦୈନିକ ଖବର କାଗଜ 'ଧ୍ୱନି ପ୍ରତିଧ୍ୱନି'କୁ କେନ୍ଦ୍ର କରି ଉଦଳାରେ ଗଢ଼ି ଉଠିଥିବା ପାଠକ ମଂଚର ଜଣେ ପ୍ରତିଷ୍ଠାତା ସଦସ୍ୟା ଶାନ୍ତିଲତା ବେହେରା, ଗତ କାଲି ଏପ୍ରିଲ ୨୭ ତାରିଖ ଶନିବାର ଦିନ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଯାଇଛନ୍ତି । କିଛିଦିନ ହେବ ସେ କ୍ୟାନସର ରୋଗରେ ପିଡ଼ିତ ହୋଇ ଚିକିତ୍ସାଧିନ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ବୟସ ୪୫ ବର୍ଷ ହୋଇଥିଲା । ତାଙ୍କର



ଘର ବାଲେଶ୍ୱର ଜିଲ୍ଲା ଅନନ୍ତପୁର ନିକଟ ଜଗନ୍ନାଥପୁର ଗ୍ରାମରେ । ତେବେ ସେ ଉଦଳା ନିକଟ ରାଢ଼ୋ। ଗ୍ରାମସ୍ଥିତ ପ୍ରଫୁଲଚନ୍ଦ୍ରପୁର ଆଶ୍ରମ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତ ଥିବା ସମୟରେ ଏଠାରେ ଗଢ଼ିଉଠିଥିବା ସାରସ୍ୱତ ବଳୟ ଓ ପାଠକ ମଂଚ ସହିତ ଜଡ଼ିତ ଥିଲେ । କବିତା, ଗଳ୍ପ, ପ୍ରବନ୍ଧ ଲେଖାଲେଖି କରିବା ସହିତ ସାରସ୍ୱତ ସାଧନାରେ ସମୟ ବିତାଉଥିଲେ । ଶାନ୍ତିଲତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ପାଠକ ମଂଚ ଉଦଳାର ସମସ୍ତ ସଦସ୍ୟ/ ସଦସ୍ୟା ବୃନ୍ଦ ଗଭିର ଶୋକ ବ୍ୟକ୍ତ କରିଛନ୍ତି । ପାଠକ ମଂଚ ଉଦଳାର ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି ସମସ୍ତେ ଶୋକ ବାର୍ତାରେ କହିଛନ୍ତି ।

# ଇଫକୋ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ ପାଳିତ

ପାରାଦୀପ, ୨୮/୪ (ନି.ପ୍ର): ଇଫକୋ ସାରକାରଖାନା ଟାଉନସିପ୍ରେ ଥିବା ଇଫକୋ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତା, ସମ୍ମାନୀତ ଅତିଥି ଭାବେ ଇଫକୋ ପାରାଦୀପ ୟୁନିଟ୍ର ନିର୍ଦ୍ଦେଶକ କେ.ଜେ.ପଟେଲ, ଜ୍ୟୋତି ଲେଡିଜ୍ କ୍ଲବ୍ର ସଭାନେତ୍ରୀ ମମତା ପଟେଲ୍, ଯୁଗ୍ମ ସାଧାରଣ ପରିଚାଳକ (ଉତ୍ପାଦନ) କେ. ମୋହନ ରାଓ, ସାଧାରଣ ପରିଚାଳକ (ସୂଚନା ଓ ପ୍ରଯୁକ୍ତି)




ଏନ୍.ଆର୍.ନାୟକ, ପିପିଏଲ୍ ଡିଏଭି ସ୍କୁଲର ଅଧକ୍ଷ ସଂଜୀବ କୁମାର ସାହୁ, ପାରାଦୀପ ଡିଏଭି ସ୍କୁଲର ଅଧକ୍ଷ ବିନ୍ଦୁଶ୍ରୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଇଫକୋ ଡିଏଭି ସ୍କୁଲର ଅଧକ୍ଷ ସମ୍ୱିତ ସୁକୁମାର ଚିନାରା ସମାରୋହରେ ପୌରହିତ୍ୟ କରିଥିଲେ। ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ରାକେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ଅଭିଭାବକ, ଛାତ୍ରଛାତ୍ରୀ,ଶିକ୍ଷକଶିକ୍ଷୟତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

# ବେଆଇନ ଗୋ ଚାଲାଣ ପୂର୍ବରୁ ଧରିଲା ପୁଲିସ

କୋରେଇ, ୨୮/୪ (ନି.ପ୍ର): ପାଣିକୋଇଲି ତାନା ଅନ୍ତର୍ଗତ ଗୋଲେପୁର ପଂଚାୟତର ସାହାପୁର ଡାଟରୁ ବେଆଇନ ଗୋ ଚାଲାଣର ଖବର ପାଇ ପୁଲିସ ଚଢାଉ କରିଥିଲା । ବାରମ୍ବାର ପୁଲିସ ଚଢାଉକରି ଗୋ ଚାଲାଣ ରୋକିବାରେ ସକ୍ଷମ ହେଉଥିଲେ ବି ବେଆଇନ ଚୋରା ଗୋ ଚାଲାଣ କାରୀ ଏହାକୁ ଭୃକ୍ଷେପ ନକରି ବାରମ୍ବାର ଲୁକାୟିତ ଭାବେ ଗୋ ଚାଲାଣ କରୁଛନ୍ତି। ହାଟରେ ୬୦ଟି ଗୋରୁ ଚାଲାଣ ପାଇଁ ପ୍ରସ୍ତୁତ ଥିବା ଓ ସେମାନଙ୍କୁ ନେବା ପାଇଁ ଦୁଇଟି ଟ୍ରକ ଆସିଥିବା ଖବର ପାଇ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ସଦଳବଳେ ଚଢାଉ କରିଥିଲେ। ହେଲେ ପୁଲିସ ପହଂଚିବା ଦେଖି ଗୋ ଚାଲାଣକାରୀ ଓ ଗାଡି ଚାଳକ ସମସ୍ତେ ଫେରାର ହୋଇଯାଇଥିଲେ। ମାତ୍ର ସେଠାରେ ଥିବା ୬୦ଟି ଗୋରୁଙ୍କୁ ପୁଲିସ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କୁ ବାଂଟି ଦେଇଥିଲେ।

# ନୀଳଗିରି ଉପଖଣ୍ଡ ସ୍ତରୀୟ ଓକିଲ ସଂଘ ପକ୍ଷରୁ ମଧୁସୂଦନ ଜୟନ୍ତୀ ପାଳିତ

ନୀଳଗିରି, ୨୮/୪ (ନି.ପ୍ର): ନୀଳଗିରି ଉପଖଣ୍ଡ ଓକିଲ ସଂଘ ପକ୍ଷରୁ ଆଇନ୍‌ଜୀବି ଦିବସ ଓ ଉତ୍କଳ ଗୌରବ ମଧୁସୂଦନ ଦାସ ଙ୍କର ଜୟନ୍ତୀ ପାଳିତ ହୋଇଯାଇଛି । ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଓକିଲ ସଂଘ ତରଫରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଜୟନ୍ତୀ ଅବସରରେ ନୀଳଗିରି ସବ୍ ଜଜ୍ ସୁନନ୍ଦା ପ୍ରଧାନ, ଏସ୍. ଡି. ଜେ. ଏମ୍ ଇପ୍‌ସି ମହାନ୍ତି, ଓକିଲ ସଂଘର ସଭାପତି ଚିତ୍ତରଂଜନ ଷଡ଼ଙ୍ଗୀ, ସମ୍ପାଦକ କିଶୋର ଦାସ, ଉପ ସଭାପତି ଗୌରହରି ବେହେରା, ଯତୀନ୍ଦ୍ର ନାୟକ, ଜୟନ୍ତ ସ, ଦେବାନନ୍ଦ ଦାସ, ସଭ୍ୟ ପ୍ରଭାସ ସ୍ୱାଇଁ, ପ୍ରଶାନ୍ତ ମଲ୍ଲିକ, ତନୟ ପାତ୍ର, ବିଘ୍ନେଶ୍ୱର ବାରିକ ପ୍ରମୁଖ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ଉଦଳାରେ 'ସ୍ୱାଭିମାନ ଦିବସ' ପାଳିତ

ଉଦଳା, ୨୮/୪ (ନି.ପ୍ର): ଉତ୍କଳ ଗୌରବ ମଧୁସୂଦନଙ୍କ ୧୭୬ ତମ ଜୟନ୍ତି 'ଆଇନଜୀବି ଦିବସ' ଆଜି ଏପ୍ରିଲ ୨୮ ତାରିଖ ରବିବାର ଦିନ ଉଦଳା ଓକିଲ ସଂଘ ତରଫରୁ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଦିବସଟିକୁ ଓଡ଼ିଶା ସରକାର 'ସ୍ୱାଭିମାନ ଦିବସ' ରୂପେ ଘୋଷଣା କରିଛନ୍ତି । ଏହି ଅବସରରେ ମଧୁବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ ସମସ୍ତେ ମିଳିମିଶି ଉଦଳା ସହର ମଧ୍ୟରେ ପ୍ରତିଷ୍ଠା କରାଯାଇଥିବା ମଧୁବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ସମସ୍ତେ ଓକିଲ ସଂଘ ବୈଠକ ଗୃହ ପରିସରରେ ଏକତ୍ରିତ ହେବା ସହିତ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିଲେ । ଓକିଲ ସଂଘର ସଭାପତି ଲମ୍ବୋଦର ବେହେରା, ଉପସଭାପତି ପ୍ରତିମା ସାହୁ, ସମ୍ପାଦକ ବସନ୍ତ କୁମାର ପରିଡ଼ା, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ ପ୍ରମୁଖ ମଂଚାସିନ ଅତିଥି ଭାବରେ ଯୋଗ ଦେଇ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଗଢ଼ି ତୋଳିବାରେ ମଧୁବାବୁଙ୍କ ଅବଦାନ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପରେ ବରିଷ୍ଠ ଆଇନଜିବି ବିଚିତ୍ର ମୋହନ ନାୟକ , ପ୍ରତାପ ଚନ୍ଦ୍ର ସାହୁ ଓ ବସନ୍ତ କୁମାର ପରିଡ଼ାଙ୍କୁ ସଂଘ ତରଫରୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସମସ୍ତେ ଏକସ୍ୱରରେ 'ବନ୍ଦେ ଉତ୍କଳ ଜନନୀ...' ଗାନ କରିବା ପରେ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ପାଳିତ ହେଲା କୁଳବୃଦ୍ଧ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ

## ଅସ୍ଥି କଙ୍କାଳସାର ଜାତିକୁ ଜୀବନଦାନ ଦେଇଥିଲେ ମଧୁବାବୁ



ବାଲେଶ୍ୱର, ୨୮/୪ (ନି.ପ୍ର): ଉତ୍କଳରଗୌରବ, ଓଡ଼ିଆ ଜାତୀୟ ଜୀବନର ପ୍ରତିଭୂ, ମାତୃଭାଷାକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ଯାହାଙ୍କ ଦୃଢ଼ ନେତୃତ୍ୱ ପାଇଁ ସମ୍ଭବପର ହେଲା, ସେଇ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ୧୭୭ତମ ପୁଣ୍ୟ ଜୟନ୍ତୀ ଉତ୍ସବ ତାଙ୍କରି ହାତଗଢ଼ା ଜାତୀୟ ଅନୁଷ୍ଠା ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲାଶାଖା ପକ୍ଷରୁ ଆଜି ପାଳିତ ହୋଇଛି। ଏକଦା ମଧୁବାବୁ ବାଲେଶ୍ୱର ଜିଲ୍ଲାସ୍କୁଲରେ ଶିକ୍ଷକତା କରିଥିଲେ। ସେହି ପବିତ୍ର ପଦସ୍ପର୍ଶର ପୁଣ୍ୟଭୂମି ଜିଲ୍ଲାସ୍କୁଲ ପରିସରରେ ଉତ୍କଳ ସମ୍ମିଳନୀର ଭୂତପୂର୍ବ ସଭାପତି ପଣ୍ଡିତ ସୁରେନ୍ଦ୍ର ନାଥ କରଙ୍କ ଦ୍ୱାରା ସ୍ଥାପିତ ତାଙ୍କର ପୂର୍ଣ୍ଣାଅବୟବ ପ୍ରତିମୂର୍ତ୍ତିରେ ଆଜି ସକାଳ ସାତଟା ତିରିଶ ମିନିଟରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖାର କର୍ମକର୍ତ୍ତା, ସଦସ୍ୟ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମାଲ୍ୟାର୍ପଣ କରି ଭକ୍ତିଅର୍ଘ୍ୟ ନିବେଦନ ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। ଅସ୍ଥି କଙ୍କାଳସାର ଓଡ଼ିଆ ଜାତୀୟ ଜୀବନକୁ ଜୀବନଦାନ ଦେଇ କୁଳବୃଦ୍ଧ ଭାବେ ଜନମାନସରେ ମଧୁବାବୁ ଆଜି ଚିରପୂଜିତ। ସେ ମାତୃଭୂମି ଓ ମାତୃଭାଷାର ନିରନ୍ତର ସେବା କରିକରିଥିଲେ। କୁଟୀରଶିଳ୍ପର ବିକାଶଠାରୁ ଆରମ୍ଭକରି କାଳଜୟୀ ଦେଶଭକ୍ତିର ଉଦ୍‌ବୋଧନୀ କବିତା ରଚନା କରି ଜଣେ ପ୍ରଣମ୍ୟ କବିଭାବେ ଉତ୍କଳର ପୁରପଲ୍ଲୀରେ ଆଜି ସେ ପ୍ରାତଃସ୍ମରଣୀୟ ହୋଇପାରିଛନ୍ତି। ସେହି ପୁଣ୍ୟାତ୍ମାଙ୍କୁ ତାଙ୍କ ଜୟନ୍ତୀରେ ସ୍ମରଣ କରିବା ପ୍ରତିଟି ଓଡ଼ିଆଙ୍କ ନୈତିକକର୍ତ୍ତବ୍ୟ ବୋଲି ସଭିଏଁ ମତପ୍ରକାଶ କରିଥିଲେ। ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖାର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ, ସଂପାଦକ କାଳୀପଦ ପଣ୍ଡା, ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ଉପଦେଷ୍ଟା ଡ. ରମାକାନ୍ତ ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ସୃଷ୍ଟିଧର ପରିଡ଼ା, ଶରତ କୁମାର ବିଶ୍ୱାଳ, ସୁଦର୍ଶନ ଜେନା, ଗୋପାଳ ଚନ୍ଦ୍ର ନାୟକ, ଡ. ପ୍ରଦୀପ୍ତ କୁମାର ମିଶ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରଫୁଲ୍ଲ କୁମାର ଦାସ, ନିରଂଜନ ପରିଡ଼ା, ରତ୍ନାକର ଦାସ, ପୀତାମ୍ବର ଦାସ, ରବି କୁମାର ପାଣିଗ୍ରାହୀ, ଅନସୂୟା ନାୟକ, ପୂର୍ଣ୍ଣଚନ୍ଦ୍ର ପାତ୍ର, ରାଜେନ୍ଦ୍ର ନାଥ ରାଉତ, ସରୋଜିନୀ ନାୟକ, ବେଣୁଧର ସାହୁ, ତାନଶ୍ରୀ ପାଣିଗ୍ରାହୀ, ଦାମୋଦର ନାୟକ, ଗୋପାଳ ଜେନା, ରମାକାନ୍ତ ମହାନ୍ତି, ରାଜେଶ ଗିରି, ଅରବିନ୍ଦ ପାଳ, ସରସ୍ୱତୀ ପଣ୍ଡା, ସଂଯୁକ୍ତା ବେହେରା, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ତୁଷାରକାନ୍ତି ତପସ୍ୱୀ, ପଦ୍ମଲୋଚନ ଦତ୍ତ, ସୁରେନ୍ଦ୍ର ପ୍ରସାଦ ସାହୁ, ସାଇ ଆୟୁଷ୍ମାନ ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ।

# ଶ୍ରୀ ମା' ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ରରେ ମାଗଣା ସ୍ୱାସ୍ଥ୍ୟ ଶିବିର

ବଡ଼ସାହି , ୨୮/୪ (ନି.ପ୍ର): ଏହି ବ୍ଲକ ଅଧିନ ବିଜିପୁର ସ୍ଥିତ ଶ୍ରୀ ମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ରେ ଡାକ୍ତର ଶ୍ରୀ କିଶୋର ଚନ୍ଦ୍ର ମହାପାତ୍ର (ଉପନିର୍ଦ୍ଦେଶକ ନିରତାର ଓଲଟପୁର)ଙ୍କ ପୌରହିତ୍ୟରେ ସ୍ୱେଡେନର ବିଶିଷ୍ଟ ଆଣ୍ଠୁ ଗଣ୍ଠି ରୋଗ ବିଶେଷଜ୍ଞ ରବିନାରାୟଣ ଦାସ ତଥା ଫିଜିଓଥେରାପିଷ୍ଟ ହିତାର୍ଥ ପଟ୍ଟନାୟକ ଏବଂ ଅକୁପେସନାଲ ଥେରାପିଷ୍ଟ ଅଞ୍ଜଳିକା ଗାଁଣ ଉପସ୍ଥିତ ହୋଇ ଶନିବାର ସକାଳ ୭ ଠାରୁ ଦିବା ୧୨ ଘଟିକା ପଯ୍ୟନ୍ତ ମାଗଣା ଆଣ୍ଠୁ ଗଣ୍ଠି ରୋଗ ଏବଂ ତଦ୍ଜନିତ ସମସ୍ୟା ର ଚିକିତ୍ସା ନିମନ୍ତେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅଞ୍ଚଳର ତଥା ବାହାରୁ ମୋଟ ୮୦ ରୁ ଉର୍ଦ୍ଧ ରୋଗୀ ମାନେ ଏସବୁ ର ସୁଯୋଗ ନେଇ ନିଜର ସମସ୍ୟାର ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଶ୍ରୀ ସର୍ବେଶ୍ୱର ଛେନା, ଅନିରୁଦ୍ଧ ରାଉତ,



ରଂଜିତ ନାୟକ, ନୀଳକଣ୍ଠ ନାୟକ, ଜଗଦିଶ ସାହୁ, ଅରୁଣ ସିଂହ , ସନ୍ତୋଷ ଖଣ୍ଡା, କରୁଣାକର ମହାପାତ୍ର , ଅନିତା ମହାପାତ୍ର, ସବିତା ମହାପାତ୍ର ତଥା ଅନ୍ୟ ଗ୍ରାମବାସୀମାନେ ସହଯୋଗ ରଖିଥିଲେ। ଏହି ସେବା ନିକଟରେ ପହଞ୍ଚି ଥିବାରୁ ଏହି ଅଞ୍ଚଳର ଜନସାଧାରଣ ଖୁସି ବ୍ୟକ୍ତ କରିବା ସହିତ ଏହି ଅନୁଷ୍ଠାନ ଏଭଳି ପ୍ରୟାସ କୁ ଭୁରି ଭୁରି ପ୍ରଶଂସା କରିଥିଲେ । ଏଭଳି ମହାନ କାର୍ଯ୍ୟ ପାଇଁ ଶ୍ରୀ ମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ର କର୍ମକର୍ତ୍ତା ମାନଙ୍କୁ ନିଜର କୃତଜ୍ଞତା ଜଣାଇବା ସହିତ ଆଗାମୀ ଦିନରେ ଏହି ପରି ମହତ୍ କାର୍ଯ୍ୟ କରିବା ପାଇଁ ଶୁଭେଚ୍ଛା ସହ ଶୁଭକାମନା ଜଣାଇଥିଲେ।ଏଭଳି ମହତ୍ କାର୍ଯ୍ୟ ପାଇଁ ସମସ୍ତେ ଡ଼ାକ୍ତର କିଶୋର ମହାପାତ୍ରଙ୍କୁ ବଳିଷ୍ଠ ଉଦ୍ୟମ କୁ ତାରିଫ କରିବା ସହିତ ସାଧୁବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo